ମହାପୁରୁଷ ଅଚ୍ୟୁତାନନ୍ଦଙ୍କ
ଗୁରିଖାନି ବା ଶବ୍ଦ ବ୍ରହ୍ମସହିତା

ସମ୍ପାଦନା
ଡକ୍ଟର୍ କୃଷ୍ଣଚରଣ ସାହୁ

Digitized by srujanika@gmail.com

ମହାପୁରୁଷ ଅଚ୍ୟୁତାନନ୍ଦଙ୍କ

ଚଉରଖାନି ବା ଶବ୍ଦ ବ୍ରହ୍ମ ସଂହିତା

ସମ୍ପାଦନା

ଡକ୍ଟର କୃଷ୍ଣଚରଣ ସାହୁ

ରିଡର, ଓଡ଼ିଆ ବିଭାଗ,

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

ବୁକ୍ସ୍ ଏଣ୍ଡ ବୁକ୍ସ୍

ବିନୋଦ ବିହାରୀ, କଟକ

Digitized by srujanika@gmail.com

ମହାପୁରୁଷ ଅଚ୍ୟୁତାନନ୍ଦଙ୍କ

ଗୁରଖାନ ବା ଶବ୍ଦ ବ୍ରହ୍ମ ସଂହିତା

ସଂପାଦନା

ଡକ୍ଟର କୃଷ୍ଣଚରଣ ସାହୁ

ପ୍ରକାଶକ

ବକ୍ସ୍ ଏଣ୍ଡ୍ ବୁକ୍ସ୍

ବିନୋଦ ବିହାରୀ, କଟକ

ପ୍ରକାଶକାଳ

୧୯୭୯-ବିଷୁବ ସଂକ୍ରାନ୍ତି

ମୁଦ୍ରକ

ଲଲ ପ୍ରେସ

କଟକ

ମୂଲ୍ୟ—ତିନିଟଙ୍କା

ଶୋଭନ—ଚାରଟଙ୍କା ମାତ୍ର

Digitized by srujanika@gmail.com

ମୁଖବନ୍ଧ

ଅଚ୍ୟୁତାନନ୍ଦ ଷୋଡ଼ଶ ଶତାବ୍ଦୀ ଓଡ଼ିଶାର ଜଣେ ବରିଷ୍ଠ ବ୍ୟକ୍ତି । ପରବର୍ତ୍ତୀ ଯୁଗରେ ତାଙ୍କର ପ୍ରସିଦ୍ଧି ବହୁ ଦୃଷ୍ଟିରୁ ପ୍ରଚାର କରାଯାଇଛି । ସେ ଯେ କେବଳ ପଞ୍ଚସଖା-ମାନଙ୍କ ମଧ୍ୟରୁ ଜଣେ ଥିଲେ, ତାହା ନୁହେଁ ସେ ଥିଲେ ଜଗନ୍ନାଥଙ୍କର ଅତ୍ୟନ୍ତ ଅନ୍ତରଙ୍ଗ, ଶ୍ରୀଚୈତନ୍ୟଙ୍କର ସହଯାତ୍ରୀ, ଗୋପାଳ ଜାତିର ବରେଣ୍ୟଗୁରୁ, ନେମାଳ ତୀର୍ଥର ସ୍ରଷ୍ଟା, ଓଡ଼ିଶା'ରେ ଗ୍ରନ୍ଥାଗାରର ପ୍ରତିଷ୍ଠାତା ତଥା ପ୍ରଚାରକ, ବହୁ ଅଲୌକିକ କାହାଣୀର ନାୟକ, ଭବିଷ୍ୟତ ଦ୍ରଷ୍ଟା ଓ ଲକ୍ଷାଧିକ ଗ୍ରନ୍ଥର ପ୍ରଣେତା । ତାଙ୍କର ପ୍ରସିଦ୍ଧିକୁ ଏପରି ଭାବେ ପ୍ରଚାର କରାଯାଇଛି, ଯେ ତାଙ୍କ ଭଣିତା ଥିବା ଯେ କୌଣସି ଗ୍ରନ୍ଥକୁ ଲୋକସାଧାରଣ ପ୍ରାମାଣିକ ଗ୍ରନ୍ଥରୂପେ ଗ୍ରହଣ କରିବାକୁ କୁଣ୍ଠା ପ୍ରକାଶ କରନ୍ତିନାହିଁ ଏବଂ ବାରମ୍ବାର ସେଥିରୁ ପଦ ଆବୃତ୍ତି କରି ଭବିଷ୍ୟତ ଯୁଗ ସମ୍ବନ୍ଧରେ ଟିପ୍ପଣୀ ପ୍ରଦାନ କରିଥାନ୍ତି । ତାଙ୍କ ରଚିତ 'ଶୂନ୍ୟ ସଂହିତା' ତାଙ୍କ ଶିଷ୍ୟ ପରମ୍ପରାରେ ଗୀତା ଓ ଭାଗବତ ପରି ସମ୍ମାନିତ । ଧର୍ମ ଅର୍ଜ୍ଜନ କରିବା ପାଇଁ ଏଥିରୁ ଅଧ୍ୟାୟେ ପାଠ କରିବା ଏହି ସଂପ୍ରଦାୟର ଆଚରିତ ବିଧି । ଅଚ୍ୟୁତଙ୍କର ଏହି ପ୍ରସିଦ୍ଧି, ବହୁ ଯୁଗ ଓ ବହୁ ଅଚ୍ୟୁତଙ୍କ ସମବାୟ ଚେଷ୍ଟାର ଫଳ ବୋଲି ବହୁ ଦୃଷ୍ଟିରୁ ଜାଣି ହେଉଥିଲେ ହେଁ ଏହାକୁ ଯୁକ୍ତିଯୁକ୍ତ ଭାବେ ପ୍ରମାଣ କରିବା ବହୁ ସମୟ ଓ ଗବେଷଣା ସାପେକ୍ଷ ।

ଅଚ୍ୟୁତାନନ୍ଦଙ୍କର ଅଗଣିତ ଗ୍ରନ୍ଥରାଜି ମଧ୍ୟରୁ 'ବୃଶଖାନ' ବା 'ଶବ୍ଦବ୍ରହ୍ମ ସଂହିତା' ବହୁ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ । ଏହାର ପ୍ରଥମ ମହତ୍ତ୍ୱ ହେଉଛି ଯେ କବି ଏଥିରେ ଏହାର ରଚନାକାଳର ଉଲ୍ଲେଖ ନିର୍ଦ୍ଦିଷ୍ଟ ଭାବେ କରି ଲେଖିଛନ୍ତି—

"ସେ ମହାରାଜାଙ୍କ ପଚିଶ ଅଙ୍କେ
ଶବଦ ବ୍ରହ୍ମ ମୁଁ କଲି ନିଶଙ୍କେ ।"

(ପ୍ରଥମଖାନ, ୧୬୪ ପଦ)

ସେ ମହାରାଜା ଅର୍ଥାତ୍ ପ୍ରତାପରୁଦ୍ରଙ୍କ ପଚିଶ ଅଙ୍କ ହେଉଛି ୧୫୧୭ ଖ୍ରୀଷ୍ଟାବ୍ଦ । ଏହି ଗ୍ରନ୍ଥରେ କବି ଯେ କେବଳ ଗ୍ରନ୍ଥର ରଚନାକାଳ ପ୍ରଦାନ କରିଛନ୍ତି ତା' ନୁହେଁ, ନିଜଙ୍କ ବୟସର ମଧ୍ୟ ସୂଚନା ଦେଇଛନ୍ତି—

"ମୁହିଁ ଯେ ଜଣେ ହୋଇଅଛୁ ଲେଖା
ଭିନେ ଆସ୍ଥିତ ମୋହର ଏକା ।
କୁମାର ଯୁବା ଯେ ଜ୍ୱାର ଅବସ୍ଥା
ଏହି ହେଲି ମୋର ତିନି ଅବସ୍ଥା ।"

(ପ୍ରଥମଖାନ, ୬୦-୬୧ ପଦ)

Digitized by srujanika@gmail.com

[illegible] ନିଜ ଦୈହିକ ଅବସ୍ଥାର ଯେଉଁ ଚିତ୍ର ଦେଇଛନ୍ତି, ସେଥିରୁ ଏହା ଆହୁରି ସ୍ପଷ୍ଟ ହୋଇଥାଏ । କବି ବାଲ୍ୟକାଳ ସମୟର ସୂଚନା ଦେଇ ଲେଖିଛନ୍ତି—

"ଯିବ ହୋଇଥିଲି ବାଲ୍ୟ ଭାବେ
ସେ କଥାମାନ ପାଶୋରିଲି ଏବେ ।
ସମସ୍ତେ ଶିଶୁ ପୁଅଙ୍କର ସଙ୍ଗେ
ଦିନ ବଞ୍ଚିଲି କଥା ଖେଳ ରଙ୍ଗେ ।
ତଦ ଅନ୍ତରେ ମୁଁ ପଢ଼ିଲି ପାଠ
ଥୋକାଏ ଜାଣିଲି ବିଦ୍ୟାର ବାଟ ।
ବିଦ୍ୟାର ବିବେକେ ବୁଦ୍ଧି ବଢ଼ିଲି
ଅବିବେକ ପଣ କିଛି ଛାଡ଼ିଲି ।"

(ପ୍ରଥମଖଣ୍ଡ, ୭୨-୭୫ ପଦ)

କବିଙ୍କ ହୃଦୟରେ ବିବେକ ଉଦୟ ହେବା ପରେ ସେ ଯେ ମାୟାମୋହରେ ଆବଦ୍ଧ ହୋଇପଡ଼ିଛନ୍ତି, ସେ କଥା ସେ ଭଲ ଭାବରେ ବୁଝି ପାରିଥିଲେ । ମୃଗତୃଷ୍ଣା ପୁଣି ସ୍ୱପ୍ନରୂପେ ପ୍ରତୀୟମାନ ହେଉଥିବା ସଂସାରରୁ ମୁକ୍ତ ପାଇବା ପାଇଁ ସେ ଚେଷ୍ଟାକଲେ । ସେତିକବେଳେ ତାଙ୍କ ନିଜ ଶରୀରର ଅବସ୍ଥା ତାଙ୍କୁ ଆହୁରି ବ୍ୟଥିତ କରିଥିଲା । ତାଙ୍କର ଆଖି ଆଗରେ ଆତ୍ମ କୁଟୁମ୍ବମାନଙ୍କ ମଧ୍ୟରୁ ଜଣକ ପରେ ଜଣେ ସଂସାରରୁ ବିଦାୟ ନେଇ ଯାଉଥିବା ଦେଖି ସେ ବିବ୍ରତ ହୋଇ ଲେଖିଛନ୍ତି—

"ଆବର ପ୍ରତ୍ୟେକେ ଦେଖିଲି ଯାହା
ଚିତ୍ତ ଚମକଇ କହିଲେ ତାହା ।
ମୋହର ଦେଖୁ ଦେଖୁ ଯେତେ ଗଲେ
ଜଣେ ହେଁ କେହି ବାହୁଡ଼ି ନଇଲେ ।
ଏତେ ମାୟାମୋହ କ୍ଷଣକେ ଛାଡ଼ି
ଯେତେକ ମଲେ ନଇଲେ ବାହୁଡ଼ି ।
ଯେତେ ହୋଇବ ତେତେ ହୋଉ ଜନା
ସବୁ ଜାଣିଲି ଏହି ମତ୍ତ ସିନା ।"

ସଂସାରର ନଶ୍ୱରତା ବିଷୟରେ ସଚେତନ ହେବାପାଇଁ କୌଣସି ନିର୍ଦ୍ଦିଷ୍ଟ ବୟସକୁ ସ୍ଥିର କରାଯାଇ ପାରେନାହିଁ । ଏହି ପ୍ରକାର ଭାବନା ମନୁଷ୍ୟର ଯେ କୌଣସି ବୟସରେ ଆସିପାରେ । ତେବେ ବି ସାରଳା ଦାସ ଶହେ ବର୍ଷ ପର୍ଯ୍ୟନ୍ତ ଜୀବିତ ରହୁଥିବା ମନୁଷ୍ୟର ବୟସ ଓ ମାନସିକ ଅବସ୍ଥାର ଯେଉଁ ଚିତ୍ର ଦେଇଛନ୍ତି ସେଥିରୁ ଏ ବିଷୟରେ କିଛି ଧାରଣା କରାଯାଇପାରେ ।

Digitized by srujanika@gmail.com

ସାରଳା ଦାସ କହିଛନ୍ତି—

"ପଞ୍ଚଦଶ ପର୍ଯ୍ୟନ୍ତେ ବାଳୁତ ହୋଇଥାଇ
ବିଂଶ ପଞ୍ଚ ବରଷେ ଶୃଙ୍ଗାର ଇଚ୍ଛଇ ।
ନାନା ସୁନ୍ଦର ହୋଇଥାଇଂ ପଞ୍ଚତିରିଶ ବରଷ ପର୍ଯ୍ୟନ୍ତେ
ମଦମତ୍ତ ହୋଇଥାଇ କାହିଁ ନ ଲେଖଇ ଦର୍ପ ଅର୍ଥେ ।
ପଞ୍ଚତିରିଶ ବରଷ ଉତ୍ତାରେ ଗୁଣ୍ଡଇ ସେ ସେମାନ ।
ବିଚକ୍ଷଣ ବୁଦ୍ଧି ଘେନଇ ଇଚ୍ଛଇ ସନ୍ତାନମାନ ।
ଚାଳିଶ ବରଷ ସହୁଂ ହୋଇଥାଇ ପରବେଶ
ତହୁଂ ବୁଦ୍ଧି ଆସି ହୋଇଥାଇ ପ୍ରକାଶ ।
ଧନ ସନ୍ତାନ ଇଚ୍ଛଇ ଆପଣେ ଆପେ ପୁଣି
ଦେବତା ବ୍ରାହ୍ମଣେ ଭକତ ପିତାମାତା ଜାଣି ।
ଚାଳିଶ ପାଞ୍ଚଶ ଯେ ପଞ୍ଚାଶ ବରଷ ପ୍ରବେଶ
ବୀର୍ଯ୍ୟ ପତନ ହୋଇଥାଇ ଜନ ତନୁ ଆଳସ୍ୟ ।
ଷାଠିଏ ବରଷ ହୋଇଥାନ୍ତେଣ ପ୍ରାଣୀ
କାମଚନ୍ଦ୍ର ଗୁଣ୍ଡଇ ସେ ରହଇ ସେ ଠାବ ଜାଣି ।"

(ସା. ମ ଆଦିପର୍ବ, ପୃ—୧୮୧)

ଅଶୀତ ବର୍ଷରେ ମଣିଷର ବୀର୍ଯ୍ୟ ନାଶ ଯାଏ, କାମଦେବର କଳା ଲୋପ ପାଏ ଏବଂ ସେ ଶୋଳମତ ହୋଇଯାଏ । ଅଶୀ ବର୍ଷରେ ଚିତ୍ତ ଭ୍ରମେ ନବେ ବର୍ଷରେ ପର୍ସ୍ପର ଚିହ୍ନି ପାରେନାହିଁ ଏବଂ ଶହେ ବର୍ଷ ହେଲେ ବାଳୁତମ ନଙ୍କପର ଆଚରଣ ପ୍ରକାଶ କରେ । ସାରଳା ଦାସଙ୍କ ପର ଭାଗବତକାର ମଧ୍ୟ ମନୁଷ୍ୟର ବୟସକୁ ଅବସ୍ଥା ଭେଦରେ ବର୍ଣ୍ଣନା କରିଛନ୍ତି ।

"ଗର୍ଭେ ପ୍ରବେଶ, ଜନ୍ମବୃଦ୍ଧି
ବାଳୁତ ପଞ୍ଚମ ଅବଧି ।
କୁମାର ଅବସ୍ଥା ଷୋଡ଼ଶ
ଯୌବନ ତ୍ରିଂଶ ବରଷେ ।
ମଧ୍ୟମ ବୟସ ଷାଠିଏ
ଜରା, ମରଣ, ନବ ହୋଏ ।"

(ଏକାଦଶ ସ୍କନ୍ଧ, ତ୍ରୟୋବିଂଶ ଅଧ୍ୟାୟ, ୪୭ ପଦ)

ସାରଳା ଦାସ, ଜଗନ୍ନାଥ ଦାସ ଓ ଅଚ୍ୟୁତଙ୍କ ବର୍ଣ୍ଣନା କ୍ରମକୁ ଅନୁସରଣ କରି 'ଗୁରୁଭକ୍ତି'ର ରଚନା ବେଳକୁ ଅଚ୍ୟୁତଙ୍କ ବୟସ ସମ୍ବନ୍ଧରେ ଏକ ସ୍ଥୂଳଧାରଣା କରାଯାଇ-ପାରେ । ଅଚ୍ୟୁତ ତାଙ୍କ ଦେହରେ କୁମାର, ଯୁବା ଓ ଜରା ଅବସ୍ଥା ଭୋଗ କରିଥିବା

Digitized by srujanika@gmail.com

ସେ ନିଜ ଦୈହିକ ଅବସ୍ଥାର ଯେଉଁ ଚିତ୍ର ଦେଇଛନ୍ତି, ସେଥିରୁ ଏହା ଆହୁରି ସ୍ପଷ୍ଟ ହୋଇଥାଏ । କବି ବାଳୁତ ସମୟର ସୂଚନା ଦେଇ ଲେଖିଛନ୍ତି—

“ଯିସ ହୋଇଥିଲି ବାଳୁତ ଭାବେ
ସେ କଥାମାନ ପାଶୋରିଲି ଏବେ ।
ସମସ୍ତେ ଶିଶୁ ପୁଅଙ୍କର ସଙ୍ଗେ
ଦିନ ବଞ୍ଚିଲି କଥା ଖେଳ ରଙ୍ଗେ ।
ତଦ ଅନ୍ତରେ ମୁଁ ପଢ଼ିଲି ପାଠ
ଥୋକାଏ ଜାଣିଲି ବିଦ୍ୟାର ବାଟ ।
ବିଦ୍ୟାର ବିବେକେ ବୁଦ୍ଧି ବଢ଼ିଲା
ଅବିବେକ ପଣ କିଛି ଛାଡ଼ିଲା ।”

(ପ୍ରଥମଖାଣ୍ଡ, ୭୨-୭୫ ପଦ)

କବିଙ୍କ ହୃଦୟରେ ବିବେକ ଉଦୟ ହେବା ପରେ ସେ ଯେ ମାୟାମୋହରେ ଆବଦ୍ଧ ହୋଇପଡ଼ିଛନ୍ତି, ସେ କଥା ସେ ଭଲ ଭାବରେ ବୁଝି ପାରୁଥିଲେ । ମୃଗତୃଷ୍ଣା ପୁଣି ସ୍ୱପ୍ନରୂପେ ପ୍ରତୀୟମାନ ହେଉଥିବା ସଂସାରରୁ ମୁକ୍ତି ପାଇବା ପାଇଁ ସେ ଚେଷ୍ଟାକଲେ । ସେତିକିବେଳେ ତାଙ୍କ ନିଜ ଶରୀରର ଅବସ୍ଥା ତାଙ୍କୁ ଆହୁରି ବ୍ୟଥିତ କରିଥିଲା । ତାଙ୍କର ଆଖି ଆଗରେ ଇଷ୍ଟ କୁଟୁମ୍ବମାନଙ୍କ ମଧ୍ୟରୁ ଜଣକ ପରେ ଜଣେ ସଂସାରରୁ ବିଦାୟ ନେଇ ଯାଉଥିବା ଦେଖି ସେ ବିବ୍ରତ ହୋଇ ଲେଖିଛନ୍ତି—

“ଆବର ପ୍ରତ୍ୟକ୍ଷେ ଦେଖିଲି ଯାହା
ଚିତ୍ତ ଚମକଇ କହିଲେ ତାହା ।
ମୋହର ଦେଖୁ ଦେଖୁ ଯେତେ ଗଲେ
ଜଣେ ହେଂ କେହି ବାହୁଡ଼ି ନଇଲେ ।
ଏତେ ମାୟାମୋହ କ୍ଷଣକେ ଛାଡ଼ି
ଯେତେକ ମଲେ ନଇଲେ ବାହୁଡ଼ି ।
ଯେଡ଼େ ହୋଇବ ତେଡ଼େ ହୋଉ କିନା
ସବୁ ଜାଣିଲି ଏହି ମତି ସିନା ।”

ସଂସାରର ନଶ୍ୱରତା ବିଷୟରେ ସଚେତନ ହେବାପାଇଁ କୌଣସି ନିର୍ଦ୍ଦିଷ୍ଟ ବୟସକୁ ସ୍ଥିର କରିଯାଇ ପାରେନାହିଁ । ଏହି ପ୍ରକାର ଭାବନା ମନୁଷ୍ୟର ଯେ କୌଣସି ବୟସରେ ଆସିପାରେ । ତେବେ ବି ସାରଳା ଦାସ ଶହେ ବର୍ଷ ପର୍ଯ୍ୟନ୍ତ ଜୀବିତ ରହୁଥିବା ମନୁଷ୍ୟର ବୟସ ଓ ମାନସିକ ଅବସ୍ଥାର ଯେଉଁ ଚିତ୍ର ଦେଇଛନ୍ତି ସେଥିରୁ ଏ ବିଷୟରେ କିଛି ଧାରଣା କରିଯାଇପାରେ ।

Digitized by srujanika@gmail.com

ସାରଳା ଦାସ କହିଛନ୍ତି—

"ପଞ୍ଚଦଶ ପର୍ଯ୍ୟନ୍ତେ ବାଳୁତ ହୋଇଥାଇ
ବିଂଶ ପଞ୍ଚ ବରଷେ ଶୃଙ୍ଗାର ଇଚ୍ଛାଇ ।
ନାନା ସୁନ୍ଦର ହୋଇଥାଇଂ ପଞ୍ଚଦଶ ବରଷ ପର୍ଯ୍ୟନ୍ତେ
ମହାମତ୍ତ ହୋଇଥାଇ କାହିଁ ନ ଲେଖଇ ଦର୍ପ ଅର୍ଥେ ।
ପଞ୍ଚଦଶ ବରଷ ଉତ୍ତାରେ ଗୁଡ଼ଇ ସେ ସେମାନ ।
ବଚକ୍ଷଣ ବୁଦ୍ଧି ଧରଇ ଇଚ୍ଛଇ ସନ୍ତାନମାନ ।
ତ୍ରିଂଶ ବରଷ ସହୁଂ ହୋଅଇ ପରବେଶ
ତହୁଂ ବୁଦ୍ଧି ଆସି ହୋଅଇ ପ୍ରକାଶ ।
ଧନ ସନ୍ତାନ ଇଚ୍ଛଇ ଆପଣେ ଆପେ ପୁଣି
ଦେବତା ବ୍ରାହ୍ମଣେ ଭଗତ ପିତାମାତା ଜାଣି ।
ଚ୍ୱାଳିଶ ଯାଇଣ ଯେ ପଞ୍ଚାଶ ବରଷ ପ୍ରବେଶ
ବାର୍ଦ୍ଧିକ ପତନ ହୋଅଇ ନିଜ ତନୁ ଆଳସ୍ୟ ।
ଷାଠିଏ ବରଷ ହୋଅନ୍ତେଣ ପ୍ରାଣୀ
କାମଚନ୍ଦ୍ର ଗୁଡ଼ଇ ସେ ରହଇ ସେ ଠାବଜାଣି ।"

(ସା. ମ ଆଦିପର୍ବ, ପୃ—୧୮୧)

ଚତୁର୍ଥ ବର୍ଷରେ ମଣିଷର ବାର୍ଦ୍ଧକ୍ୟ ନାଶ ଯାଏ, କାମଦେବର କ୍ରୀଡ଼ା ଲୋପ ପାଏ ଏବଂ ସେ ଚେତନମତ ହୋଇଯାଏ । ଅଶୀ ବର୍ଷରେ ଚକ୍ଷୁ ଭ୍ରମେ ନବେ ବର୍ଷରେ ପଲ୍ଲପର ଚର୍ମ୍ମ ପାରେନାହିଁ ଏବଂ ଶହେ ବର୍ଷ ହେଲେ ବାଳୁତମ ନକଂପର ଆଚରଣ ପ୍ରକାଶ କରେ । ସାରଳା ଦାସଙ୍କ ପରେ ଭାଗବତକାର ମଧ୍ୟ ମନୁଷ୍ୟର ବୟସକୁ ଅବସ୍ଥା ଭେଦରେ ବର୍ଣ୍ଣନା କରିଛନ୍ତି ।

"ଗର୍ଭେ ପ୍ରବେଶ, ଜନ୍ମବୃଦ୍ଧି
ବାଳୁତ ପଞ୍ଚମ ଅବଧି ।
କୁମାର ଅବସ୍ଥା ଷୋଡ଼ଶ
ଯୌବନ ତ୍ରିଂଶ ବରଷେ ।
ମଧ୍ୟମ ବୟସ ଷାଠିଏ
ଜରା, ମରଣ, ନବ ହୋଏ ।"

(ଏକାଦଶ ସ୍କନ୍ଧ, ତ୍ରୟୋବିଂଶ ଅଧ୍ୟାୟ, ୪୭ ପଦ)

ସାରଳା ଦାସ, ଜଗନ୍ନାଥ ଦାସ ଓ ଅଚ୍ୟୁତଙ୍କ ବର୍ଣ୍ଣନା କ୍ରମକୁ ଅନୁସରଣ କରି 'ଶୂନ୍ୟସଂହିତା'ର ରଚନା ବେଳକୁ ଅଚ୍ୟୁତଙ୍କ ବୟସ ସମ୍ବନ୍ଧରେ ଏକ ସ୍ଥୂଳଧାରଣା କରିଯାଇପାରେ । ଅଚ୍ୟୁତ ତାଙ୍କ ଦେହରେ କୁମାର, ଯୁବା ଓ ଜରା ଅବସ୍ଥା ଭୋଗ କରିଥିବା

Digitized by srujanika@gmail.com

ସ୍ପଷ୍ଟ ବର୍ଣ୍ଣନା କରିଅଛନ୍ତି । ଏହା ବ୍ୟତୀତ "ମୋହର ଦେଖି ଦେଖି ସେତେଗଲେ,. ଜଣେ ହେଁ କେହି ବାହୁଡ଼ି ନଗଲେ ।" ପୁଣି "ଏହି କଥାମାନ ମନରେ ଗୁଣି, ଶରୀର ବ୍ୟଥା ପାଉଅଛି ପୁଣି ।" ପ୍ରଭୃତି ଉକ୍ତି ଜରା ଅବସ୍ଥାର ଦ୍ୟୋତକ । ତା' ହେଲେ ଗ୍ରନ୍ଥ ରଚନା କଲାବେଳକୁ ଉଭୟ ସାରଳା ଦାସ ଓ ଭାଗବତକାରଙ୍କ ମତରେ ଅଚ୍ୟୁତଙ୍କ ଷାଠିଏ ବର୍ଷରୁ ଅଧିକ ହୋଇଥିବ । ସାଧାରଣ ମତରେ ମଧ୍ୟ ଷାଠିଏ ବର୍ଷରୁ ଉର୍ଦ୍ଧ୍ୱକୁ ଜରା ଅବସ୍ଥା କୁହାଯାଇଥାଏ । କବିଙ୍କର ଉକ୍ତି ଅର୍ଥାତ "କୁମାର ଯୁବା ଯେ ଜ୍ୱାରା ଅବସ୍ଥା, ଏହି ଦେହ ମୋର ତିନି ଅବସ୍ଥା ।" କୁ ପ୍ରମାଣ ରୂପେ ଗ୍ରହଣ କଲେ କବିଙ୍କ ଜନ୍ମକାଳ ହେଲା ୧୪୭୫ ଖ୍ରୀଷ୍ଟାବ୍ଦ । ତେଣୁ କବି ତାଙ୍କ ଜୀବନରେ ତିନୋଟି ରାଜାଙ୍କର ରାଜତ୍ୱ ଭୋଗ କରିଥିବା ସମ୍ଭବ । ସେଥିପାଇଁ କବି ପ୍ରତାପରୁଦ୍ରଙ୍କ ପ୍ରଶସ୍ତି ଗାନ କଲାବେଳେ ଜୀବନରେ ଦେଖିଥିବା ତିନିଜଣ ରାଜାଙ୍କୁ ସ୍ମରଣ କରିଛନ୍ତି ।

"ସୂର୍ଯ୍ୟ ବଂଶେଣ ମହୀପତି ସାର
କପିଳରୁଦ୍ର ନୃପତି କୁମାର ।
ଶ୍ରୀ ପୁରୁଷୋତ୍ତମ ନୃପ ତନୁଜା
ପ୍ରତାପରୁଦ୍ର ଦେବ ମହାରାଜା ।
ରବିତଳେ ଆନ ନାହିଁ ଉପମା
ସପତ ଦ୍ୱୀପ ପୃଥ୍ୱୀ ଯାର ସୀମା ।
(ପ୍ରଥମଖଣ୍ଡ, ୧୧୯—୧୨୧ ପଦ)

ସୂର୍ଯ୍ୟବଂଶୀୟ ରାଜାମାନଙ୍କର ରାଜତ୍ୱକାଳ ଓଡ଼ିଶା ଦୃଷ୍ଟିରୁ ବିଶେଷ ମହତ୍ତ୍ୱପୂର୍ଣ୍ଣ । ଏହି ସମୟରେ କପିଳେନ୍ଦ୍ରଦେବ ଗଙ୍ଗାଠାରୁ କୃଷ୍ଣା ପର୍ଯ୍ୟନ୍ତ ରାଜ୍ୟ ଜୟ କରି ଓଡ଼ିଶାର ସୀମାକୁ ବହୁ ବିସ୍ତୃତ କରିପାରିଥିଲେ । ଖାରବେଳଙ୍କ ପରେ ଦ୍ୱିତୀୟଥର ପାଇଁ ଓଡ଼ିଶାର ଅଧିବାସୀମାନେ ଏହି ସୌଭାଗ୍ୟରେ ଗୌରବାନ୍ୱିତ ହୋଇ ନିଜକୁ ଭାରତବର୍ଷ ସମ୍ମୁଖରେ ଏକ ସ୍ୱାଧୀନ ଓ ବଳିଷ୍ଠ ଜାତି ଭାବରେ ପ୍ରତିପାଦିତ କରିଥିଲେ । କପିଳେନ୍ଦ୍ରଙ୍କ ରାଜତ୍ୱ ୧୪୬୭ ଖ୍ରୀଷ୍ଟାବ୍ଦରେ ସମାପ୍ତ ହୁଏ । ସେତେବେଳକୁ ଅଚ୍ୟୁତଙ୍କ ବୟସ ୧୧ ବର୍ଷ ଅର୍ଥାତ ତାଙ୍କର ବାଲ୍ୟକାଳ । କପିଳେନ୍ଦ୍ରଦେବଙ୍କ ପରେ ଓଡ଼ିଶାର ଦୁର୍ଦ୍ଧର୍ଷ ସାମରିକ-ବାହିନୀ ବହୁ ଯୁଦ୍ଧରେ ପରାଜୟର ସମ୍ମୁଖୀନ ହେଲେ । ଦାକ୍ଷିଣାତ୍ୟର ପ୍ରତାପଶାଳୀ ରାଜାମାନେ ଖଣ୍ଡ ଖଣ୍ଡ କରି ଓଡ଼ିଶାର ଦକ୍ଷିଣାଞ୍ଚଳର ବହୁ ଅଂଶକୁ ଅଧିକାର କରି ଓଡ଼ିଶାର ସୀମାକୁ ସଙ୍କୁଚିତ କରିଦେଲେ । ପୁରୁଷୋତ୍ତମଙ୍କ ରାଜତ୍ୱର ଶେଷ ଭାଗରେ ଏହି ପରିସ୍ଥିତିରେ ଉନ୍ନତି ହୋଇଥିଲେ ହେଁ ଏହା ଅଧିକ ସ୍ଥାୟୀ ହେଲା ନାହିଁ । ତାଙ୍କ ରାଜତ୍ୱ ଶେଷ ହୁଏ ୧୪୯୮ ଖ୍ରୀଷ୍ଟାବ୍ଦରେ । ସେତେବେଳକୁ ଅଚ୍ୟୁତଙ୍କର ବୟସ ହେଉଛି ୪୨ ବର୍ଷ । ଅଚ୍ୟୁତ ତାଙ୍କ ଆଖି ଆଗରେ ଓଡ଼ିଆ ସାମରିକବାହିନୀର ବିଜୟ ଓ ପରାଜୟ ଉଭୟ ଦୃଶ୍ୟ ଦେଖିଥିଲେ । ପ୍ରତାପରୁଦ୍ରଙ୍କ ରାଜତ୍ୱକାଳର ପ୍ରଥମ କେତେବର୍ଷ ସୁଖଶାନ୍ତିରେ କଟି ଯାଇଥିଲେ ହେଁ ୧୫୦୫ ଖ୍ରୀଷ୍ଟାବ୍ଦରୁ ଦେଶର ରାଜନୈତିକ ପରିସ୍ଥିତିରେ ବିପର୍ଯ୍ୟୟ

Digitized by srujanika@gmail.com

ଆସେ । ସେ ବନ୍ଧ ଯୁଦ୍ଧରେ ହାରିବା ଫଳରେ ଓଡ଼ିଆମାନଙ୍କ ମନରେ ନୈରାଶ୍ୟଭାବ ସୃଷ୍ଟି ହେବା ସ୍ୱାଭାବିକ । ଅଚ୍ୟୁତଙ୍କ ପ୍ରଯୁକ୍ତ 'ନିଶଙ୍କେ' ଶବ୍ଦ ଏହି ଦୃଷ୍ଟିରୁ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । କବି ନିଜେ ନୀଳାଚଳରେ ରହି 'ଶୂନ୍ୟ ସଂହିତା' ରଚନା ପାଇଁ ସମର୍ଥ ହୋଇଥିଲେ ହେଁ ଓଡ଼ିଶାର ସାଧାରଣ ଅବସ୍ଥା ଶଂକାକୁଳ ଥିଲା । ଲୋକେ କେତେବେଳେ ଦକ୍ଷିଣରୁ ତ କେତେବେଳେ ଉତ୍ତର ଦିଗରୁ ଆକ୍ରମଣର ଆଶଙ୍କା କରୁଥିଲେ । ପ୍ରତାପରୁଦ୍ରଙ୍କ ପରାଭବର ସୁଯୋଗ ନେଇ କେବଳ ବାହ୍ୟ ଆକ୍ରମଣ ନୁହେଁ ଆଭ୍ୟନ୍ତରୀଣ ବିବାଦ ପ୍ରତାପରୁଦ୍ରଙ୍କ ଶକ୍ତି ତଥା ଶାସନବ୍ୟବସ୍ଥାକୁ ଦୁର୍ବଳ କରିଦେଲା ।

ଓଡ଼ିଶାର ଭାଗ୍ୟ ବିପର୍ଯ୍ୟୟ ସତ୍ତ୍ୱେ ଏହା ଥିଲା ସେ ସମୟର ହିନ୍ଦୁ ସ୍ୱାଧୀନ ରାଜ୍ୟ ସବୁ ମଧ୍ୟରେ ଅନ୍ୟତମ । ମୁସଲମାନମାନଙ୍କ ବାରମ୍ବାର ଆକ୍ରମଣ ଓ ଲୁଣ୍ଠନ, ହିନ୍ଦୁମାନଙ୍କର ପାରସ୍ପରିକ ବିଭେଦ ଓ ଅସହଯୋଗ, ଦେଶରେ ରାଜନୈତିକ ତଥା ଧାର୍ମିକ ସଂଗଠନର ଅଭାବ, ଧନସମ୍ପତ୍ତି, ମନ୍ଦିର-ଦେବତା ଓ ଜାତି-କୁଳମର୍ଯ୍ୟାଦାର ଅନିଶ୍ଚିତତା, ହିନ୍ଦୁ ତଥା ମୁସଲମାନଶାସକଙ୍କ ଅତ୍ୟାଚାର ଦେଶକୁ କେବଳ ଯେ ଦୁର୍ବଳ କରିଥିଲା ତାହା ନୁହେଁ, ଜନଜୀବନରେ ନିରାଶାବାଦର ସୃଷ୍ଟି ପାଇଁ ସହାୟକ ହୋଇଥିଲା । ଯେଉଁ ଦେବତା ଓ ମନ୍ଦିରକୁ ପୂଜା କରି ହିନ୍ଦୁମାନେ ମୁକ୍ତି ବା ମୋକ୍ଷ ପାଇବାର ଆଶା ରଖିଥିଲେ, ସେ ସବୁକୁ ଧ୍ୱଂସ କରି ମୁସଲ୍‌ମାନମାନେ ଧର୍ମ ଅର୍ଜ୍ଜନ କଲେ । ଯେଉଁ ବ୍ରାହ୍ମଣମାନେ ନିଜର ଜ୍ଞାନ, ମାନ, ଶିକ୍ଷା ଓ ଆଚରଣ ଯୋଗୁଁ ସମାଜରେ ପୂଜିତ ହେଉଥିଲେ ସେମାନଙ୍କୁ ବଧକରି ବଳାତ୍କାରରେ ସେମାନଙ୍କ ଧର୍ମ ପରିବର୍ତ୍ତନ କରିବା ମୁସଲମାନଙ୍କର ଆଦର୍ଶ ହେଲା । ହିନ୍ଦୁମାନଙ୍କର ଧାର୍ମିକ ଉତ୍ସବ ବନ୍ଦ କରି ଦିଆଗଲା । ଧନ ସମ୍ପତ୍ତିର ରକ୍ଷା ପାଇଁ ସେମାନଙ୍କୁ ଜିଜିଆ ଦେବାକୁ ବାଧ୍ୟ କରାଯାଉଥିଲା । ପୁରାତନ ମନ୍ଦିର ସବୁ ମରାମତି ହେଲା ନାହିଁ କି ନୂଆ ମନ୍ଦିର ତୋଳାଯାଇ ପାରିଲା ନାହିଁ । ଦେଶର ରାଜନୈତିକ ସ୍ୱାଧୀନତା ସଙ୍ଗେ ସଙ୍ଗେ ଧାର୍ମିକ ସ୍ୱାଧୀନତା ମଧ୍ୟ ଲୋପ ପାଇଗଲା । ସମ୍ଭ୍ରାନ୍ତ ଘରର ହିନ୍ଦୁମାନେ ସାଧାରଣ କୁଲି, ମଜୁରିଆଙ୍କ ପରି ଜୀବନ-ନିର୍ବାହ କରୁଥିବା ବେଳେ ସାଧାରଣ ମୁସଲମାନମାନେ ରାଜା, ବାଦଶାହଙ୍କ ପରି ବିଳାସମସ୍ତ ଜୀବନଯାପନ କରୁଥିଲେ । ଉତ୍ତର ଭାରତରେ ସଂଘଟିତ ହେଉଥିବା ନାରକୀୟ ଲୀଳା ସ୍ୱାଧୀନ ଓଡ଼ିଶାରେ ନଥିଲେ ହେଁ ଏସବୁର ସୁଦୂର ପ୍ରସାରୀ ପ୍ରଭାବ ଓଡ଼ିଶାର ଜନଜୀବନକୁ ଆକ୍ରାନ୍ତ କରି ସାରିଥିଲା । ରାଜନୈତିକ ଦୃଷ୍ଟିରୁ ଓଡ଼ିଶା ସ୍ୱାଧୀନ ଥିଲେ ହେଁ ଧର୍ମ ଦୃଷ୍ଟିରୁ ଏହା ଥିଲା ହିନ୍ଦୁ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଉତ୍ତର ଭାରତର ଧର୍ମକ୍ଷେତ୍ର ସବୁରେ ହେଉଥିବା ଅତ୍ୟାଚାରକୁ ସେ ନିଜର ଅପମାନ ବୋଲି ଭାବୁଥିଲା । ଅଚ୍ୟୁତ ସେଥିପାଇଁ ତାଙ୍କ ଗ୍ରନ୍ଥରେ ହିନ୍ଦୁଧର୍ମ ତଥା ଜାତିର ନାୟକ ପ୍ରତାପରୁଦ୍ରଙ୍କୁ 'ସୂର୍ଯ୍ୟବଂଶେଣ ମହାପଦ୍ମସାର', ରବିତଳେ ତା'ର ନାହିଁ ଉପମା' କହି ପ୍ରଶଂସା କରୁଥିବା ବେଳେ ପୁଣି ଅନ୍ତଦମ୍ଭରେ ନିଜର ନିଶଙ୍କତା କଥା ଘୋଷଣା କରୁଥିଲେ ହେଁ ପ୍ରକାରାନ୍ତରେ ଏହା ହେଉଛି ଦେଶର ଦୁରବସ୍ଥାର ଚିତ୍ର ।

Digitized by srujanika@gmail.com

ମୁସଲ୍‌ମାନ ଜାତିର ଆକ୍ରମଣ ଫଳରେ ଦେଶର ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଜୀବନ ବିପର୍ଯ୍ୟସ୍ତ ହୋଇ ଯାଇଥିଲା ସତ, କିନ୍ତୁ ଦେଶର ଧାର୍ମିକ ପରିସ୍ଥିତିରେ ଏକ ନୂଆ ଚେତନା ପ୍ରବାହର ଉତ୍ଥାନ ହୋଇଥିଲା । ଲୋକେ ନିଜକୁ ନୂଆ ଭାବରେ ପରୀକ୍ଷା କରି ଦେଖିବା ପାଇଁ ସୁଯୋଗ ପାଇଥିଲେ । ସେତେବେଳେ ହିନ୍ଦୁମାନେ ମୂର୍ତ୍ତିପୂଜା ବାହାନାରେ ଜଡ଼ପୂଜା ହିଁ କରୁଥିଲେ । ଧର୍ମ ନାମରେ ବିଳାସିତା ହିନ୍ଦୁଧର୍ମର ପ୍ରତ୍ୟେକ ସମ୍ପ୍ରଦାୟକୁ ଗ୍ରାସ କରିଥିଲା । ଅଲୌକିକ ଓ ଅସାଧାରଣ ସିଦ୍ଧି ପ୍ରଦର୍ଶନ କରି ଲୋକେ ସମାଜରେ ପ୍ରତିଷ୍ଠା ଅର୍ଜ୍ଜନ କରୁଥିଲେ । ପୌରାଣିକ ଧର୍ମରେ ଅର୍ଥହୀନ କ୍ରିୟାକଳାପର ସଂଖ୍ୟା ବୃଦ୍ଧି ପାଇଥିଲା । ଲୋକେ ବ୍ରତ ଓ ଅନୁଷ୍ଠାନକୁ କଳ୍ପନାତୀତ ମର୍ଯ୍ୟାଦା ପ୍ରଦାନ କରୁଥିଲେ । ମୁସଲମାନମାନଙ୍କ ଆକ୍ରମଣ ଫଳରେ ଯେତେବେଳେ ଜନଜୀବନ ବିପନ୍ନ ହୋଇଗଲା, ଧର୍ମ ଅନୁଷ୍ଠାନ ସବୁ ଧ୍ୱସ୍ତବିଧ୍ୱସ୍ତ ହେଲା, ସେତେବେଳେ ଲୋକେ ଏହି ସବୁ ବିଧି ନିୟମର ନିଃସାରତା ସମ୍ବନ୍ଧରେ ସଚେତ ହୋଇଗଲେ ଏବଂ ଧୀରେ ଧୀରେ ଏ ସବୁ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ ।

ବାହ୍ୟାଚାର

ମଧ୍ୟକାଳୀନ ଭାରତର ଧାର୍ମିକ ପରିସ୍ଥିତିରେ ଏହି ଯେଉଁ ନବ ଜାଗରଣ ଆସିଲା, ତାହା ପ୍ରାୟ ସେ ଯୁଗର ପ୍ରତ୍ୟେକ ଚିନ୍ତାଶୀଳ ଲେଖକଙ୍କ ରଚନାରେ ଦେଖିବାକୁ ମିଳିଥାଏ । ରାମାନନ୍ଦ, କବୀରଙ୍କ ପରି ଓଡ଼ିଆ ସାହିତ୍ୟରେ ବଳରାମ, ଅଚ୍ୟୁତ ଓ ଅମରକୋଷକାର ସାଧକମାନଙ୍କର ଭଣ୍ଡତା ଓ ବାହ୍ୟାଡ଼ମ୍ବର ବିରୁଦ୍ଧରେ ସଂଗ୍ରାମ ଆରମ୍ଭ କଲେ । ଅଚ୍ୟୁତ ଏହିମାନଙ୍କୁ ଲକ୍ଷ୍ୟ କରି 'ଶୂନ୍ୟସଂହିତା'ରେ ଲେଖିଛନ୍ତି—

"ଚଣ୍ଡି ମହାଖଳା ଗାରେଡ଼ି ମନ୍ତ୍ର
ଔଷଧ ମୂଳିକା କୁହୁଡ଼ି ଯନ୍ତ୍ର ।
ନବନାଟକ କହୁଛନ୍ତି ଆଦି
ଉଦର ପୋଷନ୍ତେ ଏମାନ ସାଧି ।"
"ପାଉଁଶ ବିଲେପନ ଦର୍ଶନଧାରୀ
ଗୃହ ଉପେକ୍ଷି ହୋନ୍ତି ବନଚାରୀ
ଥୋକାଏ ଦମ୍ଭେ ଦେଶାନ୍ତର ଯାନ୍ତି
ସାଖି ଶବଦରେ ଥୋକାଏ ଥାନ୍ତି ।
କଷା କଉପୁନୀ ଶଙ୍ଖଚକ୍ର କାଟି
କେହି ଦିଗାମ୍ବର ପିନ୍ଧେ କର୍ପଟି ।
କେବା ସହସ୍ରେ ନାମ ଉଚ୍ଚାରନ୍ତି
ଅନ୍ନ ଛାଡ଼ି କେବା ଦୁଧ ପିଅନ୍ତି ।

Digitized by srujanika@gmail.com

ଅନେକେ ମତେ ନିକର୍ଥିନ୍ତି ନାସ୍ତେ
ମୃତ୍ୟୁ ବଞ୍ଚିବାକୁ ନାହିଁ ଉପାସ୍ତେ ।

(ପ୍ରଥମଖାନ, ୯୫ ୧୦୧)

ଏଥିରେ ଥିବା ତିରସ୍କାର କୌଣସି ଏକ ବିଶେଷ ସମ୍ପ୍ରଦାୟ ପାଇଁ ଉଦ୍ଦିଷ୍ଟ ନୁହେଁ । ସେତେବେଳେ ଭାରତର ପ୍ରତ୍ୟେକ ଧର୍ମ ସମ୍ପ୍ରଦାୟରେ ବାହ୍ୟାଚାରର ପ୍ରାବଲ୍ୟ ଥିଲା । ଏଥିରେ ଶୈବ, ଶାକ୍ତ, ବୈଷ୍ଣବ, ନାଥପନ୍ଥ, କବୀରପନ୍ଥ ସାଧକମାନଙ୍କୁ ଯେପରି ଉପହାସ କରାଯାଇଛି ସେହିପରି ନିବନାଟକ, ଜନ୍ତ୍ରମନ୍ତ୍ର, ଔଷଧ, ମୂଳିକା ଓ ଅଲୌକିକ ଶକ୍ତି ପ୍ରଦର୍ଶନ କରୁଥିବା ତଥାକଥିତ ବିଦ୍ୱାନମାନଙ୍କୁ ମଧ୍ୟ ନିନ୍ଦା କରାଯାଇଛି ।

ବାହ୍ୟାଚାରର ବିରୋଧ କରିବାର ପରମ୍ପରା ଅତି ପ୍ରାଚୀନ । ବୁଦ୍ଧଦେବ ଧମ୍ମପଦ (ଗାଥାସଂଖ୍ୟା ୧୪୧) ରେ କହିଛନ୍ତି ଯେଉଁ ପୁରୁଷର ସନ୍ଦେହ ଯାଇନାହିଁ ସେ ଦିଗମ୍ବର ହେଲେ, ଜଟା ଧାରଣକଲେ, ଧୂଳି ବା କାଦୁଅ ବୋଳିହେଲେ, ଉପାସ ରହିଲେ ଶୁଖିଲା ମାଟିରେ ଶୋଇଲେ ବା ଆଣ୍ଠୁ ମାଡି ବସିଲେ ଶୁଦ୍ଧ ହୁଏ ନାହିଁ । ଶରହପାଙ୍କ ବାଣୀରେ ଏହି କଥାର ପ୍ରତିଧ୍ୱନି ଶୁଣିବାକୁ ମିଳେ । ସେ କହିଛନ୍ତି "ଯଦି ଦିଗମ୍ବର ହେଲେ ମୁକ୍ତି ମିଳେ ତା' ହେଲେ କୁକୁର ଓ ବିଲୁଆ ପ୍ରଥମେ ମୁକ୍ତି ପାଇଯିବେ । ମୟୂରପକ୍ଷୀ ଧାରଣ କଲେ ଯଦି ମୋକ୍ଷମିଳେ ତେବେ ମୟୂର ଓ ଚମରୀଗାଈ ଆଗ ମୋକ୍ଷ ହୋଇଯିବେ । ଶିଳା ଚୂର୍ଣ୍ଣ ଖାଇଲେ ଯଦି ଜ୍ଞାନ ପ୍ରାପ୍ତି ହୁଏ ତା' ହେଲେ ହସ୍ତୀ ଓ ତୁରଙ୍ଗ ଜ୍ଞାନୀ ହୋଇଯିବେ ।"

"ଜଇ ଣଗ୍ଗା ବିଅ ହୋଇ ମୁତ୍ତି ଣ ସୁଣହ ଶିଆଲହ
ଲୋମୁପ୍ପାଡଣେ ଅତ୍ଥି -ସିଦ୍ଧି ଣ ଜୁଅଇ ଣିଅମ୍ବଇ
ପିଚ୍ଛୀ-ଗହଣେ ଦିଠ୍ଠ ମୋକ୍ଖ ଣ ମୋରହ ଚମରହ
ଉଚ୍ଛେ ଭୋଅଣେ ହୋଇଜାଣ ଣ କରିହ ତୁରଂଗହ ।"

(କବୀର, ହଜାରୀ ପ୍ରସାଦ ଦ୍ୱିବେଦୀ, ପୃ-୧୩୩)

ଜୈନ ମୁନି ରାମସିଂହ ମଧ୍ୟ ବାହ୍ୟାଚାରର ବିରୋଧକରି ଲେଖିଛନ୍ତି, ଯେପରି କାତି ଛାଡ଼ିଲେ ସର୍ପର ବିଷ ଯାଏନାହିଁ ସେହିପରି ବାହାର ବେଶ ପରିବର୍ତ୍ତନ କଲେ ଚିତ୍ତ ଶୁଦ୍ଧ ହୁଏ ନାହିଁ ।

"ସପ୍ପିଁ ମୁକ୍କୀ କଂଚୁଲିୟ ଜଂ ବିସୁ ତଂ ଣ ମୁଏଇ
ଭୋୟହଂ ଭାଉ ଣ ପରିହରଇ ଲିଂଗଗ୍ଗହଣୁ କରେଇ ।"

(ପାହୁଡ଼ ଦୋହା-ପଦ ୧୫, ହୀରାଲାଲ ଜୈନ ସଂପାଦିତ)

Digitized by srujanika@gmail.com

କବୀର ମଧ୍ୟ ଲେଖିଛନ୍ତି—

"ନା ନାଂଗେ ନା ବାଂଧେ ଯୂଂମ, ଜୌ ନହିଂଚୀହ୍ନସି ଆତମରାମ୍
ନାଗେଂ ଫିରେଂ ଜୋଗ ଜେ ହୋଇ, ବନ କା ମୃଗ ମୁକତି ଗୟା କୋଇ ।
ମୂଂଡ଼ ମୁଂଡ଼ାୟେଁ ଜୌ ସିଧି ହୋଇ, ସ୍ୱର୍ଗହି ଭେଡ଼ ନ ପହୁଂଚୀ କୋଇ ।"

(କବୀର ଗ୍ରନ୍ଥାବଳୀ, ପୃ୧୩୦)

ବାହ୍ୟାଡ଼ମ୍ବରର ଗୋଟିଏ ବିଶିଷ୍ଟ ଅଙ୍ଗ ହେଉଛି, ବେଶ । ସନ୍ଥ, ସାଧୁ, ସନ୍ନ୍ୟାସୀ ସମସ୍ତଙ୍କର ସ୍ୱତନ୍ତ୍ର ବେଶ ଅଛି । ବେଶ ଦ୍ୱାରାହିଁ ସେମାନଙ୍କର ସ୍ୱାତନ୍ତ୍ର୍ୟ ଜାଣିହୁଏ ଓ ସେମାନଙ୍କୁ ଚିହ୍ନି ହୁଏ । ଏହା ସତ୍ତ୍ୱେ ବେଶ-ଧାରଣ ମାନେ ଜ୍ଞାନର ଉପଲବ୍ଧି ହୁଏ ନାହିଁ, —ଏହାହିଁ ଥିଲା ବୁଦ୍ଧଦେବଙ୍କର ମତ । ଚିତ୍ତ-ମାଳିନ୍ୟକୁ ପରିତ୍ୟାଗ କରିବାହିଁ ବେଶ ଧାରଣର ସାର୍ଥକତା । (ଧମ୍ମପଦ, ଗାଥା ୯-୧୦) । ଯଦି ଚିତ୍ତ ରାଗ, ଦ୍ୱେଷ, ମୋହ ପ୍ରଭୃତି ଦ୍ୱାରା ଆବୃତ୍ତ ଓ ଅପବିତ୍ର, ତାହାହେଲେ ଜଟା ଓ ମୃଗଚର୍ମ ଧାରଣ ବ୍ୟର୍ଥ । (ଧମ୍ମପଦ, ଗାଥା ୩୯୪) । ମନୁଷ୍ୟର ରୂପ-ରଙ୍ଗରୁ ତାହାକୁ ଚିହ୍ନି ହୁଏ ନାହିଁ । ଦୁଷ୍ଟ ଲୋକମାନେ ସବୁଠାରୁ ବଳି ପରାକାଷ୍ଠା ଦେଖାଇ ସଂସାରରେ ବିଚରଣ କରନ୍ତି । ସେମାନେ ମାଟିରେ ତିଆରି ନକଲି ଚକମକିଆ କୁଣ୍ଡଳ ବା ସୁନା ଦିଆ ହୋଇଥିବା ଓ ସୁନାପରି ଦେଖାଯାଉଥିବା ଲୁହା (ସଂଯୁକ୍ତନିକାୟ, ଭାଗ ୧, ପୃ୭୫) । ସିଦ୍ଧ ସରହପା ବେଶଧାରୀ ବ୍ରାହ୍ମଣ, ଜୈନ, ପାଶୁପତ, ବୌଦ୍ଧମାନଙ୍କୁ କହିଛନ୍ତି, ଯେ ସେମାନେ କେବଳ ବେଶ ଧାରଣକରି ସଂସାରରେ ବୁଲୁଛନ୍ତି, ସେମାନଙ୍କର ଜ୍ଞାନପ୍ରାପ୍ତି ହୋଇନାହିଁ । ଜ୍ଞାନପ୍ରାପ୍ତି ପାଇଁ ଆତ୍ମ ସ୍ୱଭାବକୁ ଜାଣିବାପାଇଁ ପରମ ଆବଶ୍ୟକ । (ଦୋହା କୋଷ, ପୃଷ୍ଠା ୨-୫) । କବୀର ଦାସ ମଧ୍ୟ କୁହନ୍ତି ଯେ ଯୋଗୀମାନେ ରଙ୍ଗ କପଡ଼ା ପରିଧାନ କରୁଥିଲେହେଁ ସେମାନଙ୍କର ମନ ସଂଯମିତ ନୁହେଁ ।

"ମନ ନା ରଂଗାୟେ ରଙ୍ଗାୟେ ଯୋଗୀ କପଡ଼ା
ଆସନ ମାଂ ମନ୍ଦିରମେଂ ବୈଠେ, ବ୍ରହ୍ମ ଛାଡ଼ି ପୂଜନ ଲାଗେ ପଥର ।"

(କବୀର, ପୃଷ୍ଠା ୨୭୧-୨୭୨)

ଚର୍ପଟୀନାଥ ନୀଳବସ୍ତ୍ରଧାରୀ ଏକ ସମ୍ପ୍ରଦାୟର ଆଲୋଚନା କରି କୁହନ୍ତି ଯେ ନୀଳବସ୍ତ୍ର ଅର୍ଥାତ୍ ଭ୍ରମଜାଲ ଦ୍ୱାରା ଆବଦ୍ଧ ଏକ ବିକୃତ ମତର ଦ୍ୟୋତକ ।

"ଏକ ଶ୍ୱେତ ଜଟା ଏକ ପୀତ ପଟା
ଏକ ତିଲକ ଜନେଉ ଲମ୍ବ ଜଟା
ଏକ ନୀଲ ପଟା ମତ ଅଛି ପଟା
ଭ୍ରମ ଜାଲ ଜଟା ଭବ ହୁଛି ଅଟା ।"

(ହିନ୍ଦୁର ପ୍ରବାହ ହଜାରୀପ୍ରସାଦ ଦ୍ୱିବେଦୀ, ପୃଷ୍ଠା-୮୩)

Digitized by srujanika@gmail.com

ଅଚ୍ୟୁତ ମଧ୍ୟ ବେଶଧାରୀ ଭଣ୍ଡ ସାଧୁମାନଙ୍କୁ ତିରସ୍କାର କରି କହିଛନ୍ତି,

"ପଟା ଆରମ୍ଭେ ଦମ୍ଭପଣେ ଶ୍ରେଷ୍ଠ
ବାହାରେ କାହେଁଣି ଭିତରେ ଭ୍ରଷ୍ଟ ।
ମୂଢ଼ ଧଣେ ଯେତେ କରେ ସିଦ୍ଧାନ୍ତ
ଉଦର ପୋଷନ୍ତେ ନଷ୍ଟ ବୁଦ୍ଧ୍ୟନ୍ତ ।
ସୁଜନମାନେ ସମ୍ବାଦିଲେ ସନ୍ଧା
ଗର୍ବି ନପାରି ନ ସ୍ଥାପିଲେ ତାହା ।
ଆପଣେ ନ ଜାଣି ପରେ ନ ପୁଚ୍ଛେ
ମିଥ୍ୟା ଆରମ୍ଭେ ପଦଧନ ଗଚ୍ଛେ ।
ଶିର ତପ ସିଦ୍ଧ କଥାଏ ଜାଣି
ବଡ଼ିମା ପଣେ ହେଉଥାଇ ହାଣି ।
ଦେବ ତୀର୍ଥ ଗୁରୁ କାହିଁ ନ ଗଣେ
ଆପଣା ଗୁଣ ଆପଣେ ବଖାଣେ ।
ଜନ ସମ୍ମୁଖେ ଝିଙ୍ଗାସି ଯାହାକୁ
ଦୂଷିତ ଲୋକେ ଲେଖିବା ତାହାକୁ ।
ବରିବିଧବ ଅକାରଣେ ସନ୍ତେ
ଇହ ପରଲୋକେ ସେ ଲୋକ ତେନ୍ତେ ।"

(ଚତୁର୍ଥ ଖଣ୍ଡ, ପଦ ୯୦-୯୭)

ବାହ୍ୟାଚାର ଓ ବେଦ ସମ୍ବନ୍ଧୀୟ ପଦାବଳୀରେ ବୁଦ୍ଧଦେବ, ସରହପାଦ, ଚର୍ପଟୀ ନାଥ, କବୀର ଓ ଅଚ୍ୟୁତଙ୍କ ମଧ୍ୟରେ ଯେଉଁ ସମାନତା ପରିଦୃଷ୍ଟ ହୁଏ, ସେଥିରୁ ଏକଥା ପ୍ରତିପାଦିତ ହୁଏ ଯେ, ବୁଦ୍ଧଦେବଙ୍କ ପ୍ରବର୍ତ୍ତିତ ବାଣୀ, ବହୁଭାବେ ଭାରତର ବହୁ ସମ୍ପ୍ରଦାୟକୁ ପ୍ରଭାବିତ କରିଥିଲା, ଏବଂ ଅଚ୍ୟୁତଙ୍କ ପରି ଅନ୍ୟ ସାଧକମାନେ ମଧ୍ୟ ସେମାନଙ୍କ ବିରୋଧୀ ସମ୍ପ୍ରଦାୟସବୁଙ୍କୁ ପରିହାସ କରିବା ପାଇଁ ବାହ୍ୟାଚାର ଓ ବେଦ ବିରୋଧୀ ପଦସବୁକୁ ଏକାନ୍ତରରେ ଗ୍ରହଣ କରୁଥିଲେ ।

ବ୍ରତ, ଉପାସନା ଓ ତୀର୍ଥଗମନ

ବାହ୍ୟାଚାର ବିରୁଦ୍ଧରେ ଯିବା ବେଳେ ବ୍ରତ, ଉପାସନା ଓ ତୀର୍ଥଗମନ ପ୍ରଭୃତିକୁ ଅଚ୍ୟୁତ କେବଳ ଶରୀରେ ପୀଡ଼ାଦାୟକ କର୍ମ ରୂପେ ଗ୍ରହଣ କରିଛନ୍ତି । ବେଦ, ପୁରାଣ ପ୍ରଭୃତିରେ ଏ ସବୁର ପ୍ରଶଂସା ଗାନ କରାଯାଇଥିଲେହେଁ ଏ ସବୁ ମନୁଷ୍ୟକୁ ପ୍ରକୃତ ପୁଣ୍ୟ ଦାନ କରେ ନାହିଁ । ଅଚ୍ୟୁତ କହିଛନ୍ତି,

"ବ୍ରତ ଉପାସନା ତୀର୍ଥଗମନ । ଶରୀର କଦର୍ଥ ନାନା ବିଧିମାନ ।
ବେଦ ପୁରାଣ ଏହା ଯେନ ମଣ୍ଡି । ପୁଣ୍ୟ ପର ଯେବେ ମୁଖୁ ନଖଣ୍ଡି ।"

Digitized by srujanika@gmail.com

ହିନ୍ଦୁଧର୍ମର ତୀର୍ଥଗମନକୁ ବୁଦ୍ଧଦେବ ମଧ୍ୟ ବିରୋଧ କରିଛନ୍ତି । 'ମଜ୍ଝିମ ନିକାୟ' (ହିନ୍ଦୀ ଅନୁବାଦ, ପୃ-୨୪)ରେ କୁହାଯାଇଛି—ବାହୁକା, ଅଧିକକ୍କ, ଗୟା, ସୁନ୍ଦରିକା, ସରସ୍ୱତୀ, ପ୍ରୟାଗ, ଓ ବାହୁମତୀ ପ୍ରଭୃତି ନଦୀରେ କୁକର୍ମ କରୁଥିବା ବ୍ୟକ୍ତି ପ୍ରତିଦିନ ସ୍ନାନ କରିବା ସତ୍ତ୍ୱେ ଶୁଦ୍ଧ ହୁଏ ନାହିଁ । ସୁନ୍ଦରିକା, ପ୍ରୟାଗ ଓ ବାହୁଲିକା ପ୍ରଭୃତି ନଦୀ ପାପୀ, କୁକର୍ମୀ ଓ ଦୁଷ୍ଟଲୋକଙ୍କୁ ଶୁଦ୍ଧ କରିବାକୁ ଅକ୍ଷମ । ଶୁଦ୍ଧ ନର ପାଇଁ ସମସ୍ତେ ଫଲ୍‌ଗୁ, ଓ ସବୁଦିନ ପାଇଁ ଉପୋସଥ ବ୍ରତ) । ଗୟା ଯାଇ କିଛି ଲାଭ ନାହିଁ । ମନଦୃଢ଼ କଠୌ ଗାଡ଼ୁଆ ଗଙ୍ଗା । ସିଦ୍ଧ ସରହପା ମଧ୍ୟ ଏହାହିଁ କହିଛନ୍ତି,

"ଏଥୁ ସେ ସରସଇ ସୋବଣାହ ।
ଏଥୁ ସେ ଗଙ୍ଗା ସାଅରୁ ।
ବାରାଣସି ପଆଗ ଏଥୁ ।
ସୋ ଚନ୍ଦ—ଦିବା ଅରୁ ॥
କ୍ଷେତ୍ତ ପିଟ୍‌ଠ ଉଅପିଟ୍‌ଠ ଏଥ ।
ମଇ ଭମିଅ ପରିଟ୍‌ଠଓ ।
ଦେହା ସରିସ ତିତ୍ଥ ।
ମଇ ସୁଣଉ ଣ ଦିଟ୍‌ଠଉ ॥"

(ଦୋହାକୋଷ, ୧୬-୧୭)

ଅର୍ଥାତ୍ ସରସ୍ୱତୀ, ସୋମନାଥ, ଗଙ୍ଗାସାଗର, ବାରାଣସୀ ଓ ପ୍ରୟାଗ ପ୍ରଭୃତି କ୍ଷେତ୍ରପୀଠ ଓ ଉପପୀଠ । ଶରୀର ପରି ତୀର୍ଥ ଦେଖିବା କଥା ତ ଦୂରର, ଶୁଣିବାକୁ ବି ମିଳେନାହିଁ । ଗୋରଖନାଥ ମଧ୍ୟ କହିଛନ୍ତି, "ଘଟ ହୀ ଭିତର ଅଠସଠ ତୀରଥ କହାଂ ଭ୍ରମେରେ ଭାଇ" (ଗୋରଖବାନୀ, ପୃ-୫୫) । ଏ ପ୍ରସଙ୍ଗରେ ନାନକଙ୍କର ଉପଦେଶ ହେଉଛି—

"ତୀରଥ ନାଣ କଆ କରେ
ମନ ମହି ମୈଲୁ ଗୁମାନ"

(ନାନକ ବାଣୀ, ପୃ-୯୫୧)

ସେ ଆହୁରି କହିଛନ୍ତି, "ଯେଉଁମାନଙ୍କଠାରେ ଜ୍ଞାନ, ଧ୍ୟାନ, ଗୁଣ ଓ ସଂଯମ ନାହିଁ ସେମାନଙ୍କ ଜନ୍ମ ମିଥ୍ୟା । ତୀର୍ଥ, ବ୍ରତ, ଶୁଚି, ସଂଯମ, କର୍ମ, ଧର୍ମ, ଓ ପୂଜା ଆଦିରୁ ମୁକ୍ତି ମିଳେନାହିଁ । କେବଳ ପରମାତ୍ମାଙ୍କ ପ୍ରେମ ଓ ଭକ୍ତି ଦ୍ୱାରା ହିଁ ମୁକ୍ତି ମିଳେ ।

"ଗିଆନୁ ଧିଆନୁ ଗୁଣୁ ସଂଜମୁ ନାହୀ ଜନମି ମରହୁଗେ ଝୁଠେ
ତୀରଥ ବରତ ସୁଚ ସଂଜମୁ ନାହୀ କରମୁ ଧରମୁ ନହୀ ପୂଜା
ନାନକ ଭାଇ ଭଗତି ନିସ ତାରି ଦୁବିଧା ବିଆପେ ଦୂଜା"

(ନାନକ ବାଣୀ, ୧୬୯)

Digitized by srujanika@gmail.com

ବୁଦ୍ଧଦେବଙ୍କ ଠାରୁ ଆରମ୍ଭ କରି ସିଦ୍ଧ ସରହପା, ଗୋରଖନାଥ, କବୀର, ନାନକ, ଅଚ୍ୟୁତ ସମସ୍ତଙ୍କ କଣ୍ଠରେ ସେହି ଗୋଟିଏ ସ୍ୱର— ହିନ୍ଦୁଙ୍କ ତୀର୍ଥଗମନ ଓ ବ୍ରତ, ଉପବାସର ନିନ୍ଦା । ମନର ପବିତ୍ରତାକୁ ସମସ୍ତେ ବୁଦ୍ଧଦେବଙ୍କ ପରି ଉତ୍ତମ ସ୍ନାନ ରୂପେ ଗ୍ରହଣ କରିଛନ୍ତି । ବୁଦ୍ଧଦେବ କୁହନ୍ତି, ଶୁଦ୍ଧଚିତ୍ତ ବ୍ୟକ୍ତି ପାଇଁ ସବୁବେଳେ ବ୍ରତ ଓ ସବୁବେଳେ ପବିତ୍ର ପରବ । (ମଜ୍‌ଝିମ୍‌ନିକାୟ, ହିନ୍ଦୀ ଅନୁବାଦ, ପୃ-୨୭) । ବୁଦ୍ଧଙ୍କର ଏହି ବାଣୀକୁ ଗୋରଖନାଥ ଆହୁରି ସ୍ପଷ୍ଟ କରି କହିଛନ୍ତି, "ଅବଧୂ ମନ ଚଂଗା ତୋ କଠୌତୀ ଗଙ୍ଗା ।"

(ଗୋରଖବାନୀ, ପୃଷ୍ଠା-୫୩)

ମୂର୍ତ୍ତିପୂଜା

ହିନ୍ଦୁଧର୍ମର ଅନ୍ୟ ଗୋଟିଏ ବୈଶିଷ୍ଟ୍ୟ ହେଉଛି ମୂର୍ତ୍ତିପୂଜା । ମୂର୍ତ୍ତି ସ୍ଥାପନା ପାଇଁ ସୁରମ୍ୟ ମନ୍ଦିର ସବୁ ନିର୍ମାଣ କରିବା ହିନ୍ଦୁମାନଙ୍କର କୀର୍ତ୍ତି । ମୂର୍ତ୍ତିପୂଜା ପାଇଁ ହିନ୍ଦୁମାନଙ୍କର ଯେତିକି ଆସକ୍ତି ଥିଲା, ମୂର୍ତ୍ତିପୂଜାର ନିନ୍ଦା କରିବାରେ ନିରାକାରବାଦୀ ବୌଦ୍ଧ, ଜୈନ, ସନ୍ଥ ଓ ସାଧୁମାନେ ସେତିକି ତତ୍ପର ଥିଲେ । ବୌଦ୍ଧମାନେ ଅନୀଶ୍ୱରବାଦୀ ଥିଲେ । ସେଥିପାଇଁ ସେମାନେ ମୂର୍ତ୍ତିପୂଜା ବା ଅବତାରବାଦକୁ ସ୍ୱୀକାର କରୁ ନଥିଲେ । ଜୈନ ମୁନି ରାମସିଂ ମଧ୍ୟ ମୂର୍ତ୍ତି ପୂଜାର ବିରୋଧ କରି ଲେଖିଛନ୍ତି—

"ମୂର୍ଖ ଲୋକମାନେ ମନୁଷ୍ୟ ନିର୍ମିତ ଦେବାଳୟକୁ ଖୋଜି ଖୋଜି ମରନ୍ତି, କିନ୍ତୁ ନିଜ ହୃଦୟସ୍ଥିତ ଦେବାଳୟ ଯେଉଁଠାରେ ପ୍ରକୃତ ଶିବ ବିରାଜମାନ, ତାଙ୍କର ଦର୍ଶନ କରନ୍ତି ନାହିଁ ।"

"ମୂଢ଼ା ଜୋବଇ ଦେବଲଇଂ ଲୋୟହିଂ ଜାଇଂ କୟାଇଂ
ଦେହ ଣ ପିଛଇ ଅପ୍ପଣିୟ ଜହିଂ ସିଉ ସନ୍ତୁ ଠିଆଇଂ ।

(ପାହୁଡ଼ ଦୋହା, ପଦ ୧୮୦)

କବୀର ମଧ୍ୟ ପଥର ପୂଜାକୁ ତିରସ୍କାର କରି କହିଛନ୍ତି—

"ପାହାନ କୁଂ କା ପୂଜିଏ, ଜେ ଜନମ ଦେଇ ଜାବ
ଆଂଧା ନର ଆସାମୁଖୀ, ୟୋଂ ହୀ ଖୋଏଁ ଜାବ ।"

(କବୀର ଗ୍ରନ୍ଥାବଳୀ, ପୃ ୪୪)

ସନ୍ଥ ଓ ସିଦ୍ଧପନ୍ଥର ସାଧକମାନେ ପ୍ରାୟ ମୂର୍ତ୍ତିପୂଜାର ବିରୋଧ କରୁଥିଲେ । ଅଚ୍ୟୁତ ଯେ ଏହି ପରମ୍ପରାର ପଥିକ ଥିଲେ ତାହା ତାଙ୍କ 'ଶୂନ୍ୟସଂହିତା'ରୁ ପ୍ରମାଣିତ ହୁଏ । ସେ ଲେଖିଛନ୍ତି—

"ଆବର ମନ କହିବା ସ୍ୱରୂପ
ତୋହର କଥା ତୋତେ ବହୁରୂପ ।

Digitized by srujanika@gmail.com

ଅଶେଷ ବ୍ରହ୍ମାଣ୍ଡ ଯେତେକ ସନ୍ଧି
ତୋହ୍ଲେ ନ ଆସିଲେ ଥିବ ସେ କାହିଁ ।
କାଷ୍ଠ ପାଷାଣ ଅଷ୍ଟଲୋହ ମାଟି
ସିରଜି ଲୋକେ ନ ଚିହ୍ନ ପ୍ରକୃତି ।
ଏହି ମନ ରୂପ କରି ଥାପଇ
ଏ ପୁଣି ତା ନାମ ଧରି ଜପଇ ।
ପୁଷ୍ପ ନୈବେଦ୍ୟ ଗନ୍ଧ ଚନ୍ଦନ
ଉପନବିଧି ଉପହାର ମାନ ।
କେବଳ ଛମୁରେ ବାଢ଼ଇ ନେଇ
ଆପଣେ ଭୁଞ୍ଜଇ ପାଣି ଛଡ଼ାଇ ।
ଏତେ ସମ୍ପଦ ସେହ୍ନାଙ୍କୁ କରଇ
ତାହା ବର ଦେଲେ ପୁଣି ତରଇ
ସଜୀବ ଦେବତା ଆପେ ନ ବୁଝଇ
ଅଜାଣ ପଣେ ଅଜୀବ ପୂଜଇ ।
ଏ ଯେବେ ସମ୍ପ୍ରତେ ଶିବ ସେହ୍ନାଙ୍କୁ
ଆପଣେ ଶମ୍ଭୁ ପୂଜିବ ତାହାଙ୍କୁ ।"

(ଶୂନ୍ୟସଂହିତା, ୩, ୧-୯ ପଦ)

ଜାତି ପ୍ରଥା

ହିନ୍ଦୁଧର୍ମ ଯେ କେବଳ ଜାତିଭେଦ ମାନୁଥିଲା ତାହା ନୁହେଁ, ସବୁ ଜାତି ମଧ୍ୟରେ ବ୍ରାହ୍ମଣଙ୍କୁ ଶ୍ରେଷ୍ଠ ବୋଲି ଗ୍ରହଣ କରିଥିଲା । ବୌଦ୍ଧମାନେ ଜାତିଭେଦ ମାନୁ ନଥିଲେ, ପୁଣି ବ୍ରାହ୍ମଣମାନଙ୍କର ଶ୍ରେଷ୍ଠତ୍ୱକୁ ମଧ୍ୟ ସ୍ୱୀକାର କରୁନଥିଲେ । ବ୍ରାହ୍ମଣମାନଙ୍କର ବେଦ ପାଠ, ପୂଜା, ଅର୍ଚ୍ଚନା, ହୋମ, ଯଜ୍ଞ—ଏସବୁକୁ ବ୍ୟର୍ଥ ଭାବେ ପ୍ରତିପାଦିତ କରୁଥିଲେ । 'ସୁତ୍ତନିପାତ' ଗ୍ରନ୍ଥର 'ବ୍ରାହ୍ମଣ ଧମ୍ମିକ ସୁତ୍ତ (୨, ୭) ରେ କୁହାଯାଇଛି ପ୍ରାଚୀନ କାଳରେ ବ୍ରାହ୍ମଣମାନେ ହିଂସା କରୁନଥିଲେ । ସେମାନେ ଗୋ ବଧ କରି ଯଜ୍ଞ ବିଧାନ କରୁନଥିଲେ । ସେତେବେଳଯାଏ ହିଂସା ନଥିଲା ଲୋକେ ସୁଖୀ ଥିଲେ । ପଶୁହିଂସା ବୃଦ୍ଧି ପାଇବା ସଙ୍ଗେ ବିଭିନ୍ନ ପ୍ରକାର ରୋଗର ଉତ୍ପତ୍ତି ହେଲା ଓ ଦେଶରେ ବର୍ଣ୍ଣସଙ୍କରତା ପ୍ରବେଶ କଲା । ଧମ୍ମପଦ ମଧ୍ୟ ଆର୍ଯ୍ୟ କହିଲେ ଅହିଂସକ ବ୍ୟକ୍ତିକୁ ହିଁ ଗ୍ରହଣ କରିଛି । କବୀର ମଧ୍ୟ ବ୍ରାହ୍ମଣମାନଙ୍କ ହିଂସା ନୀତିକୁ ଅତି ତିକ୍ତ ଭାବରେ ତିରସ୍କାର କରି କହିଛନ୍ତି,

"ସାଧୋ, ପାଣ୍ଡେ ନିପୁନ କସାଇ ।
ବକରୀ ମାରି ଭେଡ଼ିକୋ ଧାୟେ, ଦିଲମେ ଦରଦ ନ ଆଇ

Digitized by srujanika@gmail.com

କରିଅ ସ୍ନାନ ତିଲକ ଦେଇ ବୈଠେ, ବଧି ମୋ° ଦେଖା ଧ୍ୟାନ ଉ୍ୟ ।
ଆଡମ୍ ମାଂଶ ପଲକ ମେ ଖନସେ ଦୁଧ୍ ଏଦୀ ବହାଇ "

(କବୀର ଚନ୍ଦ୍ରାବଳୀ, ପୃ-୧୮)

ଅଚ୍ୟୁତ 'ଶୂଣ୍ୟସଂହିତା'ରେ ବ୍ରାହ୍ମଣ ଓ ଚଣ୍ଡାଳ ମଧ୍ୟରେ ତୁଳନା କରି ଚଣ୍ଡାଳକୁ ଯେଉଁ ଭାବେ ଶ୍ରେଷ୍ଠତ୍ୱ ପ୍ରଦାନ କରିଛନ୍ତି ସେଥିରେ ମଧ୍ୟ ବ୍ରାହ୍ମଣ ଜାତିର ନିକୃଷ୍ଟତା ତଥା ବେଦପାଠ ଓ ଅନ୍ୟାନ୍ୟ କର୍ମର ନିଃସାରତା ପ୍ରତିପାଦନ କରାଯାଇଛି । ଅଚ୍ୟୁତ କହିଛନ୍ତି—

"ଚଣ୍ଡାଳ ଛେଦ ମ୍ଲେଚ୍ଛଜନକୁ ନିତ୍ୟ
ବ୍ରାହ୍ମଣ ମଡ଼ା ଛୁଇଁଲେ ପତିତ ।
ବେଦମନ୍ତ୍ର ପଢ଼ି ଏ ମଡ଼ା ଯେତେ
ଦୂବ ତୃଣ ଭକ୍ଷି ସେ ମଡ଼ା ତେତେ ।"

ବେଦ ପାଠର ନିନ୍ଦା

ହିନ୍ଦୁ ଧର୍ମରେ ବେଦ ହେଉଛି ସର୍ବଶ୍ରେଷ୍ଠ ଗ୍ରନ୍ଥ । ବେଦକୁ ମାନି ଚଳିବାକୁ ହିନ୍ଦୁ ଧର୍ମାବଲମ୍ବୀମାନେ ସବୁବେଳେ କହିଛନ୍ତି । ବେଦ ହେଉଛି ଅପୌରୁଷେୟ । ଦେବତାଙ୍କ ପରି ବେଦ ପୂଜା କରିବା ଉଚିତ । ବ୍ରାହ୍ମଣ୍ୟ ଧର୍ମର ବିରୋଧ କରି ବୁଦ୍ଧଦେବ ସବୁବେଳେ ଶାସ୍ତ୍ର ଆଦେଶ ନ ମାନିବା ପାଇଁ କହିଛନ୍ତି । 'ମଜ୍‌ଝିମ ନିକାୟ' ଗ୍ରନ୍ଥର ଅଲଗଦ୍ଦୁପମସୁତ୍ତ (ହିନ୍ଦୀ ଅନୁବାଦ, ପୃ ୮୪-୯୧) ରେ କୁହାଯାଇଛି, ଯେ ଅନେକ ଅଜ୍ଞ ଭିକ୍ଷୁ ଗ୍ରନ୍ଥପାଠ କଲେହେଁ ଏହାର ଅର୍ଥକୁ ନିଜର ପ୍ରଜ୍ଞାଦ୍ୱାରା ପରୀକ୍ଷା ନ କରିବା ଫଳରେ ସେ ସବୁର ପ୍ରକୃତ ଅର୍ଥ ବୁଝିବାକୁ ଅକ୍ଷମ ହୁଅନ୍ତି । ସେମାନେ ହୁଏତ ସମାଜରେ ନିଜର ଶ୍ରେଷ୍ଠତ୍ୱ ପ୍ରଚାର କରିବା ପାଇଁ ଏହି ସବୁ ଗ୍ରନ୍ଥ ଅଧ୍ୟୟନ କରିଥାନ୍ତି । କିନ୍ତୁ ପ୍ରକୃତରେ ଏ ପ୍ରକାର ଅଧ୍ୟୟନ ସେମାନଙ୍କର ଅହିତକର ହୁଏ । ସେଥିପାଇଁ ଭିକ୍ଷୁମାନଙ୍କୁ ଉପଦେଶ ଦେଇ ବୁଦ୍ଧଦେବ କହିଛନ୍ତି—" ହେ ଭିକ୍ଷୁମାନେ ! ତୁମ୍ଭମାନଙ୍କ ନିସ୍ତାର ପାଇବାପାଇଁ ମୁଁ ଧର୍ମର ଉପଦେଶ ଦେଉଛି । କେବଳ ଧର୍ମବିଧି ମାନି ଚଳିବା ପାଇଁ ନୁହେଁ ।" ଏହାର ଅର୍ଥ ହେଉଛି ଯେ ଯାହା ଉପଦେଶ ଦେଇଛନ୍ତି ସେ ସବୁକୁ ସ୍ୱତନ୍ତ୍ର ବୁଦ୍ଧିଦ୍ୱାରା ପରୀକ୍ଷା କରି ଗ୍ରହଣ କରିବା ଉଚିତ । ବୁଦ୍ଧଦେବଙ୍କ ବାଣୀ ବୋଲି ବିନା ବିଚାରରେ ସେ ସବୁ ଗ୍ରହଣ କରିବା ଅନୁଚିତ । 'ଦୀଘ ନିକାୟ' (୧, ୧୩) ରେ ବୁଦ୍ଧ ବେଦାଦି ଗ୍ରନ୍ଥର ପ୍ରାମାଣିକତାକୁ ସ୍ୱୀକାର କରନ୍ତି ନାହିଁ । 'ଅଙ୍ଗୁତ୍ତର ନିକାୟ' (୩, ୨, ୫) ଗ୍ରନ୍ଥରେ କୁହାଯାଇଛି, 'ମା ପିଟକ ସମ୍ପଦାନେନ' ଅର୍ଥାତ ଗ୍ରନ୍ଥରେ ଲିପିବଦ୍ଧ ହୋଇଛି ବୋଲି ଏହାକୁ ଧ୍ରୁବସତ୍ୟ ରୂପେ ଗ୍ରହଣ କରିବା ଅନୁଚିତ । 'ଦୀଘ ନିକାୟ' ର ତେବିଜ୍ଜସୁତ୍ତରେ ତ୍ରିବେଦ ତଥା ବ୍ରାହ୍ମଣ ଗ୍ରନ୍ଥର କର୍ତ୍ତା—ପ୍ରବକ୍ତା ଋଷିମାନଙ୍କୁ ବ୍ରହ୍ମାଙ୍କ ସଲୋକତା ମାର୍ଗ ବିଷୟରେ ଅନଭିଜ୍ଞ ଥିବା କୁହାଯାଇଛି । 'ଦୀଘ ନିକାୟ' (୧, ୧୩) ରେ ଉଦନ୍ତ ଧର୍ମକୀର୍ତ୍ତି

Digitized by srujanika@gmail.com

ନାମକ ଜଣେ ବୌଦ୍ଧାଚାର୍ଯ୍ୟ ପ୍ରମାଣ ବାର୍ତ୍ତିକ (୧, ୩୪୨) ଗ୍ରନ୍ଥରେ ବୁଦ୍ଧଙ୍କ ବାଣୀକୁ ଅନୁସରଣ କରି କହିଛନ୍ତି—"ବେଦକୁ ପ୍ରାମାଣିକରୂପେ ଗ୍ରହଣ କରିବା, ସଂସାରର ସ୍ରଷ୍ଟାକୁ ସମ୍ମାନିତ କରିବା, ସ୍ନାନାଦି କର୍ମରୁ ପୁଣ୍ୟ ଅର୍ଜନର ଭାବନା କରିବା, ନିଜଜାତି ଓ ଆଭିଜାତ୍ୟର ଗର୍ବ କରିବା ଏବଂ ପାପନାଶ କରିବା ପାଇଁ ଶରୀରକୁ କ୍ଲେଶ ଦେବା—ଏହା ମୂର୍ଖମାନଙ୍କର ପାଞ୍ଚ ଲକ୍ଷଣ।" କବୀର ମଧ୍ୟ କହିଛନ୍ତି—"କବୀର ପଢ଼ିବା ଦୂର କର, ପୁସ୍ତକ ଦେଇ ବହାଇ" (କବୀର ଗ୍ରନ୍ଥାବଳୀ—ପୃ ୩୮) । ଗୋରଖନାଥଙ୍କ ଗ୍ରନ୍ଥରେ ମଧ୍ୟ ବେଦ ଓ ପୁସ୍ତକୀୟ ଧର୍ମରେ ପରମତତ୍ତ୍ୱର ଜ୍ଞାନ ନଥିବା କୁହାଯାଇଛି । ଗୋରଖନାଥ କହିଛନ୍ତି—"ବେଦ କତେବ ନ ଖାଂଣୀଂ ବାଂଣୀଂ" (ଗୋରଖବାନୀ, ପୃଷ୍ଠା—୨) ଅନ୍ୟ ସ୍ଥଳରେ ସେ କହିଛନ୍ତି " ବେଦେ ନ ଶାସ୍ତ୍ରେ କତେବେ ନ ପୁରାଂଣେ ପୁସ୍ତକେ ନ ବଚ୍ୟାଜାୟୀ ତେ ପଦ ଜାଂନାଂ ବିରଲା ଜୋଗୀ ଔର ଦୁନୀ ସବ୍ ଧଂଧେ ଲାଇ" (ଗୋରଖ ବାଣୀ—ପୃ୩) । ଏମାନଙ୍କ ଦ୍ୱାରା ପ୍ରଭାବିତ ହୋଇ କବୀର ଗ୍ରନ୍ଥ ଜ୍ଞାନକୁ ଗ୍ରହଣ ନକରିଥିବା ବାରମ୍ବାର କହିଛନ୍ତି—"ପଣ୍ଡିତ ମୁଲ୍ଲା ଜୋ ଲିଖି ଦିଆ ଛାଁଡ଼ି ଚଲେ ପଛୁ ନ ଲୀୟା" (କବୀର ଗ୍ରନ୍ଥାବଳୀ, ପୃ—୩୦୦) । ସେ ଅନ୍ୟ ସାଧକମାନଙ୍କୁ ଉପଦେଶ ଛଳରେ କହିଛନ୍ତି— ବେଦାଦି ଗ୍ରନ୍ଥ ମନୁଷ୍ୟ କୃତ ହେବାରୁ ଏ ସବୁ ଲୋକଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରିଥାଏ, ସେଥିପାଇଁ ଏହାକୁ ତ୍ୟାଗ କରିବା ଉଚିତ । "ବେଦ କତେବ ଛାଁଡ଼ିଦେଉଁ ପାଁଡେ, ଇସବ୍ ମନ୍‌କେ ଭରମା କହଁଇ କବୀର ସୁନହୁ ହୋ ପାଁଡେ, ଇ ତୁହ୍ମରେ ହୈ କରମା ।" (କବୀର ଗ୍ରନ୍ଥାବଳୀ, ପୃ୧୮) । ଅଚ୍ୟୁତାନନ୍ଦ ବେଦ ପୁରାଣ ପ୍ରଭୃତିର ନିଃସାରତା ପ୍ରତିପାଦନ କରି 'ଗୁରୁଖାନ'ରେ କହିଛନ୍ତି—

"ବ୍ୟାସ ମହାମୁନି କବି ପ୍ରଚଣ୍ଡ
ପୁରାଣ କଲେ ଅଷ୍ଟାଦଶ ଖଣ୍ଡ ।
ଷାଠିଏ ଲକ୍ଷ ବଖାଣିଲେ ଗ୍ରନ୍ଥ
ସେହି ନ ଜାଣିଲେ ତଥି ତଦନ୍ତ ।

ତପବଳେ ଅବା ହୋଇଲେ ତେଡ଼େ
ସେ କାହିଂ ଜାଣିବେ ସମ୍ଭବ ତେତେ ।

ବ୍ରହ୍ମା ଯେ ବେଦ ବଖାଣିଲା ମୁଖେ
ବ୍ରହ୍ମାଣ୍ଡମାନ ଭିଆଇଲା ସୁଖେ ।
ସଂସାର ଅବା କଳ୍ପକ ରଚନା
ସେ ପୁଣି ପ୍ରଭୁଙ୍କ ସେବକ ସିନା ।
ନାଭିକମଳରୁ ଭ୍ରସଲ ଗୋଟି
ଥୋକାଏ ଦିନର ଏକଥା ସେଟି ।

Digitized by srujanika@gmail.com

ପଦ ପରଚେ ଆଚରଲ ଯନ୍ତୁଂ
ବେଦେ ଅଧିକାରୀ ହୋଇଲେ ତନ୍ତୁଂ ।
ପରମଧାମ ସେ ଜାଣିମ କାହ୍ନୁଂ
ସେ କଥା ବ୍ରହ୍ମାଙ୍କୁ ଗୋଚର ନାହ୍ନୁଂ ।
ବେଦ ଭିତରେଣ ସୃଷ୍ଟି ପାତନା
ନର୍ବାଣ କେ୍ୟାଡ ବେଦ ଯହ୍ନୁଂ ବଣା ।"

(ପ୍ରଥମଖାନ୍ନ, ୨୪-୩୨ ପଦ)

ଅଚ୍ୟୁତଙ୍କ ମତରେ କେବଳ ବେଦ ନୁହେଁ, ସଂସାରରେ ଯେତେ ଗ୍ରନ୍ଥ ଅଛି, ଯେତେ ବିଦ୍ୟାଅଛି ସବୁ ମୂଲ୍ୟହୀନ । ବେଦ ଓ ବେଦାନ୍ତ ପ୍ରଭୃତି ବ୍ରହ୍ମଙ୍କୁ ଜାଣି ନ ପାରିବା ଫଳରେ ତାଙ୍କୁ ନିରଞ୍ଜନ ନାମ ଦେଲେ । ତେଣୁ ଯେତେବେଳେ ବ୍ରହ୍ମଜ୍ଞାନ ବେଦର ଅଗମ୍ୟ, ସେତେବେଳେ ଅନ୍ୟ ଗ୍ରନ୍ଥ ଅଧ୍ୟୟନର ଆବଶ୍ୟକତା ନାହିଁ । କେବଳ ଧନ ଲୋଭରେ ହିଁ ପାଠ ପଢ଼ାଯାଏ । ପ୍ରକୃତ ଜ୍ଞାନ ବିଦ୍ୟାଠାରୁ ସ୍ୱତନ୍ତ୍ର । ଅଚ୍ୟୁତଙ୍କ ଭାଷାରେ—

"ବେଦ ହୋଇଲ୍ସ ସେ ମୋ ତହୁଂ ଆଗ
ବେଦାନ୍ତ କହେ ଉପଦେଶ ଭାଗ ।
ଏମାନେ ଯହୁଂ ଜାଣି ନ ପାରଲେ
ନିରଞ୍ଜନ ବୋଲି ନାମ ଧରିଲେ ।
ବେଦ ଆଦି ହୋଇ ତହୁଂକ ନାହୁଂ
ତହୁଂକ ଆନ ପଟାନ୍ତର କାହୁଂ ।
ଆବର ଯେତକ ଗ୍ରନ୍ଥ ପଢ଼ିବା
କବକୃତ୍ୟ ବୋଲି ତାହା ଛାଡ଼ିବା ।
ବିଦ୍ୟା ପଢ଼ିବା ଧନ ଲୋଭେ ସେହି
ବିଦ୍ୟାହୁଂ ଭିନେ ଜ୍ଞାନ ବୋଲି ସେହି ।"

(ପ୍ରଥମଖାନ୍ନ, ୩୫-୩୯ ପଦ)

ଅଚ୍ୟୁତାନନ୍ଦ ଗୁରୁ ପ୍ରଦତ୍ତ ଜ୍ଞାନକୁ, 'ବିଦ୍ୟାହୁଂ ଭିନେ' କହିଥିଲେ ହେଁ, ବୁଦ୍ଧଦେବଙ୍କ ପରି ଏହାକୁ ବିନା ଅନୁଭବରେ ଗ୍ରହଣ ନ କରିବାକୁ ଉପଦେଶ ଦେଇ ଅଛନ୍ତି । ଗୁରୁ କେବଳ ବାଟ ଚହ୍ନାଇ ଦିଏ । ତେଣିକି ଶିଷ୍ୟର କାମ ହେଉଛି, ନିଜ ଅନୁଭବ ଦ୍ୱାରା ଆଗକୁ ମାଡ଼ିଯିବା । ସେଥିପାଇଁ ଅଚ୍ୟୁତ କହୁଛନ୍ତି

"ବିନା ଅନୁଭବେ ନ ଜାଣି ତତ୍ତ୍ୱ
ଗୁରୁ ପଟାନ୍ତର ପଥୁକୀ ମତ ।"

(୧ମ ଖାଣ୍ଡି-ପଦ-୧୦୮)

Digitized by srujanika@gmail.com

ଅନ୍ୟ ସ୍ଥଳରେ ମଧ୍ୟ ଅଚ୍ୟୁତ ଅନୁଭବ ଜ୍ଞାନକୁ ଗୁରୁତ୍ୱ ପ୍ରଦାନ କରି କହିଛନ୍ତି—

"ବଚନ ଜ୍ଞାନ ଅନୁଭବେ ଜାଣି
ଲୋଚନେ ଜ୍ଞାନ ଦେଖାଇଲେ ଅଣି ।"
(ଚତୁର୍ଥ ଖାମ—ପଦ-୧୪୦)

ଅନ୍ୟ ଜ୍ଞାନ ଅନୁଭବରେ ଜାଣିହୁଏ, କିନ୍ତୁ ଲୋଚନ ଜ୍ଞାନ ହେଉଛି ଶ୍ରୀ ଜଗନ୍ନାଥଙ୍କ ଦର୍ଶନ । ଏହାକୁ ଶାସ୍ତ୍ର ପଢ଼ି ଜାଣି ହୁଏ ନାହିଁ । ଜଗନ୍ନାଥଙ୍କ ଦର୍ଶନ ଓ ଅଶେଷ କରୁଣାରୁ ଏହି ଜ୍ଞାନ ସାଧକ ହୃଦୟରେ ସ୍ୱତଃ ଜାଗ୍ରତ ହୋଇଥାଏ ।

"ଆବର ଜ୍ଞାନ ଅନୁଭବେ ଲେଖ
ଜଗନ୍ନାଥ ଜ୍ଞାନ ନୟନେ ଦେଖ ।"
(ଚତୁର୍ଥ ଖାମ-ପଦ-୧୪୦)

ମାନବତାବାଦର ପ୍ରତିଷ୍ଠା

ବୁଦ୍ଧଦେବ କେବଳ ହିନ୍ଦୁମାନଙ୍କର ଜାତିପ୍ରଥା ଉପରେ ଆକ୍ରମଣ କରି ନଥିଲେ, କେବଳ ଶାସ୍ତ୍ରଙ୍କୁ ତିରସ୍କାର କରି ନଥିଲେ ; ସେ ମନୁଷ୍ୟ ଓ ମନୁଷ୍ୟ ମଧ୍ୟରେ ସୃଷ୍ଟି ହୋଇଥିବା ଭେଦଭାବକୁ ଦୂରକରି ସମସ୍ତ ମାନବ ଜାତିକୁ ଏକ ବୋଲି ସ୍ୱୀକାର କରିଥିଲେ । ସେ ମନୁଷ୍ୟର ସ୍ୱତନ୍ତ୍ର ବୁଦ୍ଧି ଓ ମର୍ଯ୍ୟାଦାକୁ ସମ୍ମାନ ଦେଇ କହିଥିଲେ ଯେ ମନୁଷ୍ୟ କେବଳ ବ୍ରାହ୍ମଣ କୁଳରେ ଜନ୍ମ ହୋଇ ପୂଜ୍ୟ ହୁଏ ନାହିଁ କି ଶୁଦ୍ର କୁଳରେ ଜନ୍ମ ହୋଇ ପତିତ ହୁଏନାହିଁ । ମନୁଷ୍ୟର ଉଚ୍ଚତା ଓ ନୀଚତା ଜନ୍ମ ଉପରେ ନୁହେଁ, କର୍ମ ଉପରେ ନିର୍ଭର କରେ । ଜାତିଗତ ତୁଚ୍ଛତାକୁ ସ୍ପଷ୍ଟ କରିବା ପାଇଁ ବୁଦ୍ଧଦେବ ଗୋଟିଏ ସୁନ୍ଦର ଉପମା ଦେଇଛନ୍ତି—ଯଦି କୌଣସି ରାଜା ବିଭିନ୍ନ ଜାତିରୁ ଶହେ ଲୋକଙ୍କୁ ଏକତ୍ର କରି କୌଣସି ଗୋଟିଏ ଗଛର କାଠକୁ ଘଷି ନିଆଁ ବାହାର କରିବାକୁ ଆଦେଶ ଦିଅନ୍ତି ତା' ହେଲେ ସେମାନଙ୍କ ଘଷିବା ଫଳରେ ଯେଉଁ ନିଆଁ ବାହାରିବ ସେଥିରୁ କେହି କାହାଠାରୁ ଅଲଗା ହେବେ ନାହିଁ । ସେହିପରି ମନୁଷ୍ୟ ଜାତିରେ କୁଳଗତ ବା ଜନ୍ମଗତ ବିଭିନ୍ନତା ନାହିଁ । ସବୁ ମନୁଷ୍ୟ ସମାନ (ମଜ୍‌ଝିମ ନିକାୟ, ଅସ୍‌ସଲାୟଣ ସୁତ୍ତ ୨,୫,୩—ହିନ୍ଦୀ ଅନୁବାଦ, ପୃ ୩୮୮) । ସେଥିପାଇଁ ସେ ବାରମ୍ବାର କହିଛନ୍ତି,"ଜାତି ମା ପୁଚ୍ଛ ଚରଣଂ ପୁଚ୍ଛ " (ସଂଯୁତ୍ତ ନିକାୟ-୧, ୭, ୧, ୯) । ଅନ୍ୟତ୍ର ଭଗବାନ ବୁଦ୍ଧ କୁହନ୍ତି ଯେ ମନୁଷ୍ୟ ଜନ୍ମଲାଭ କରି ମନୁଷ୍ୟର ଜୀବନ ରହିବା ମଧ୍ୟ କଷ୍ଟକର । ସିଦ୍ଧ ସରହପା ସବୁ ଜାତିର ସମାନତା ପ୍ରତିପାଦନ କରି କହିଛନ୍ତି,—"ବ୍ରାହ୍ମଣ ବ୍ରହ୍ମା ମୁହଁରୁ ଯଦି ଜନ୍ମ ହୋଇଥିଲେ, ସେଦିନ ଅକି ଆଉ ନାହିଁ । ଆଜି ସମସ୍ତଙ୍କ ପରି ବ୍ରାହ୍ମଣ ମଧ୍ୟ ଜନ୍ମ ହେଉଛି । ତା' ହେଲେ ବ୍ରାହ୍ମଣର ବ୍ରାହ୍ମଣତ୍ୱ କୁଆଡ଼େ ଗଲା ?"କବୀର ମଧ୍ୟ ବ୍ରାହ୍ମଣ ଜାତିକୁ ସମସ୍ତଙ୍କ ସହ ସମାନ ଭାବେ ଗ୍ରହଣକରି କହିଛନ୍ତି, ଯେପରି ନଦୀନାଳ ଗଙ୍ଗାରେ ମିଶିବା ପରେ ଗଙ୍ଗାହୋଇଯାଏ, ସେହିପରି ସବୁ ମନୁଷ୍ୟ ସମାନ, ଜାତିକୁଳ ବିଗ୍ଭର ବ୍ୟର୍ଥ ।

Digitized by srujanika@gmail.com

'ଜାତକୁଳ ନ ଲଖୈ କୋଇସବ ଭଯ୍ୟେ ଭୃଂଗୀ
ନଦୀ ନାଲେ ମିଲେ ଗଂଗେ କହଲାୱୈ ଗଙ୍ଗୀ ।"

କବୀର ମନୁଷ୍ୟ ଜନ୍ମର ଦୁର୍ଲଭତା ଉପରେ ଗୁରୁତ୍ୱ ଦେଇ ଲେଖିଛନ୍ତି "ବାର ବାର ନହିଁ ପାଇଏ ମନଷା ଜନ୍ମ କମୌଜ ।"

(କବୀର ଗ୍ରନ୍ଥାବଳୀ, ପୃ—୨୪)

ବୁଦ୍ଧଦେବ ମାନବ ଜାତିର ହୃଦୟରେ ଯେଉଁ ନୂଆ ଭାବ ସ୍ଫୁରଣ କଲେ ଅଚ୍ୟୁତ ତଦ୍ୱାରା ପ୍ରଣୋଦିତ ହୋଇ ଲେଖିଛନ୍ତି—

"ଜଗତ ଭିତରେ ଜନ୍ତୁ ଅପାର
ମାନବ ଜନ୍ମ ସବୁ ଉତ୍ତଂ ସାର ।

ଗଜ ଆଦିକରି କୀଟ ପର୍ଯ୍ୟନ୍ତେ
କେତେ ଜନ୍ତୁ ନାହିଁ ସର୍ବ ଜଗତେ ।

ଅନ୍ୟ ଜନ୍ତୁମାନେ ଅଛନ୍ତି ଯେତୁ
ସୃଷ୍ଟି ପାତନା ନ ଜାଣନ୍ତି ସେତୁ ।

ଜାତ ଅଜାତ ଦୁଃଖ ସୁଖ ନାନା
ସବୁ ରଚନା ମାନବର ସିନା ।

ଭୂତ ଭବିଷ୍ୟ ବର୍ତ୍ତିମାନ ବାର୍ଦ୍ଧ
ଏହୁ ମାନେବ କରିଅଛୁ ସିଦ୍ଧି ।

ଯାବତ ପ୍ରକାରେ ଯେତେ ମେଦିନୀ
ସର୍ବ ବିଦ୍ୟାମାନେ ମାନେବ ଯେଜ ।"

(ପ୍ରଥମଖାନ୍ଦ, ପଦ ୪୭-୫୨)

ମାନବ ଜନ୍ମର ସାର୍ଥକତା ଜନ୍ମରେ ନୁହେଁ, କର୍ମରେ । ସେଥିପାଇଁ ବୁଦ୍ଧଦେବ ଜାତି ଉପରେ ନୁହେଁ ଆଚରଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଅଚ୍ୟୁତ ମଧ୍ୟ କର୍ମର ମହତ୍ତ୍ୱ ସ୍ୱୀକାର କରି ଲେଖିଛନ୍ତି,

"କଲି କରମ ଚରକାଲ ଥାଇ । ଜାରେଣୀ ଲୋକ କହୁଂ କହୁଂ ଯାଇ ।"

(ଦ୍ୱିତୀୟ ଖାନ୍ଦ, ପଦ-୮୭)

କର୍ମରୁ ଜ୍ଞାନର ପ୍ରକାଶ ହୁଏ । ପୁଣି ଜ୍ଞାନ ପ୍ରକାଶ ହେଲା ପରେ କର୍ମ ନାଶ ଯାଏ । କର୍ମରୁ ଆତ୍ମା ଓ ବ୍ରହ୍ମଜ୍ଞାନକୁ ମଧ୍ୟ ଜାଣିହୁଏ । କର୍ମ ଓ ଜ୍ଞାନର ସମ୍ପର୍କକୁ କବି ଅଚ୍ୟୁତ

Digitized by srujanika@gmail.com

ଫୁଲ ଓ ଫଳ ସହ ତୁଳନା କରିଛନ୍ତି ।

"ଫୁଲକୁ ଲାଗି ଫଳ ଯେହ୍ନେ ବଢ଼େ ।
ଫଳ ବଢ଼ିଲେ ଫୁଲ ଝଡ଼ି ପଡ଼େ ।"

(ତୃତୀୟ ଖାନ, ପଦ-୩୩)

କର୍ମକୁ ଅଭ୍ୟାସ କଲେ 'ମନୁଷ୍ୟ ଅଜାମର କାନ୍ଥି ହୁଏ, ଅର୍ଥାତ ମୃତ୍ୟୁ ବଶ ହୁଏ ନାହିଁ । କର୍ମର ଅଭ୍ୟାସ କରିବା 'ଦୀପ ଉଦ୍ଗତ ଜାଳିବା' ପରି ।

"ସତ ସଂଯୋଗେଣ ଦୀପ ଜାଳିବା
ନବାତ ମଧ୍ୟରେ ପ୍ରତିପାଳିବା ।
ତଇଲ ବଳତା ଅବଶେଷ ବୁଝି
ପୁଣ ପୁରାଇ ପୁଣ ଦେବା ତେଜି ।
ଯତନ କଲେ ଅବରୋଧେ ଥାଇ
ତାବତ ସେ ଦୀପ ନାଶ ନଯାଇ ।"

(ତୃତୀୟ ଖାମା, ପଦ-୩୭—୩୯)

ଯେଉଁ କର୍ମରୁ ତନୁ ସିକ୍ତ ହୁଏ, ସେହି କର୍ମ ପୁଣି ତନୁକୁ ଅସିକ୍ତ କରେ । କବି ଏପରି କର୍ମକୁ 'କୁମ୍ଭାରିଆ ପୋକ' ଓ ଅଗ୍ନି ସହ ତୁଳନା କରିଛନ୍ତି ।

ଯେଉଂ ବହ୍ନି ଯେଉଂ କାଠୁଂ କାଢ଼ି
ସେହୁ ନଆଂ ଯେନି ସେ କାଠ ପୋଡ଼ି ।
ଯଦ୍ୟପି ସେ କାଠ ଅନଳେ ଦହିବା
ପାଉଂଶ ହେଲେ କ ତାହା ପାଇବା

(ତୃତୀୟ ଖାନ, ପଦ-୧୧୭-୧୧୭)

ଏହିପରି ଅଚ୍ୟୁତଙ୍କ ମତରେ କର୍ମ ଦୁଇ ପ୍ରକାର । ଗୋଟିଏ ପ୍ରକାର କର୍ମରୁ ଜ୍ଞାନ ଉତ୍ପନ୍ନ ହୁଏ ଓ ଅନ୍ୟ ପ୍ରକାର କର୍ମରୁ ଅଜ୍ଞାନତା ବୃଦ୍ଧି ପାଏ । ମନୁଷ୍ୟ ଠାରେ ଦୟା, ସତ୍ୟ, ଅହିଂସା, ଶୀଳ, ଦାନ, ଧୈର୍ଯ୍ୟ, ସମଦୃଷ୍ଟି, ସନ୍ତୋଷ ଓ କ୍ଷମା ପ୍ରଭୃତି ଗୁଣ ଯେପରି ଅଛି, ସେହିପରି କାମ, କ୍ରୋଧ, ମଦ, ଲୋଭ, ମୋହ, ମାନ, ତୃଷ୍ଣା ଓ ଆଶା ଆଦି କୁଗୁଣ ମଧ୍ୟ ଅଛି । ପ୍ରଥମ ପ୍ରକାର ଗୁଣକୁ ପାଳନ କରି ଦ୍ୱିତୀୟ ପ୍ରକାର ଗୁଣକୁ ପରିତ୍ୟାଗ କଲେ ମଣିଷ ପରମପଦ ପ୍ରାପ୍ତ କରେ । ବୌଦ୍ଧଧର୍ମରେ ଏହାକୁ ସଦ୍‌ଧର୍ମ ବା ସଦାଚାର କୁହାଯାଇଛି । ଏହା ହେଉଛି ଧର୍ମର ମୂଳ । ବୁଦ୍ଧଙ୍କ ପରି କବୀର ମଧ୍ୟ ଏହି

Digitized by srujanika@gmail.com

ସଦାଚାରର ଧର୍ମର ମହିମା ବହୁ ସ୍ଥଳରେ ବ୍ୟାଖ୍ୟାନ କରିଛନ୍ତି । ସେ କୁହନ୍ତି, "କାମ, କ୍ରୋଧ, ମଦ, ଓ ଲୋଭ ଯେତେବେଳ ପର୍ଯ୍ୟନ୍ତ ମନୁଷ୍ୟକୁ ଗ୍ରାସ କରିଥାଏ, ସେତେବେଳ ପର୍ଯ୍ୟନ୍ତ ମୂର୍ଖ ଓ ବୁଦ୍ଧିମାନ ମଧ୍ୟରେ ପାର୍ଥକ୍ୟ ନଥାଏ । (ସନ୍ଥବାଣୀ ସଂଗ୍ରହ, ଭାଗ ୧, ପୃଷ୍ଠା ୫୩) । ମାୟା, ଆଶା ଓ ତୃଷ୍ଣାରୁ ମୁକ୍ତ ପାଇପାରିଲେ ମଣିଷ ନିର୍ବାଣ ପାଏ । (ସନ୍ଥବାଣୀ ସଂଗ୍ରହ, ଭାଗ ୧, ପୃଷ୍ଠା ୫୭) । ବୁଦ୍ଧଦେବ ମଧ୍ୟ ରାଗ, ଦ୍ୱେଷ, ମୋହ, ମାନ, କ୍ରୋଧ, ଓ ଆମର୍ଷ ଦ୍ୱାରା ଆବଦ୍ଧ ବ୍ୟକ୍ତିକୁ ଅନ୍ଧ ସହ ତୁଳନା କରିଛନ୍ତି । (ଇତିବୁତ୍ତକ, ୧-୬) ତୃଷ୍ଣା ବଶ ପ୍ରାଣୀ ଖୁଣ୍ଟରେ ବନ୍ଧା ହୋଇଥିବା ଠେକୁଆ ପରି କେବଳ ଖୁଣ୍ଟର ଚାରିପଟେ ବୁଲୁଥାଏ, ମୁକ୍ତି ପାଏ ନାହିଁ । (ଧମ୍ମପଦ, ଗାଥା-୩୪୩) ତୃଷ୍ଣାକୁ ତ୍ୟାଗ କଲେ ମଣିଷ ଅନ୍ତିମ ଶରୀରଧାରୀ ହୁଏ ।

(ଧମ୍ମପଦ, ଗାଥା-୩୫୧) ।

ମନ

ଜଗତରେ ସବୁ ମାନବଜାତିକୁ ରକ୍ଷା କରିବା ପାଇଁ ବୌଦ୍ଧଧର୍ମରେ ମନ ଓ ଦେହକୁ ବିଭିନ୍ନ ଉପଦେଶ ପ୍ରଦାନ କରାଯାଇଛି । ବୌଦ୍ଧଧର୍ମରେ ମନ, ଚିତ୍ତ ଓ ବିଜ୍ଞାନ ପର୍ଯ୍ୟାୟବାଚୀ ଶବ୍ଦରୂପେ ବ୍ୟବହୃତ । ଚିତ୍ତ ବିଷୟରେ ବୁଦ୍ଧଦେବଙ୍କ ମତ ହେଉଛି— ଏହା କ୍ଷଣିକ ଓ ଚଞ୍ଚଳ । ଏହାର ନିବାରଣ କରିବା ବା ଏହାର ଗତିକୁ ଅବରୋଧ କରିବା ସହଜ ନୁହେଁ । ତେବେ ବି ବୁଦ୍ଧିମାନ ଲୋକ ଏହାକୁ ସଂଯତ କରିଥାନ୍ତି (ଧମ୍ମପଦ, ଗାଥା-୩୩) । ସେ ଆହୁରି କହିଛନ୍ତି— ଚିତ୍ତ ଅତ୍ୟନ୍ତ ଚତୁର, ଏହାକୁ ବୁଝିବା ସହଜ ନୁହେଁ (ଧମ୍ମପଦ, ଗାଥା-୩୬) । ଏହା ସବୁ ପ୍ରବୃତ୍ତି ମଧ୍ୟରେ ମୁଖ୍ୟ ଏବଂ ସବୁ ପ୍ରକୃତି ଚିତ୍ତରୁ ହିଁ ଉତ୍ପନ୍ନ ହୋଇଥାଏ (ଧମ୍ମପଦ, ଗାଥା-୧) । ବୁଦ୍ଧଦେବ ଚିତ୍ତ ବିଷୟରେ ଯାହା କହିଥିଲେ, କବୀର ମନ ବିଷୟରେ ସେହି କଥା କହିଛନ୍ତି । ତାଙ୍କ ମତରେ ମନର ଇଚ୍ଛାନୁଯାୟୀ ଚାଲିବା ଠିକ ନୁହେଁ । ମନକୁ ସଂଯମ କରି ରଖିବା ଉଚିତ ।

"ମନକେ ମତେ ନ ଚାଲିଯେ, ମନକେ ମତେ ଅନେକ
ଯୋ ମନପର ଅସବାର ହୈ, ସୋ ସାଧୁ କୋଇ ଏକ ।"

(ସନ୍ଥବାଣୀ ସଂଗ୍ରହ, ଭାଗ-୧, ପୃଷ୍ଠା ୫୫)

କବୀର ଆହୁରି କହିଛନ୍ତି ମନ ସମୁଦ୍ରର ତରଙ୍ଗପରି ତରଙ୍ଗାୟିତ । ମନକୁ ସଂଯମ କରିପାରିଲେ ସମୁଦ୍ରରୁ ହୀରା ମିଳିବା ପରି ସୁଖ ମିଳିଥାଏ ।

"ଦେଖି ଲହର ସମୁଦ୍ରକୀ ଡେଖି ମନକୀ ଦୌର
ସଙ୍କ ଦେଇ ହୀରା ନୀପ ଦେଇ ଯୋ ମନ ଆଣ୍ଡେ ଠୌର"

(ସନ୍ଥବାଣୀ ସଂଗ୍ରହ, ଭାଗ-୧, ପୃ ୫୫)

Digitized by srujanika@gmail.com

ମନ ସବୁ କଥାକୁ ଜାଣିଥାଏ ଏବଂ ଜାଣି ଜାଣି ଭୁଲ୍ କରେ ।

"ମନ ଜାଣୈ ସବ ବାତ୍, ଜାଣତହି ଅଗୁଣ କରେ"

(କବୀର ଗ୍ରନ୍ଥାବଳୀ-ପୃ ୨୮)

କବୀର ମନକୁ ଗୋବନ୍ଦ ସହ ତୁଳନା କରିଛନ୍ତି । ସେ କୁହନ୍ତି ଯଦି ମନର ରକ୍ଷା କରାଯାଏ, ତା' ହେଲେ ବ୍ୟକ୍ତି ସ୍ୱୟଂ ପରମାତ୍ମାରେ ପରିଣତ ହୁଏ ।

"ମନ ଗୋରଖ ମନ ଗୋବନ୍ଦୌ, ମନହି ଔଘଡ଼ ହୋଇ
ଜେ ମନ ରାଖୈ ଜତନ୍ କରି, ତୌ ଆପେଇ କରତା ସୋଇ ।"

(କବୀର ଗ୍ରନ୍ଥାବଳୀ, ପୃ-୨୯)

କବୀରଙ୍କର ସାକ୍ଷୀ, ଶବ୍ଦ ଓ ଦୋହାରେ ମନର ଚଞ୍ଚଳତା, ମନର ଶ୍ରେଷ୍ଠତା ଏବଂ ମନର ସଂଯମତା ଉପରେ ବାରମ୍ବାର ଗୁରୁତ୍ୱ ପ୍ରଦାନ କରାଯାଇଛି । କବୀର ସବୁ ପ୍ରକାର ସାଧନା ମଧ୍ୟରେ ମନର ସଂଯମତାକୁ ହିଁ ବିଶେଷ ମହତ୍ତ୍ୱ ପ୍ରଦାନ କରିଥିଲେ । ଅଚ୍ୟୁତ 'ଗୁଣଖାନ'ରେ ମନର କାର୍ଯ୍ୟାବଳୀ ଉପରେ ଯେଉଁ ସଜୀବ ବର୍ଣ୍ଣନା ପ୍ରଦାନ କରିଛନ୍ତି, ତଦ୍ୱାରା ଏହି ପରମ୍ପରା ହିଁ ପାଳିତ ହୋଇଛି ।

"ଏବେ ହୋ ମନ ତୁହି ତୋତେ ଚହ୍ନ
ସଂସାର ଦେହୁଂ ତୁ ନୋହୁ ନା ଭିନ୍ନ ।
ତୋ ହୋ ନଥିଲେ ତ ସଂସାର ନାହିଂ
ସଂସାର ନ ଥିଲେ ତୁ ଥିବୁ କାହିଂ ।
ଏଣୁ କରି ମନ ଦେହର ଶାଖା
ସଂସାର ଦେହ ମନ ଯେଣି ଲେଖା ।

(ଦ୍ୱିତୀୟ ଖାନ, ୧୩୩-୧୩୪-୧୩୫ ପଦ)

× × ×

ଯଦି ଏ ମନ ସୁଗତିକି ଯାଇ
ବଡ଼ ବନାଶି ମୋକ୍ଷ ଗତି ପାଇ ।
ଅଥବା ଯେବେ କୁଗତି ଆଚରି
ଜନ୍ମ ମରଣ ଦୁଃଖେ ଅଧିକାରୀ ।"

(ଦ୍ୱିତୀୟ ଖାନ, ୧୪୦-୧୪୧ ପଦ)

Digitized by srujanika@gmail.com

ମନକୁ ସବୁ ଇନ୍ଦ୍ରିୟ ମଧ୍ୟରେ ଶ୍ରେଷ୍ଠ ବୋଲି ପ୍ରତିପାଦନ କରି ଅଚ୍ୟୁତ ଲେଖିଛନ୍ତି,

'ମନ ମୁଖ୍ୟ କରି ଇନ୍ଦ୍ରିୟ ନାନା
ଆତ୍ମାର ସବୁ ପରିବାର ସିନା ।"

(ଛତିଶୁଖାନ, ୧୨୪ ପଦ)

ଅନ୍ୟ ସ୍ଥାନରେ କବି କହିଛନ୍ତି,

"ଯହୁଁ ଏ ମନର ଅନନ୍ତ ମାୟା
ତେଣୁ ସେ ନାଶ କରୁଅଛି କାୟା ।"

(ଚତୁର୍ଥ ଖାନ, ୧୨୨ ପଦ)

ମନର ଶ୍ରେଷ୍ଠତା ପ୍ରତିପାଦନ କରି ଅଚ୍ୟୁତ ପୁନଶ୍ଚ କହିଛନ୍ତି,

"ତୁ ମନ ତିନି ଜଗତକୁ ରାଜା
ତୋହୋ ନ ଆପିଲେ ଦେବେ ଅପୂଜା ।
ତୁ ଯହୁଁ ତୋତେ ପଂତେ ନ ଯାଉ
ଜନ୍ମମରଣ ତେଣୁ କରି ପାଉ ।
ପରକୁ ଆପି ପରସିଙ୍ଗ କରୁ
ମୋହ ଜଳେ ବୁଡ଼ି ଆପଣେ ମରୁ ।
ବୁଦ୍ଧି ଆତଯାତ କରୁ ସଂସାର
ତୋ ବିନା ଆନ ନାହିଁ ତିନିପୁର ।
ଅସିଙ୍ଗ ରୂପ ସିଙ୍ଗ କରିପାରୁ
ସିଙ୍ଗକୁ କର୍ମା ସଦଭାବେ ମାରୁ ।
ଯାବତ ଚନ୍ଦ୍ର ଦିବାକର ଥିବ
ତେହ୍ନୋ ରଖିଲେ ଦେହ କଂପା ଯିବ ।"

(ଦ୍ୱିତୀୟ ଖାନ, ୯-୧୪ ପଦ)

ଅଚ୍ୟୁତଙ୍କ 'ଗୁରୁଖାନ' ମନ, ଚୈତନ୍ୟ ସମ୍ବାଦ ଛଳରେ ଲେଖାଯାଇଥିବାରୁ ଏଥିରେ ସାଧନା, ଜ୍ଞାନ, ଶରୀର, ବିଦ୍ୟା ପ୍ରଭୃତିର ଯେଉଁ ବିଶ୍ଳେଷଣ କରାଯାଇଛି ସେ ସବୁ ମନ ପାଇଁ । ମନ ଏ ସବୁକୁ ନବୁଝିଲେ ମନୁଷ୍ୟ ମୋକ୍ଷ ବା ନିର୍ବାଣ ପାଏନାହିଁ ।

ଶରୀର

ବୌଦ୍ଧଧର୍ମରେ ଅନିତ୍ୟ ଦୁଃଖ ଓ ଅନାତ୍ମକୁ ତ୍ରିଲକ୍ଷଣ କୁହାଯାଇଛି ଏବଂ ଏହାହିଁ ହେଉଛି ବୌଦ୍ଧଧର୍ମର ମୁଖ୍ୟ ସିଦ୍ଧାନ୍ତ । ବୁଦ୍ଧଦେବଙ୍କ ମତରେ ସବୁ ସଂସ୍କାର ଅନିତ୍ୟ, ଦୁଃଖ ଓ ଆତ୍ମା ରହିତ ।

(ଧମ୍ମପଦ, ଗାଥା—୨୭୨-୨୭୯)

Digitized by srujanika@gmail.com

ସେଥିପାଇଁ ବୁଦ୍ଧଦେବ ଶରୀରକୁ ପାଣି ଫୋଟକା ସଦୃଶ କ୍ଷଣ ଭଙ୍ଗୁର କହିଛନ୍ତି,

“ଯଥା ବୁବ୍‌ବୁଲଙ୍କ ପସ୍‌ସେ” (ଧମ୍ମପଦ ଗାଥା—୧୭୦)

କବୀର ବୁଦ୍ଧଦେବଙ୍କ ବାଣୀରୁ ଅନିତ୍ୟତା ଓ ଦୁଃଖକୁ ଗ୍ରହଣ କରିଥିଲେ ହେଁ ଆତ୍ମାକୁ ଈଶ୍ୱର ସହିତ ସମାନ କରିଛନ୍ତି । ସଂସାରର ଅନିତ୍ୟତା ସମ୍ପର୍କରେ ସେ କହିଛନ୍ତି—

“ମାତା ପିତା ବନ୍ଧୁ ସୁତ ତିରିୟା, ସଙ୍ଗ ନହି କୋଏ ସକାରେ
ଜବ୍ ଲଗ୍ ଜୀବୈ ଗୁରୁଗୁଣ ଲେଗା, ଧନଜୌବନ ହୈ
ଦାନ ଦସ୍ କାରେ ।”

(କବୀର, ପୃ—୩୪୮)

ଅର୍ଥାତ ଯେତେବେଳେ ମୃତ୍ୟୁ ଆସେ ସେତେବେଳେ କେହି ସଙ୍ଗରେ ଯାଆନ୍ତି ନାହିଁ । ପୁତ୍ର, ମାତା, ପିତା ଭାଇ, ବନ୍ଧୁ, ସ୍ତ୍ରୀ ମଧ୍ୟରୁ କେହି ସାଥୀ ହୁଅନ୍ତି ନାହିଁ । ଅଚ୍ୟୁତ ମଧ୍ୟ ସଂସାରର ଅନିତ୍ୟତା ପ୍ରତିପାଦନ କରିବାକୁ ଯାଇ କହିଛନ୍ତି,

“ବିଦ୍ୟା ସମ୍ପତ୍ତି ଯୌବନଧନ
ଦେହ ଥିଲେ ସିନା ଥିବ ଏମାନ ।
ସବୁ ହଜିଲେ ଦେହ ଥିଲେ ପାଇ
ଦେହ ହଜିଲେ କି ସଂସାରୁ ଯାଇ ।”

(ପ୍ରଥମଖାନ, ୮୫-୮୬ ପଦ)

ଅନ୍ୟ ସ୍ଥଳରେ ଅଚ୍ୟୁତ କବୀରଙ୍କ ପରି କହିଛନ୍ତି,

ଜନ୍ମ ହିଂ ଏକା ମରଣ ହିଂ ଏକା
ବନ୍ଧୁ ବାନ୍ଧବ ସ୍ନେହ କାହା ସଖା ।
ଅର୍ଥ ଲୁବ୍ଧେ କଥା ଭାବେ ସଙ୍ଗ
ଯେ ଯାହା କରମ ତାହାର ଅଙ୍ଗ ।

ଦ୍ୱିତୀୟ ଖାନ, ପଦ ୪୩-୪୪)

ଜୀବନର ଅନିତ୍ୟତାକୁ ଆହୁରି ସ୍ପଷ୍ଟ ଭାବେ ପ୍ରକାଶ କରିବାକୁ ଯାଇ ଅଚ୍ୟୁତ ଲେଖିଛନ୍ତି,

ପରମ ପଦ ମହାସୁଖ ଛାଡ଼ି
ଅକାରଣେ ମର ଅମଡ଼ା ମାଡ଼ି ।
ସେହି ନକ୍ଷତ୍ର ସେହି ବାର ତିଥି
ସେହି ଦିବସ ସେହି ସନ୍ଧ୍ୟା ରାତି ।
ସଂସାର ଯାକ ସେହି ମତେ ଆଇ
ସବୁ ଛାଡ଼ି ଏଥୁଁ ଜୀବନ ଯାଇ ।”

(ଦ୍ୱିତୀୟ ଖାନ ପଦ ୧୨୯-୧୩୦)

Digitized by srujanika@gmail.com

ଶରୀରର ଅନିତ୍ୟତା ପାଇଁ ବୁଦ୍ଧଦେବଙ୍କ ପ୍ରସିଦ୍ଧ ପଦ ହେଉଛି, "କୁମ୍ଭୂପମଂ କାୟମିମଂ ବଦିତ୍ୱା" (ଧମ୍ମପଦ, ଗାଥା-୪୦) । କବୀର ମଧ୍ୟ ତନୁକୁ କଞ୍ଚାକୁମ୍ଭ ସହ ତୁଳନା କରି ଲେଖିଛନ୍ତି,

"ୟହୁ ତନ କାଚା କୁଂଭ ହୈ, ଲିୟାଂ ଫିରେ ଥା ସାଥ
ଢବକା ଲଗା ଫୁଟି ଗୟା, କଛୁ ନ ଆୟା ହାଥ ।"

(କବୀର ଗ୍ରନ୍ଥାବଳୀ, ପୃଷ୍ଠା ୨୫)

ଅଚ୍ୟୁତ ଠିକ୍ ଏହିପରି କହୁଛନ୍ତି,

"କଞ୍ଚାମାଟି ଘଟ କୁମ୍ଭ'ର ଗଢେ
ଅନଳ ଜାଳି ଦୃଢ଼ କରି ପୋଡ଼େ ।
ଏ ଦେହ ସିଦ୍ଧ କି ପରକୁ କରଇ
ସେ ହାଣ୍ଡି ଥାଉ ଆପଣେ ମରଇ ।"

(ଦ୍ୱିତୀୟ ଖାନ, ପଦ ୧୬-୧୭)

ବୁଦ୍ଧଦେବ ଶରୀରର ଅନିତ୍ୟତା ଉପରେ ବାରମ୍ବାର ଗୁରୁତ୍ୱ ପ୍ରଦାନ କରିଥିଲେ ହେଁ ଶରୀର ବିନା କୌଣସି ସାଧନା ଅସମ୍ଭବ—ଏ କଥା ମଧ୍ୟ ସେ ଜାଣିଥିଲେ । କାରଣ ମନୁଷ୍ୟ ଯାହା ବି କରେ, ସବୁ ଦେହ ଯୋଗୁଁ କରିଥାଏ । ଦେହ ନଥିଲେ ତୀର୍ଥ, ଯାତ୍ରା, ସ୍ନାନ, ଶୁଦ୍ଧି ସମ୍ଭବ ନୁହେଁ । ଅଚ୍ୟୁତାନନ୍ଦ ସେଥିପାଇଁ ଦେହର ଗୁରୁତ୍ୱ ସ୍ୱୀକାର କରି କହୁଛନ୍ତି,

'ଯେତୁଂ ଦେହ ଯେଣୁ ସଂସାରେ ଅଛୁ
ଜାଣୁ ଜାଣୁ କଂପା ଦେହକୁ ଲେଛୁ ।
ଯେହାକୁ ଲେଛୁ କାହୁଂ ଜପ ପାଉ
ଏତେ ମହାସୁଖ ଉପେଖି ଯାଉ ।
ତୋ ମନେ ତୋତେ ନଚଳୁ କାହୁଂକ
ଅକ୍ଷରର ପଦ ଲେଛୁ କାହୁଂକ ।
କାହା ହୋଇନାହୁଂ ଦେହ ନିମନ୍ତେ
ଏତେମାନ ଦେହ ଲେଛୁ କେମନ୍ତେ ।
ଦେହ ନାଶକେ ତୁ ରହିବୁ କାହୁଂ
ସବୁ ହୋଇଅଛୁ ଦେହରେ ଥାଇ ।
ସେ ଦେହ ଗଲେ ତୁ କାହୁଂକ ଲେଖା
ଦେହ ଜୀବନ ଏ ତୋହର ସଖା ।"

(ଦ୍ୱିତୀୟ ଖାନ, ପଦ ୩୮)

Digitized by srujanika@gmail.com

ବୌଦ୍ଧଯୋଗୀମାନେ କାୟା ମଧ୍ୟରେ କାୟାର ସନ୍ଧାନ କରୁଥିଲେ ଏବଂ ସେଇଥିରୁ ଅମୃତ ଲାଭ କରି ବିଦ୍ୟା ଓ ବିମୁକ୍ତିର ସାକ୍ଷାତକାର କରୁଥିଲେ । ସିଦ୍ଧ ଶରହପା ଏଇ ଶରୀରକୁ ସବୁ ତୀର୍ଥର ସମନ୍ୱୟ ରୂପେ ଗ୍ରହଣ କରିଛନ୍ତି । ଏଇ ଶରୀରରେ ସରସ୍ୱତୀ, ସୋମନାଥ ଓ ଗଙ୍ଗାସାଗର । ଏଇ ଶରୀରରେ ବାରଣାସୀ, ପ୍ରୟାଗ ଓ ଚନ୍ଦ୍ରଦିବାକର । ସେ ଆହୁରି କହିଛନ୍ତି ଯେ ଦେହ ସଦୃଶ ତୀର୍ଥ ସେ କେଉଁଠି ଦେଖିନାହାନ୍ତି । ଗୋରଖନାଥ ମଧ୍ୟ କହିଛନ୍ତି,

"ଘଟ-ହିଁ ଭିଂତରି ଅଠସଠି ତୀରଥ କହାଁ ଭ୍ରମୈରେ ଭାଇ ?"

(ଗୋରଖବାନୀ, ପୃ ୫୫)

କବୀର ମଧ୍ୟ ଏଇ ଶରୀରରେ ସବୁ ତୀର୍ଥର ଦର୍ଶନ କରିଛନ୍ତି । କାଶୀ, କମଳାପତି ଓ ବୈକୁଣ୍ଠ ବାସୀ ମଧ୍ୟ ଏଇ ଶରୀର ମଧ୍ୟରେ ବିରାଜମାନ ।

"କାୟା ମଧେ କୋଟି ତୀରଥ, କାୟା ମଧେ କାସୀ
କାୟା ମଧେ କମଲାପତି, କାୟା ମଧେ ବୈକୁଣ୍ଠବାସୀ ।"

(କବୀର ପଦାବଲୀ, ପୃ ୧୪୫)

ଅଚ୍ୟୁତ ମଧ୍ୟ ଦେହ ପ୍ରତି ସାଧକମାନଙ୍କର ଦୃଷ୍ଟି ଆକର୍ଷଣ କରି ଲେଖିଛନ୍ତି,

"ଦେହ ଆବୋରି ଦେହ ସଙ୍ଗେ ଥିଲୁ
ଦେହ ନାଶ ଗଲେ ଭୁହିତ ମଲୁ ।
ଦେହ ଆଦି କରି ସକଳ ମର୍ମ
ଦେହ ଘେନି କରି ସକଳଧର୍ମ ।
ଦେହ ଥିବା ଯାଏ ସବୁ ଆବୋରଇ
ଦେହ ଗଲେ ସବୁ ସେଠାରୁ ସରଇ ।"

(ବ୍ରହ୍ମ ତାପସ୍ୟ ଖାଣ୍ଡ, ୧୧-୨୦-୨୧ ପଦ)

ସେ ପୁଣି କହିଛନ୍ତି, ଏଇ ଶରୀର ହେଉଛି ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ । ଉର୍ମ, ଧୂର୍ମ ଜ୍ୟୋତି, କଳା, ବିନ୍ଦୁ ପ୍ରଭୃତି ବିଭିନ୍ନ କଳା ଏବଂ ସଂସାରର ସବୁ ସୃଷ୍ଟି—ଏଇ ଦେହ ପାଇଁ ସମ୍ଭବ । ଅଚ୍ୟୁତାନନ୍ଦ ଏଇ ଦେହର ବର୍ଣ୍ଣନା କରି କହିଛନ୍ତି—

"ତଳେ ତଳପା ଉପରେଣ କେଶ
ଏତେକ ଘେନି ହୋଇଅଛି ଦେଶ ।
ଆଣ୍ଠୁ ଚଣ୍ଟି କଟୀ ନାଭି ମୂଳକୁ
ଏତେ ଶରୀର ପାତାଳ ତଳକୁ ।

Digitized by srujanika@gmail.com

ଜଠର ଠାରୁ କଟୀ ଉଚ୍ଚଯାଏ
ମଧ୍ୟ ଭୁବନ ଏ ମର୍ତ୍ତ୍ୟ କାଏ ।
କଣ୍ଠୁ ଠାରୁ ବ୍ରହ୍ମ ରନ୍ଧ୍ର ଯାଏ
ଏହୁ ଶରୀର ବୈକୁଣ୍ଠ ହୁଏ ।"

(ଚତୁର୍ଥ ଖଣ୍ଡ, ୫୧-୫୪ ପଦ)

ମନୁଷ୍ୟର ଏହୁ ଅନିତ୍ୟ ଦେହରେ ତିନି ପ୍ରକାର ଅବସ୍ଥା ଦେଖିବାକୁ ମିଳେ । 'ଜ୍ଞେୟତ୍ରୟ ଜାଗ୍ରତୌ ନିଦ୍ରା'—ଏଥିରୁ ଗୋଟିଏ ଥିଲେ ଅନ୍ୟଟି ରୁହେନାହିଁ । ଜାଗ୍ରତ ଭାବରେ ମନୁଷ୍ୟ ଯାହା କରିଥାଏ, ସ୍ୱପ୍ନାବସ୍ଥାରେ ସେ ସବୁକୁ ଭୁଲିଯାଏ । ଏହୁ 'ଜାଗ୍ରତ' ହେଉଛି ବ୍ରହ୍ମାଙ୍କର ସୃଷ୍ଟି ଏବଂ ବିଷ୍ଣୁଙ୍କ ସୃଷ୍ଟି ହେଉଛି 'ସ୍ୱପ୍ନ' । ଏଇ ଦୁଇ ମଧ୍ୟରେ ଜ୍ଞାନ ପ୍ରକାଶ ପାଇଥାଏ । ଏହା ହେଉଛି ବୁଦ୍ଧଦେବଙ୍କ ମଧ୍ୟମ ମାର୍ଗ । ବୁଦ୍ଧଦେବ ପ୍ରବୃତ୍ତି ଓ ନିବୃତ୍ତି ଉଭୟଙ୍କୁ ଚଳି ସାଧନା କରିବାକୁ କହିଛନ୍ତି । 'ମୃଗଦାବ'ରେ ପ୍ରଥମ ଉପଦେଶ ଦେଲାବେଳେ ସେ ନିଜର ଶିଷ୍ୟମାନଙ୍କୁ କହିଥିଲେ, ଦୁଇପାଖ ଛାଡ଼ି ମଝିରେ ଚାଲ । ବିଷୟ ବାସନାରେ ଲିପ୍ତ ହେବାପରି ବିଭିନ୍ନ ପ୍ରକାର କୃଚ୍ଛ୍ର ସାଧନା ଦ୍ୱାରା ଶରୀରକୁ ଶୁଷ୍କ କରିବା ନିନ୍ଦନୀୟ । ଭୋଗ ସହିତ ଯୋଗର ସମନ୍ୱୟ କରିବାର ପରମ୍ପରା ବୋଧ ହୁଏ ପ୍ରଥମେ ଜନକ ହିଁ ଆରମ୍ଭ କରିଥିଲେ । ଗୀତାରେ ଏହାକୁ ନିଷ୍କାମ କର୍ମ ଆଖ୍ୟା ଦିଆଗଲା । ବୁଦ୍ଧଦେବଙ୍କ ମଧ୍ୟ ମାର୍ଗ ହେଉଛି ଏଇ ଚିନ୍ତାଧାରାର ବିକାଶ । ବୁଦ୍ଧଦେବଙ୍କ ପରି ଅଚ୍ୟୁତ ମଧ୍ୟ ଜାଗ୍ରତ (ଯୋଗ) ଓ ସ୍ୱପ୍ନ (ଭୋଗ) —ଏ ଦୁଇଟିକୁ ଛାଡ଼ି ଶିବଙ୍କ ସୃଷ୍ଟ ଜ୍ଞାନ ମାର୍ଗର ଆଶ୍ରୟ ନେବାପାଇଁ କହିଛନ୍ତି,

"ଜାଗ୍ରତ ଭାବ ଏ ବ୍ରହ୍ମାର ସୃଷ୍ଟି
ବିଷ୍ଣୁର ସଂସାର ସ୍ୱପନ ଦୃଷ୍ଟି ।
ଦେହ ଅଭ୍ୟନ୍ତରେ ଯେବଣ ଦେହି
ଈଶ୍ୱର ସୃଷ୍ଟି ଜ୍ଞାନ ଗୁଣ ହେହି ।"

(ଚତୁର୍ଥ ଖଣ୍ଡ, ପଦ ୧୦୧-୧୦୨)

ଅଚ୍ୟୁତ ତାଙ୍କ 'ଶୂନ୍ୟଶଂହିତା'ରେ ଶରୀର ଓ ମନର ଯେଉଁ ବିଶ୍ଳେଷଣ କରିଛନ୍ତି, ସେଥିରୁ ଜଣାଯାଏ ମନ ଯେପରି ଶରୀରକୁ ଆଶ୍ରୟ କରେ, ଶରୀର ମଧ୍ୟ ସେହିପରି ମନକୁ ଆଶ୍ରୟ କରିଥାଏ । ମନ ଓ ଶରୀର ଉଭୟର ସାଧନା ନକଲେ ମଣିଷ ମୋକ୍ଷ ପାଏନାହିଁ । ମନ ଓ ଦେହର ଏହୁ ପରସ୍ପର ସାପେକ୍ଷିତ ବର୍ଣ୍ଣନା କରି କବି କହିଛନ୍ତି,

"ପୁଷ୍ପର ଭିତରେ ବାସ ଯେମନ୍ତ
ଶରୀର ଭିତରେ ମନ ତେମନ୍ତ ।"

(ତୃତୀୟ ଖଣ୍ଡ, ୫୪ ପଦ)

Digitized by srujanika@gmail.com

ଅନ୍ୟ ସ୍ଥଳରେ କବି କହିଛନ୍ତି,

"ଏ ମନ ସହିତଂ ଦେହକୁ ନରଖିବ
ଦେହର ସଙ୍ଗେ ବୁଦ୍ଧି ନାଶ ଯାଇ ।
ଯେସନ ବହ୍ନି କମାର ଶାଳେ
ମ ତ ଖାଉଥାଇ ଢବଢ ଫାଳେ ।
ତେସନ ମନ ଦେହ ସଙ୍ଗେ ଥାଇ
ସବୁ ମୂଢ଼ଂ ଅଛୁ ନାମେକ ବହି ।"

(ତୃତୀୟ ଖାନ୍ନ, ୪୭-୪୮-୪୯ ପଦ)

ଦେହର ରକ୍ଷା ଓ ମନର ସଂଯମତା ହେଉଛି ଅଚ୍ୟୁତଙ୍କ ପ୍ରଦର୍ଶିତ ମାର୍ଗର ପ୍ରଥମ ସୋପାନ । ସେ ତାଙ୍କର ଚନ୍ତାଧାରାକୁ କେତେଗୁଡ଼ିଏ ଉପମା ମାଧ୍ୟମରେ ପ୍ରକାଶ କରିଛନ୍ତି । ପୁଷ୍ପ ଭିତରେ ବାସ ପରି ଶରୀର ଭିତରେ ମନ ଏବଂ ଇକ୍ଷୁ ଭିତରେ ଗୁଡ଼, ଦୁଗ୍ଧ ଭିତରେ ଘୃତ ପୁଣି ସମୁଦ୍ର ମଧ୍ୟରେ ଲବଣ ପରି ମନ ଭିତରେ ଜ୍ଞାନ ବିରାଜମାନ କରିଛି । ଅଚ୍ୟୁତଙ୍କ ପ୍ରଦତ୍ତ ଉପମା ଓଡ଼ିଆ ସନ୍ଥ ସାହିତ୍ୟରେ ଅତି ପରିଚିତ । ଦେହକୁ ରକ୍ଷା କରିବା ବା ଚହ୍ନିବା ଅଚ୍ୟୁତଙ୍କ ସାଧନା ପ୍ରଣାଳୀର ପ୍ରଥମ ସୋପାନ । ସେଥିପାଇଁ ସେ ଦେହପ୍ରତି ସାଧକର ଦୃଷ୍ଟି ଆକର୍ଷଣ କରି କେତେବେଳେ ଦେହର ଉତ୍ପତ୍ତି କଥା, କେତେବେଳେ ଦେହ ସହିତ ମନର ସମ୍ପର୍କ, କେତେବେଳେ ଦେହ ସହିତ ଜୀବନ ବା ଆତ୍ମାର ସମ୍ପର୍କ ବର୍ଣ୍ଣନା କରିଛନ୍ତି ।

ଦେହର ମହିମା ବର୍ଣ୍ଣନା କରି ଅଚ୍ୟୁତ କହନ୍ତି ଯେ—"ଏହା ହେଉଛି ଭଗବାନଙ୍କର ଏକ ଆଶ୍ଚର୍ଯ୍ୟ ସୃଷ୍ଟି ବା ଦୁର୍ଲଭ କର୍ମ । କବି କହିଛନ୍ତି—

"କେତେ ବିଜ୍ଞାଣି ଯେ ସଂସାରେ ନାହିଁ
ଯେମନ୍ତ ପ୍ରତିମା ଗଢ଼ିବେ କାହିଁ ।
ବାହାର ପ୍ରକାରେ ଦେଖି ଗଢ଼ିବେ
ଭିତର କାହିଁ ନିବାଡ଼ି ପାରିବେ ।
ଭିତର କମହିଂ ଯେବେ ଜାଣିବେ
ବିଷୟ ଅଗୋଚର କାହିଁ ଆସିବେ ।
ଭଲ ବିଜ୍ଞାଣୀ ଯେ ପରମାନନ୍ଦ
ଦଣ୍ଡିଆ କମ ଦେଖନ୍ତାକୁ ଅନ୍ଧ ।"

(ଦ୍ୱିତୀୟ ଖାନ୍ନ ପଦ ୫୯-୫୭)

ଭଗବାନଙ୍କର ଏହି ଲୀଳା ଅତି ଅଗୋଚର । ଅନେକ ବିଦ୍ୟା ଜାଣିଥିଲେ ମନୁଷ୍ୟ ପରି ଗୋଟିଏ ରୂପ ଗଢ଼ିବା ସହଜ ନୁହେଁ । କେବଳ ବିଦ୍ୟା ନୁହେଁ ପାତାଳର ଅଧିପତି ବାସୁକୀ, ସ୍ୱର୍ଗର ରାଜା ଇନ୍ଦ୍ର, ବିଭିନ୍ନ ଅସୁର, କୋଟିଏ ଦେବତା ଏବଂ ମର୍ତ୍ତ୍ୟ ଭୁବନର ସବୁ

Digitized by srujanika@gmail.com

ମହାରାଜା ମିଶିଲେ ମଧ୍ୟ ଏଥିରୁ ଗୋଟିଏ ଗଳି ପାରିବେ ନାହିଁ । ଏହି ଆଶ୍ଚର୍ଯ୍ୟ ଲୀଳାକୁ ଜାଣିବା କେବଳ ବିବେକୀମାନଙ୍କ ପକ୍ଷରେ ସମ୍ଭବ । କବି ଏହାକୁ 'ପରଚେ ଛନ' କହିଛନ୍ତି । ଅନେକ କହନ୍ତି ଯେ ଦେହ ଭିତରେ ଆତ୍ମା ଥାଏ । ଆତ୍ମାର ସ୍ୱରୂପ ଜାଣିବା ପାଇଁ ଅନେକ ବ୍ୟଗ୍ରତା ପ୍ରକାଶ କରିଥାନ୍ତି । ଅଚ୍ୟୁତ ସେହିମାନଙ୍କୁ ଲକ୍ଷ୍ୟ କରି କହୁଛନ୍ତି—

"ଥିଲର ତୋତେ ଅଗେ ଚର ଯନ୍ତ୍ରଂ
ନ ଥିଲୁ ଗୋଚର କରିବୁ କାହିଂ ।"

(ଭୃଙ୍ଗାସ୍ତୁ ଖାନ୍ଦ ପଦ ୭୦)

ଅର୍ଥାତ୍ ଏହି ଶରୀର ଭିତରେ ଏପରି ଅନେକ କଥା ଅଛି ଯାହାକି ମଣିଷ ଜାଣେ ଦେଖିପାରେ ନାହିଁ । ଉଦାହରଣ ପାଇଁ ସେ କହିଛନ୍ତି—

"ତୋହର ଶିର ତୋର ତହିଂ ଶୋଷ
ସେ କଂପା ତୋତେ ନଦିଶଇ ଅବା ।
ପିଠି ଆଡ଼ କରି ଏ କଟୀବନ୍ଧ
ସ୍ଥାନଇ ନଦିଶଇ ବିଷମ ଧନ୍ଦ ।
ଏହିଠାରେ ଥାଇ ଏତେକ ବଣା
ଆଖି ଥାଉଂ ଥାଉଂ ହୋଇଛୁ କଣା ।"

(ଭୃଙ୍ଗାସ୍ତୁ ଖାନ୍ଦ, ପଦ ୭୧-୭୩)

ମଣିଷ ଯେ ନିଜକୁ ଦେଖିପାରେ ନାହିଁ ସେ କଥାକୁ ଅତି ନିବିଡ଼ ଭାଷାରେ କବି ବର୍ଣ୍ଣନା କରିଛନ୍ତି । ମଣିଷ ଯେଉଁ ଆଖିଦ୍ୱାରା ଜଗତକୁ ଦେଖିପାରେ, ସେଇ ଆଖିକୁ ଦେଖିବା ତା' ପକ୍ଷରେ ସମ୍ଭବ ନୁହେଁ । ଅଥଚ ଏହା ଅତିଦୂର ନୁହେଁ, ବାଡ଼ ବି କେହି ଦେଇନାହିଁ । କିନ୍ତୁ ମଣିଷ ଏହାକୁ ଦେଖିପାରେ ନାହିଁ । ଏହିପରି ବହୁ ରହସ୍ୟ ଏହି ଶରୀର ମଧ୍ୟରେ ବିଦ୍ୟମାନ ଥିବାବେଳେ ଜୀବ ପରମ ଓ ଆତ୍ମାର ରହସ୍ୟ ଜାଣିବା ମନୁଷ୍ୟ ପକ୍ଷରେ ଯେ ଅତ୍ୟନ୍ତ କଷ୍ଟ, ଏହା ସମସ୍ତେ ହୃଦ୍‌ବୋଧ ଗମ କରିପାରିବେ ।

ମନୁଷ୍ୟ ଶରୀରର ଏହି ରହସ୍ୟ ଭେଦ କରିବା କେବଳ ଗୁରୁ ଦ୍ୱାରା ହିଁ ସମ୍ଭବ । ଅଚ୍ୟୁତଙ୍କ ମତରେ ଗୁରୁବଚନ ଅତି ଅମୂଲ୍ୟ । ସକଳ ବେଦ, ପୁରାଣରେ ସାର । ଏହା ହେଉଛି ବିଷମ ସନ୍ଧି ଓ ବିବେକର ବିସ୍ତାର । ଏଥିରେ ଥରେ ରମିଲେ ଅନ୍ୟ କଥା ମନକୁ ଆସେ ନାହିଁ । ଯେପରି ଥରେ ଅମୃତ ପାନକଲେ ଅନ୍ୟ ସବୁ ଜିନିଷ ବିଷପରି ଜଣାଯାଏ, ସେହିପରି ଗୁରୁ ମହିମାର ଗୁଣ ଥରେ ଜାଣିଲେ ମନୁଷ୍ୟ ନିକଟରେ କୋଟି ଇନ୍ଦ୍ରପଦ ତୁଚ୍ଛ ହୋଇଯାଏ ।

ଅଚ୍ୟୁତ ଗୁରୁଙ୍କର ମହିମା ପ୍ରକାଶ କରି କହିଛନ୍ତି,

"ଅନଳ ଜଳ ଝଡ଼ରେ ନିରିଙ୍କ
ବ୍ରହ୍ମାଣ୍ଡେ ଗଲେ ସେମ ନୁହେଁ ବାଙ୍କ ।

Digitized by srujanika@gmail.com

ନାନା ଦେହ ବହୁ ଯେ ତହିଁ ମଣ୍ଡି
ମୃତ୍ୟୁ ଦେବତା ନପାରଇ ଗଞ୍ଜି ।
ରସିଲେ ମୁକତି ମିଶିଲେ ସଙ୍ଗ
ଜାଣି ପାରିଲେ ଅଜାମ୍ବର ଅଙ୍ଗ ।
ଜନ୍ତୁଂ ବ୍ରହ୍ମପାଏ ଜୀବେ ଅଜୀବେ
ଅଚ୍ଛେଦ ହୋଇଅଛୁ ସବ ଗର୍ଭେ ।
ଜଗତ ଭିତରେ ଯେତେ ରଚନା
ତହିଁ କ ସବୁ ଉପାଲମ୍ଭ ବିନା ।”

(ପ୍ରଥମଖାନ, ୫-୯ ପଦ)

କବି ଅଚ୍ୟୁତଙ୍କ ମତରେ ଗୁରୁ ହେଉଛନ୍ତି ସାଧକର ପ୍ରକୃତ ମାର୍ଗୋପଦେଷ୍ଟା । ଏହି ଗୁରୁବଚନର ମହିମା ଦ୍ୱାରା ହିଁ ମଣିଷର ମାୟା ଜାଲ ଛିନ୍ନ ହୁଏ ଓ ଦର୍ପଣ ଭଳିରେ ଜ୍ୟୋତିପ୍ରକାଶ ପାଇବା ପରି ସମସ୍ତ ଶରୀରର ରହସ୍ୟ ଭେଦ କରେ । ମଣିଷ ଯାହାକୁ ଆଖିରେ ଦେଖେ ସେସବୁ ମିଥ୍ୟାବନ୍ତ ପ୍ରତିରୂପମାନ ହେଲେ ହେଁ ଏହାର ପ୍ରକୃତ ସ୍ୱଭାବକୁ ଚିହ୍ନିବା ଗୁରୁବଚନ ଦ୍ୱାରା ହିଁ ସମ୍ଭବ ହୋଇଥାଏ । ଗୁରୁବଚନର ଏହି ମହିମା ସତ୍ତ୍ୱେ ଗୁରୁ କେବଳ ପଥିକ୍କୁ ପରି ବାଟ ଦେଖାଇ ଦିଅନ୍ତି ।

ଯେପରି ବାଟ ଦେଖାଇବା ଲୋକ ପଥିକ୍କ ସାଙ୍ଗରେ ଯାଏ ନାହିଁ ସେହିପରି ଗୁରୁ ଶିଷ୍ୟକୁ କେବଳ ବାଟ ଦେଖାଇ ଦିଏ ଏବଂ ଶିଷ୍ୟ ଥରେ ବାଟ ଦେଖି ଦେବା ପରେ—

“ଶାନ୍ତ ଖଡ୍‌ଗେ ଭ୍ରାନ୍ତିକି ହାଣିବ
ଆତ୍ମା ନାରାୟଣ ବୋଲି ଜାଣିବ ।
ସ୍ଥାନୁ ଅପ୍ରମେୟ ସୁଖାନରହି
ଓ ମତ ଅକ୍ଷରେ ପ୍ରକାଶ ଦେହ ।
ପଦ ପରତେ ଯେ ମୋକ୍ଷ ମାଗିବ
ଝଙ୍କଲ ପଣ ପାଲଟି ଲାଗିବ ।”

(ତୃତୀୟଖାନ, ୧୧୧-୧୧୩ ପଦ)

ଗୁରୁ କେବଳ କର୍ମ ଅକର୍ମ ଭିତରେ ପାର୍ଥକ୍ୟ ଦେଖାଇଦିଏ । ଏହାପରେ ଶିଷ୍ୟର କାମ ହେଉଛି ବିଚାର-ବିବେକ, ଜ୍ଞାନ ଓ ଅନୁଭବ ଦ୍ୱାରା ଗୁରୁବଚନକୁ ଅନୁସରଣ କରି ଜ୍ଞାନପଥରେ ପଥିକ ହୋଇ ନିର୍ବାଣ ଲାଭ କରିବ । ଯେଉଁ ନିରଞ୍ଜନ ସ୍ଥାନକୁ ମନପବନ ପ୍ରବେଶ କରିପାରେ ନାହିଁ, ଯେହି ସ୍ଥାନକୁ କେବଳ ଗୁରୁ ଉପଦେଶ ହିଁ ସାଧକକୁ ନେଇପାରିଥାଏ । ସେଥିପାଇଁ ଅଚ୍ୟୁତ ବାରମ୍ବାର କହିଛନ୍ତି ;

“ଆରମ୍ଭ ପଟ ପରତେ ନିଶ୍ଚୟ
ଆତ୍ମ ଉପଦେଶ ଏଥିର ପ୍ରତି ।

Digitized by srujanika@gmail.com

ବସ୍ତୁର ହେଲା ନ କରବ ପୁଣ
ସାଧନା ବିଧି ଗୁରୁ ମୁଖେ ଶୁଣ ।
ବନା ସାଧନା ସିଦ୍ଧି ପୁଣ ନାହିଁ
ବନା ଉଦ୍‌ଯୋଗେ କର୍ମହିଁ ନାହିଁ ।
ଏସନ ପଥେ ଅନୁଭବ କଲେ
ଦେହ ଯେବେ ଥିବୁ ସଂସାର ଭୁଲେ ।”

(ଚତୁର୍ଥଖାନ, ୧୨୩-୧୨୬ ପଦ)

ଅଚ୍ୟୁତାନନ୍ଦ ଗୁରୁଙ୍କର ମହିମା ଯେଉଁ ଭାବରେ ପ୍ରତିପାଦନ କରିଛନ୍ତି, ତାହା ଥିଲା ବୌଦ୍ଧ, ସିଦ୍ଧ ଓ ନାଥମାନଙ୍କର ପ୍ରଦର୍ଶିତମାର୍ଗ ।

ଗୁରୁଙ୍କ ମାହାତ୍ମ୍ୟ ପ୍ରାଚୀନ କାଳରୁ ସ୍ୱୀକୃତ ହୋଇଥିଲେ ହେଁ ବୁଦ୍ଧଙ୍କ ସମୟରେ ଏହାର ମହତ୍ତ୍ୱ ବିଶେଷ ଭାବେ ବୃଦ୍ଧି ପାଇଥିଲା । ବୁଦ୍ଧଙ୍କର ଶିଷ୍ୟମାନେ ତାଙ୍କୁ ମାର୍ଗୋପଦେଷ୍ଟା, ଆଗୃର୍ଯ୍ୟ ଓ କଲ୍ୟାଣମିତ୍ର ରୂପେ ଗ୍ରହଣ କଲେ । ସେମାନଙ୍କ ମତରେ ବୁଦ୍ଧଙ୍କ ପ୍ରଦର୍ଶିତ ମାର୍ଗରେ ଗଲେ ନିର୍ବାଣ ସହଜରେ ମିଳେ । କାରଣ ସେ ହେଉଛନ୍ତି ଏକମାତ୍ର ମାର୍ଗୋପଦେଷ୍ଟା (ଧମ୍ମପଦ, ଗାଥା-୨୭୭) । ସେମାନେ ଗଦ୍‌ଗଦ୍ ସ୍ୱରରେ କୁହନ୍ତି “ସବ୍‌ବେ ତଂ ଶରଣଂ ଯନ୍ତି, ତ୍ୱଂ ନୋ ସଥ୍ୟା ଅନୁଭରେ ।” ଅର୍ଥାତ ଆମ୍ଭେମାନେ ଆପଣଙ୍କର ଶରଣ ପଶୁଛୁ ଓ ଆପଣ ଆମ୍ଭମାନଙ୍କର ସର୍ବୋତ୍ତମ ଗୁରୁ (ସୁର ନିପାତ, ହିନ୍ଦୀ ଅନୁବାଦ-ପୃ ୩୫) । ଗୁରୁଙ୍କର ମାହାତ୍ମ୍ୟ ସିଦ୍ଧଯୁଗରେ ଆହୁରି ବୃଦ୍ଧି ପାଇଥିଲା । ସିଦ୍ଧମାନଙ୍କ ମତରେ ଗୁରୁଦୀକ୍ଷା ବିନା ଜ୍ଞାନ ପ୍ରାପ୍ତି ହୁଏ ନାହିଁ ଏବଂ ଶରୀର ଭିତରେ ଥିବା ବୁଦ୍ଧଙ୍କୁ ଜାଣିବା ତ ଦୂରର କଥା (ହିନ୍ଦୀ କାବ୍ୟଧାରା, ପୃ ୧୦-୧୧) । ଭବସାଗରକୁ ପାରିହେବାକୁ ହେଲେ ସଦ୍‌ଗୁରୁଙ୍କ ବଚନ ହିଁ ଏକମାତ୍ର ନୌକା । “ସଦ୍‌ଗୁରୁ ବଅଣେ ଧର୍ ପତଓ୍ୱାଲ” (ସରହପା, ହିନ୍ଦୀ କାବ୍ୟଧାରା, ପୃ-୧୮) । ଗୋରଖନାଥ ଗୁରୁଙ୍କର ମାହାତ୍ମ୍ୟ ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି—ଗୁରୁହୀନ ପୃଥିବୀ ପ୍ରଳୟରେ ଲୀନ ହୋଇଯାଏ—“ନିଗୁଣ୍ଠି ପିରଥୀ ପରଳୈ ଜାଣ୍ଡି” (ଗୋରଖବାଣୀ, ପୃ-୫୦) । ଯେଉଁମାନେ ଗୁରୁ ଗ୍ରହଣ କରନ୍ତି ନାହିଁ ସେମାନେ ଭ୍ରମରେ ପଡ଼ି ଅବଗୁଣ ଧାରଣ କରନ୍ତି (ଗୋରଖବାଣୀ, ପୃ-୫୧) । ଯେଉଁମାନେ ଗୁରୁ ଖୋଜି ତାଙ୍କୁ ଗ୍ରହଣ କରନ୍ତି ସେମାନେ ଅମର ହୋଇଯାନ୍ତି । ସେଥିପାଇଁ ଗୋରଖନାଥ ଘୋଷଣା କରି କହିଛନ୍ତି ;

“ଗୁରୁ ଧାରଣ କରେ, ବିନା ଗୁରୁରେ ରୁହ ନାହିଁ
ହେ ଭାଇ ଗୁରୁ ବିନା, ଜ୍ଞାନ ମିଳେ ନାହିଁ ।”

(ଗୋରଖବାଣୀ, ପୃ-୧୨୮)

କବୀର ମଧ୍ୟ କହିଛନ୍ତି ଗୁରୁ ବିନା ଚେଲାର ମଧ୍ୟ ଜ୍ଞାନ ହୁଏ ନାହିଁ । (କବୀର ଗ୍ରନ୍ଥାବଳୀ, ପୃ-୧୨୮) । ଗୁରୁଙ୍କର ମହିମା ଅନନ୍ତ । ସେ ମନୁଷ୍ୟର ଅନ୍ତର୍ଦୃଷ୍ଟିକୁ ଉନ୍ମୋଚନ

Digitized by srujanika@gmail.com

କରିଛନ୍ତି ଏବଂ ନିର୍ବାଣକୁ ସ୍ପଷ୍ଟ ଭାବରେ ଦେଖାଇ ଦିଅନ୍ତି (କବୀର ଗ୍ରନ୍ଥାବଳୀ, ପୃ-୧)। ଗୁରୁ ଓ ଗୋବିନ୍ଦ ଏକ ହେଲେ ହେଁ ଗୁରୁ ଗୋବିନ୍ଦଠାରୁ ବଡ଼। କାରଣ ଗୁରୁମାଧ୍ୟମରେ ହିଁ ଗୋବିନ୍ଦକୁ ଚିହ୍ନିହୁଏ। ସେଥିପାଇଁ ପ୍ରଥମେ ଗୁରୁଙ୍କୁ ବନ୍ଦନା କରିବା ଉଚିତ। (ସନ୍ତବାଣୀ ସଂଗ୍ରହ, ୧ମ ଭାଗ ପୃ-୨)। ଏହିସବୁ ଉଦାହରଣରେ ଏକଥା ସ୍ପଷ୍ଟ ଯେ ଭଗବାନ ବୁଦ୍ଧଙ୍କ ସମୟରେ ବୁଦ୍ଧଙ୍କୁ ପରମଗୁରୁ ରୂପେ ଗ୍ରହଣ କରି ତାଙ୍କଠାରେ ଶରଣ-ଯିବାର ଯେଉଁ ପରମ୍ପରା ଆରମ୍ଭ ହେଲ, ତାହା ପରବର୍ତ୍ତୀ ଯୁଗରେ ସିଦ୍ଧ, ନାଥ ପରମ୍ପରାରେ ବିଶେଷ ଭାବରେ ଆଦୃତ ହେଲ। ସେହି ପରମ୍ପରା ଦ୍ୱାରା ପ୍ରଭାବିତ ହୋଇ ଅଚ୍ୟୁତ ପରମପଦ, ମହାସୁଖ ବା ନିର୍ବାଣର ପ୍ରାପ୍ତିପାଇଁ ଗୁରୁଙ୍କୁ ହିଁ ସହାୟକ ଭାବେ ଗ୍ରହଣ କଲେ।

ଅଚ୍ୟୁତ ତାଙ୍କ 'ଶୂନ୍ୟସଂହିତା'ରେ ପରମହଂସ ଶବ୍ଦର ବ୍ୟବହାର କରି ଲେଖିଛନ୍ତି ;

"'ଯହିଁ ସର୍ବେଶ୍ୱର ପୁରିବ କର୍ମେ
ପରମ ହଂସ ମହାସୁଖ ଭ୍ରମେ।
ଜ୍ଞାନ ଅମୃତ ଭୋଜନ ତାହାକୁ
ଯୋଗୀଜନ ମାନେ ଚଳନ୍ତେ ଯାହାକୁ।

(ଚତୁର୍ଥ ଖଣ୍ଡ, ୬୮-୭୧ ପଦ)

'ହଂସ' ଶବ୍ଦର ବ୍ୟବହାର ସର୍ବପ୍ରଥମେ ସିଦ୍ଧ ସରହପାଙ୍କ ସାହିତ୍ୟରୁ ହିଁ ମିଳିଥାଏ। ଦୋହାକୋଷର ଦ୍ୱିତୀୟ ପଦରେ ସରହପା ପ୍ରାଣୀମାନଙ୍କ ପାଇଁ 'ହଂସ' ଶବ୍ଦର ପ୍ରୟୋଗ କରିଛନ୍ତି ;

"କର୍ମେ ବରହିଅ ହୁଅବହି ହୋମେଁ, ଅକ୍ଖି ଉହାବିଅ କଡ଼ୁଏଁ ଧୂମେଁ।
ଏକଦଣ୍ଡି ତ୍ରିଦଣ୍ଡି ଭଅଓଁ। ବେସେଁ, ବିଣୁଆହୋଇଅଇ ହଂସା ଉଏସେଁ।"

(ଦୋହାକୋଷ, ପୃଷ୍ଠା-୨)

ଚର୍ଯ୍ୟାପଦର ୨୪ ନଂ କବିତାରେ ମନ ପାଇଁ ହଂସ ଶବ୍ଦର ପ୍ରୟୋଗ କରାଯାଇଛି (ସିଦ୍ଧ ସାହିତ୍ୟ, ପୃ-୪୫୨)। ଗୋରଖନାଥ ମଧ୍ୟ ଏହି ଅର୍ଥରେ ହଂସ ଶବ୍ଦର ବ୍ୟବହାର କରିଛନ୍ତି ;

"ସୋହଂ ବାଇ ହଂସା ରୂପୀ ପ୍ୟଂଡେ ବହୈ"

(ଗୋରଖବାଣୀ, ପୃ-୧୧)

କବୀର ଦାସ ମଧ୍ୟ ଜୀବକୁ ହଂସ କହିଛନ୍ତି,

"ଜାହୁ ହଂସ ପଛିମ ଦିସା, ଖିଡ଼କୀ ଖୁଲୱାଓ"

ସରହପା, ଗୋରଖନାଥ, କବୀରଙ୍କର ରଚନାବଳୀରେ ହଂସର ପ୍ରୟୋଗ ମିଳୁଥିଲେ ହେଁ ପରମହଂସ ଶବ୍ଦ ଦେଖିବାକୁ ମିଳେ ନାହିଁ। ବଳରାମ ଦାସଙ୍କ ରଚିତ

Digitized by srujanika@gmail.com

'ସପ୍ତାଙ୍ଗ ଯୋଗସାର' ଟୀକା ରେ ହଂସ, ସୁହଂସ ଓ ପରମ ହଂସର ବର୍ଣ୍ଣନା କରାଯାଇଛି । ଏଠାରେ ହଂସ ଯେପରି ଜୀବର ପ୍ରତୀକ, ସେହିପରି ପରମହଂସ କହିଲେ ପରମାତ୍ମାକୁ ହିଁ ବୁଝାଏ । ଅଚ୍ୟୁତାନନ୍ଦ ଜ୍ଞାନ ଶରୀରର ଶ୍ରେଷ୍ଠ ଲକ୍ଷ୍ୟରୂପେ ନିର୍ବାଣ ମୁକ୍ତିକୁ ଗ୍ରହଣ କରିଛନ୍ତି । ଏହାକୁ ସେ ପରମାନନ୍ଦ ମହାସୁଖ ଏବଂ ସବୁଠାରୁ ଶ୍ରେଷ୍ଠ ବିଷୟ ରୂପେ ବର୍ଣ୍ଣନା କରିଛନ୍ତି । ଥରେ ନିର୍ବାଣ ମୁକ୍ତିର ସ୍ୱାଦ ପାଇଲେ, ସାଧକଙ୍କୁ ଆଉ କିଛି ରୁଚେନାହିଁ । ସେ ସବୁବେଳେ ତାହାକୁ ହିଁ ଇଚ୍ଛା କରୁଥାଏ । ଏହି ପରମପଦ ପ୍ରାପ୍ତି ଦ୍ୱାରା ସାଧକ ପ୍ରକୃତିର କୁବାସନାରୁ ନିଜକୁ ମୁକ୍ତ କରେ ଏବଂ ମହାଜାଡ଼ ଛେଦନ କରିବାକୁ ସକ୍ଷମ ହୁଏ । ବୌଦ୍ଧଧର୍ମରେ ମଧ୍ୟ ନିର୍ବାଣର ଅବସ୍ଥାକୁ ପରମ ସୁଖ, ଅନନ୍ତ ଓ ଅପାର କୁହାଯାଇଛି । ଏହା ଏକ ଅନିର୍ବଚନୀୟ ଅବସ୍ଥା । ଏହାର ସନ୍ଧାନ ଇହଲୋକରେ ବା ପରଲୋକରେ କରାଯାଇପାରେନା । ନିର୍ବାଣର ବ୍ୟାଖ୍ୟା କରି କବୀର କହନ୍ତି—"ଏହା ଏପରି ଏକ ଅବସ୍ଥା ଯେଉଁଠାରେ ଶବ୍ଦ, ସ୍ୱାଦ ଓ ଶୋଭା ନଥାଏ । ମାତା, ପିତା ଓ ଅନ୍ୟାନ୍ୟ ସମ୍ବନ୍ଧୀୟମାନଙ୍କର ମାୟା ନଥାଏ । ଏଠାରେ ପକ୍ଷୀ, ଜୀବଜନ୍ତୁ ବା ଦେବୀ ଦେବତା ନଥାନ୍ତି । ଏହା ମଧ୍ୟ ଜାତି ବା କୁଳଭେଦକୁ ସ୍ୱୀକାର କରେ ନାହିଁ । ଏଥିରେ ପବିତ୍ର ଓ ଅପବିତ୍ର ଭାବନା ମଧ୍ୟ ନଥାଏ ।"

(କବୀର ଗ୍ରନ୍ଥାବଳୀ, ପୃ-୨୪୩)

ଭଗବାନ ବୁଦ୍ଧ ନିର୍ବାଣ ପ୍ରାପ୍ତିକୁ ଲିଭିଯାଉଥିବା ପ୍ରଦୀପ ସହିତ ତୁଳନା କରିଅଛନ୍ତି । ଯେପରି ତେଲ ଓ ବତୀର ସହାୟତାରେ ପ୍ରଦୀପ ଜଳୁଥାଏ ଏବଂ ତେଲ, ବତୀ ସମାପ୍ତ ହୋଇଥିଲେ ପ୍ରଦୀପ ଲିଭିଯାଏ ସେହିପରି ସାଧକର ରାଗ, ଦ୍ୱେଷ, ମୋହ ସମାପ୍ତ ହୋଇଯିବା ପରେ ସେ ନିର୍ବାଣକୁ ପ୍ରାପ୍ତହୁଏ । କବୀର ମଧ୍ୟ କହନ୍ତି ; "ଯେତେବେଳେ ଯାଏ ଦୀପରେ ବତୀ ବା ତେଲ ଅଛି ସେ ପର୍ଯ୍ୟନ୍ତ ନିର୍ଭୟ ଭାବେ ଜପ କର । ଯେତେବେଳେ ତେଲ ସରିଯିବ ସେତେବେଳେ ସାଧକର ସବୁକଳୁଷ ସମାପ୍ତ ହୋଇଯିବ ଓ ସେ ପରମସୁଖ ବା ପରମପଦ ନିର୍ବାଣପ୍ରାପ୍ତ ହୋଇ ସେଥିରେ ବିଲୀନ ହୋଇଯିବ ।" କବୀର କହନ୍ତି,

"କବୀର୍ ନିର୍ଭୟ ନାମ୍ ଜପୁ, ଜବ୍ ଲଗି ଦିଓ୍ୱା ବାତି
ତେଲ୍ ଘଟେ ବାତି ବୁଝେ, ତବ୍ ସୋଓ ଦିନ୍‌ରାତି ।"

(ସନ୍ତବାଣୀ ସଂଗ୍ରହ, ୧ମ ଭାଗ, ପୃ-୭)

ଅଚ୍ୟୁତ ମଧ୍ୟ ଏହି ଉପମାକୁ କର୍ମ ଅଭ୍ୟାସର ବଧପାଇଁ ପ୍ରଯୁକ୍ତ କରିଛନ୍ତି—

"କର୍ମ ଅଭ୍ୟାସର ବଧ ସ୍ନେହମନ୍ତ ।
ଦୀପ ଦହୁଡ଼ ଜାଳିବା ଯେମନ୍ତ ।
ସର୍ବ ସଂଯୋଗେଣ ଦୀପଜାଳିବା
ନିର୍ବାତ ମନ୍ଦିରେ ପ୍ରତିପାଳିବା ।

Digitized by srujanika@gmail.com

ତୈଳ ବଳିତା ଅବଶେଷ ବୁଝି
ପୁଣ ପୁରାଇ ପୁଣ ଦେବା ତେଜ ।
ଘଟନ କଲେ ଅବରୋଧେ ଥାଇ
ତାବତ ସେ ଦୀପ ନାଶ ନଯାଇ ।’

(ଚଉତ୍ରିଶାଖାନ, ପଦ ୩୭-୩୯)

ଉପମାନ ଓ ଉପମେୟରେ ପାର୍ଥକ୍ୟ ଥିଲେ ହେଁ ଅଚ୍ୟୁତ ଏହି ଉପମା ପ୍ରୟୋଗ କରିଦେଲେ ତାଙ୍କ ମନ ଭିତରେ ନିର୍ବାଣ ପାଇଁ ଚଳୁଥିବା ଉପମା ଯେ କାମ କରୁଥିଲା ତାହା ଅନୁମାନ କରିଯାଇ ପାରେ ।

ଅଚ୍ୟୁତ ‘ଗୁରୁଗୀତା’ ରଚନା କରିବେଳେ ତାଙ୍କର ଭାଷାକୁ ସଜୀବ କରିବାପାଇଁ ବୁଦ୍ଧଦେବଙ୍କ ଆଚରିତ ମାର୍ଗ ଅର୍ଥାତ ଲୋକଭାଷାର ଯେ ବ୍ୟବହାର କରିଛନ୍ତି ତାହାକୁହେଁ, ଏଥିରେ ଏହି ଭାଷାକୁ ଶକ୍ତିଶାଳୀ କରି ପ୍ରକାଶ କରିବା ପାଇଁ ବହୁ ପ୍ରଚଳିତ ଉପମାର ବ୍ୟବହାର କରିଛନ୍ତି । ଉଦାହରଣ ପାଇଁ ‘ମୃଗତୃଷ୍ଣାଜଳେ ମୀନ’, ‘ସ୍ୱପନଧନ’, ‘ହସ୍ତ ପାଉଲେ କି ଚନ୍ଦ୍ରମା ପାଇଁ’, ‘ନିଶୁଣି ବାନ୍ଧିକି ସ୍ୱର୍ଗକୁ ଯାଇ’, ‘କଞ୍ଚାମାଟି ଘଟ’, ‘ଜାଳନ୍ଧର ପୋକ’, ‘ପାଣିଫୋଟକା’, ‘ଜଳବିମ୍ବ’, ‘କୃଷିକାର୍ଯ୍ୟ’, ‘ଶଶି ଓ ଜଳଘଟି’ ‘ଦୀପ ଓ ହିଡ଼ୁଡ଼ି’, ‘ବିଭିନ୍ନ ପ୍ରକାର ବାଦ୍ୟ ଓ ସ୍ୱର’, ‘ଅନଳ ଭିତରେ ଧୂମ’, ‘ବଂଶୀ ଭିତରେ ପବନ’, ‘ଆଦିତ୍ୟ ଆସ୍ଥିର ଛାୟା’, ‘ଫୁଲ ଓ ଫଳ’, ‘ବଣିଜାର’, କମାଶାଳର ଅଗ୍ନି’, ‘ଅନ୍ତରୀକ୍ଷରେ ଭ୍ରମୁଥିବା ରେଣୁ ଓ ତୃଣ’, ‘ପୁଷ୍ପ ଭିତରେ ଥିବା ବାସ’, ‘ଇକ୍ଷୁ ଭିତରେ ଥିବା ଗୁଡ଼’, ‘ସମୁଦ୍ର ମଧ୍ୟରେ ଥିବା ଲବଣ’, ‘କୁମ୍ଭାଣିଆ ପୋକ’, ‘ଦର୍ପଣ’, ‘କାଷ୍ଠ ମଧ୍ୟରେ ଥିବା ବହ୍ନି’, ‘ପଥିକର ପଥ ଦେଖାଇବା’, ‘ଜଳରେ ବୁଡ଼ି ଉଠିବା’, ‘ଘର ଓ ଗୃହସ୍ଥ’, ‘କଦଳୀ ମଞ୍ଜ’, ନଟ ଦୃଷ୍ଟାନ୍ତକୁ ପ୍ରଦାନ କରିଯାଇପାରେ ।

ଏଥିରୁ ଦୀପ ହିଡ଼ୁଡ଼ି ଉପମା ପରି ‘କୃଷିକାର୍ଯ୍ୟ’ ଉପମା ମଧ୍ୟ ବୌଦ୍ଧ ସାହିତ୍ୟରେ ଅଳ୍ପ ପରିବର୍ତ୍ତିତ ରୂପରେ ମିଳିଥାଏ । ଭଗବାନ ବୁଦ୍ଧ ନିଜକୁ କୃଷକ ବୋଲି କହୁଥିଲେ ଏବଂ ତାଙ୍କର କୃଷି ଅମୃତ ଫଳ ଉତ୍ପନ୍ନ କରୁଥିଲା । ଏକଦା କୃଷି ଭାରଦ୍ୱାଜ ଭଗବାନ ବୁଦ୍ଧଙ୍କୁ କହିଲା—“ହେ ଶ୍ରମଣ ! ମୁଁ ହଳକରେ ଓ ବିହନ ବୁଣେ । ଜମି ଚଷି ମୁଁ ଖାଏ । ଆପଣ ମଧ୍ୟ ଜମି ଚାଷକରି ଖାଆନ୍ତୁ ।” ଏକଥା ଶୁଣି ବୁଦ୍ଧ କହିଥିଲେ—“ହେ ବ୍ରାହ୍ମଣ ! ମୁଁ ବି ଜମିଚାଷ କରି ଖାଉଛୁ ।” ଏକଥା ଶୁଣି ଭାରଦ୍ୱାଜ ପୁଣି ପଚାରିଲେ “ଆପଣଙ୍କ କୃଷି କ’ଣ ?” ବୁଦ୍ଧ ଉତ୍ତର ଦେଇ କହିଲେ—“ଶ୍ରଦ୍ଧା ହେଉଛୁ ମୋର ବୀଜ, ତପ ହେଉଛୁ କୃଷି, ପ୍ରଜ୍ଞା ହେଉଛୁ କୁଆଳ ଓ ହଳ । ମନଦ୍ୱାରା ହଳକରି ସ୍ମୃତିରୂପୀ ଫାଳ ସାହାଯ୍ୟରେ ସତ୍ୟ ଉତ୍ପନ୍ନ କରିବା ମୋର ଚାଷ । ନିର୍ବାଣ ପ୍ରାପ୍ତିରେ ମୋର ବିଶ୍ରାମ ହୁଏ । ଉତ୍ସାହ ହେଉଛନ୍ତି ମୋର ବଳଦ । ମୁଁ ଯେଉଁ କୃଷିକରେ ସେଥିରୁ ଅମୃତ ଫଳ ଉତ୍ପନ୍ନ ହୋଇଥାଏ ଏବଂ ମନୁଷ୍ୟ ସବୁ ଦୁଃଖରୁ ମୁକ୍ତପାଏ ।” (ସୁତ୍ତନିପାତ, ପୃ ୧୫-୧୭)

Digitized by srujanika@gmail.com

କବୀର ମଧ୍ୟ ନିଜକୁ କୃଷକ ରୂପେ ବର୍ଣ୍ଣନା କରିଛନ୍ତି ଏବଂ ସେ ହଳକରି ପରମପଦ-ରୂପୀ ଫଳ ପାଇଥାନ୍ତି । (ସନ୍ତବାଣୀ ସଂଗ୍ରହ, ୧ମ ଭାଗ-ପୃ ୧୪)

ଅଚ୍ୟୁତ ମଧ୍ୟ କୃଷିକାର୍ଯ୍ୟ ଉପମାକୁ ଗ୍ରହଣ କରିଥିଲେ ହେଁ ପ୍ରୟୋଗ ଭେଦରେ ଏହା ପୃଥକ ହୋଇଯାଇଛି । ସେ ନିଜକୁ କୃଷିକାର୍ଯ୍ୟ ନକରି ସାଧାରଣ ଭାବେ କୃଷିକାର୍ଯ୍ୟ ଉପମା ଦେଇଛନ୍ତି ;

"ସ୍ଥାନ ଜାଣି ବୀଜ କଲେ ସଂଯୋଗ
ଅବଶ୍ୟ ଇଚ୍ଛା ହୋଏ ଫଳ ଭୋଗ ।

ଯେସନ୍ତେ କୃଷିକାର୍ଯ୍ୟ ମନ୍ତ୍ରି ବିନ୍ଧିଲେ
ବାହୁଡ଼ି ସେହି ମନ୍ତ୍ରି ତହିଁ ଫଳେ ।

କେବଳ ଭୂମି କରଷଇ କୃଷୀ
ଇଚ୍ଛା ସୁଖେ ଫଳ ଫଳଇ ଆସି ।

ସହଜେ ଯେ ଯାହା ଗୁଣ ବିକାରେ
ବୀଜ ଭିତରୁ ନିଜ ରୂପ ଧରେ ।

ସେହି ବୀଜ ଅନ୍ୟ ଠାବେ ଥୋଇବା
ଅନେକ ପ୍ରକାରେ ଧ୍ୱଂସି ହୋଇବା ।"

(ବ୍ରହ୍ମଶୂନ୍ୟଖାନ, ୯୮-୧୦୨ ପଦ)

ଅନ୍ୟ ସ୍ଥଳରେ ସେ ପିତାମାତାଙ୍କୁ କୃଷିକାର୍ଯ୍ୟ ସହିତ ତୁଳନା କରିଛନ୍ତି ।

ଅଚ୍ୟୁତାନନ୍ଦ 'ଶୂନ୍ୟଖାନ'ରେ ପରର ହିତପାଇଁ ଯେଉଁ ଉପଦେଶ ପ୍ରଦାନ କରିଛନ୍ତି ଏହାର ତତ୍ତ୍ୱକୁ କେବଳ ଅନୁଭବୀ ଲୋକ ହିଁ ଜାଣିପାରିବେ । ଏହି ବର୍ଣ୍ଣନା ଅତି ସ୍ପଷ୍ଟ ହେଲେ ହେଁ ଏଥିରେ ଏପରି ବହୁ ତତ୍ତ୍ୱ ନିହିତ ଯାହାକି ସାଧାରଣ ପାଠକର ଅଗମ୍ୟ । ଏହାର ପ୍ରତ୍ୟେକ ପଦକୁ ବିଶ୍ଳେଷଣ କଲେ ଅପାର ଜ୍ଞାନ ମିଳିଥାଏ । ଅଚ୍ୟୁତଙ୍କ ଭାଷାରେ— "ଯେଉଁ ଜ୍ଞାନ ସ୍ୱୟଂ ନିରଞ୍ଜନ ସ୍ୱରୂପ, ଯାହା ସମସ୍ତ ଜଗତକୁ ନିବିଡ଼ ଭାବେ ଆବୃତ କରିଅଛି, ଯାହାକି କେବଳ ସଦ୍‌ଗୁରୁର କରୁଣାଦ୍ୱାରା ଏବଂ ସାଧକର ଅନୁଭବ ଦ୍ୱାରା ଜାଣିହୁଏ, ତାହାକୁ ସାଧାରଣ ଭାବେ ଆଲୋଚନା କରି ହୁଏନା ।" କେବଳ ସମୁଦ୍ରକୁ ଦୁବରେ ଶୁଖାଇବାପାଇଁ ଚେଷ୍ଟାକଲା ପରି ଏହି ଆଲୋଚନାରେ ଅଚ୍ୟୁତଙ୍କର 'ଶୂନ୍ୟଖାନ' ଏବଂ ବୌଦ୍ଧ ସିଦ୍ଧ ନାଥ ପରମ୍ପରା ସହିତ ଏହାର ସମ୍ପର୍କକୁ ବିଶ୍ଳେଷଣ କରିବାପାଇଁ ଚେଷ୍ଟା କରାଯାଇଛି । ସେଇ ଅଚ୍ୟୁତଙ୍କ ଭାଷାରେ ଏହି ଆଲୋଚନାକୁ ସମାପ୍ତ କରିବାପାଇଁ କୁହାଯାଇପାରେ ;

"ଶ୍ରୀଗୁରୁ ଭଣ୍ଡାର ଗୁପତ ସାର
ଏଥିର ବିଧି ଅପାରୁ ଅପାର ।

Digitized by srujanika@gmail.com

ଶୁଣି ସୁଜ୍ଞଜନେ ଗୁଣବନ୍ତ ଦୃଷ୍ଟି
ଯେ ଯେତେ ଭଜନ ଯେତେ ପ୍ରତିଷ୍ଠି ।

ମଣିବା ଦୁର୍ଲଭ ଶୁଣିବା ସୁଖ
ଦୁଃଖୀ ସେ ଜାଣଇ ଦୁଃଖୀର ଦୁଃଖ ।

(ଗୁରୁଖାଜ୍ଞ, ପୃ-୧୫୯-୧୬)

ଅଚ୍ୟୁତାନନ୍ଦ ଯେତେବେଳେ ଓଡ଼ିଶାରେ ଜନ୍ମଗ୍ରହଣ କଲେ, ସେତେବେଳକୁ ଓଡ଼ିଶା ତଥା ଭାରତବର୍ଷରେ ବୌଦ୍ଧଧର୍ମର ପୂର୍ବ ପ୍ରଭାବ ଆଉ ନଥିଲା । ମୁସଲମାନମାନେ ବୌଦ୍ଧବିହାର ସବୁକୁ ଧ୍ୱଂସ କରିଦେବା ଫଳରେ କେତେକ ବୌଦ୍ଧ ଭିକ୍ଷୁ, ଓଡ଼ିଶା, ଆସାମ ଓ ନେପାଳ ପ୍ରଭୃତି ଜନପଦ ସ୍ଥାନରେ ଆଶ୍ରୟ ଗ୍ରହଣ କରିଥିଲେ । କେତେକ ବେଶ ପରିବର୍ତ୍ତନ କରି ହିନ୍ଦୁମାନଙ୍କ ସହ ମିଶିଗଲେ । କେତେକ ନିଜକୁ ସିଦ୍ଧ, ସନ୍ଥ ଓ ନାଥ ମାର୍ଗର ସାଧକଭାବେ ପରିଚିତ କରାଇଲେ । ହିନ୍ଦୁରାଜା ଓ ବ୍ରାହ୍ମଣମାନଙ୍କ ଆକ୍ରମଣରେ ବିବ୍ରତ ହୋଇ ବହୁ ବୌଦ୍ଧ ଭିକ୍ଷୁ ବଣ-ଜଙ୍ଗଲରେ ଆଶ୍ରୟ ନେଲେ । ଓଡ଼ିଶା ଓ ବଙ୍ଗଳାରେ ଏମାନଙ୍କୁ କେତେକ ଧର୍ମଠାକୁରଙ୍କୁ ସେବାକରି ଧର୍ମ-ସମ୍ପ୍ରଦାୟ ନାମରେ ଏକ ନୂଆ ମାର୍ଗ ସୃଷ୍ଟିକଲେ । ଏହିପରି ବହୁଭାବେ ଓ ବହୁ ରୂପରେ ବୌଦ୍ଧଧର୍ମ ଜୀବିତ ଥିଲେ ହେଁ ଏହି ମାର୍ଗର ସାଧକମାନେ ପ୍ରଚ୍ଛନ୍ନଭାବେ ରହିବାକୁ ବିଶେଷ ପସନ୍ଦ କରୁଥିଲେ । ଭାରତର ଅନ୍ୟାନ୍ୟ ଅଞ୍ଚଳ ଅପେକ୍ଷା ଓଡ଼ିଶାରେ ବୌଦ୍ଧମାନଙ୍କର ଅଧିକ ପ୍ରଭାବ ଥିବା ଅନୁମାନ କରାଯାଇଥାଏ । ପ୍ରାଚୀ କୂଳରେ ବହୁ ବୌଦ୍ଧମଠ ବିଦ୍ୟମାନ ଥିବା ଅଚ୍ୟୁତଙ୍କ ଶୂନ୍ୟସଂହିତା, ଲକ୍ଷ୍ମୀଦାସଙ୍କ 'ଲକ୍ଷ୍ମୀଗୀତା' ଓ ଈଶ୍ୱର ଦାସଙ୍କ ଚୈତନ୍ୟ ଭାଗବତରୁ ସୂଚିତ ହୁଏ । ଜଗନ୍ନାଥଙ୍କୁ ବୌଦ୍ଧାବତାର ରୂପେ ବର୍ଣ୍ଣନା କରିବା, ସେ ଯୁଗରେ ଏକ ସ୍ୱୀକୃତ ଭାବ ରୂପେ ଗୃହୀତ ହୋଇଥିଲା । ସାରଳା, ବଳରାମ, ଅଚ୍ୟୁତ ଓ ଅନ୍ୟାନ୍ୟ ବହୁ କବିଙ୍କ ଲେଖାରେ ଜଗନ୍ନାଥ ବୌଦ୍ଧ ଅବତାର ରୂପେ ବର୍ଣ୍ଣିତ । କୋଣାର୍କ ମନ୍ଦିରର ଦଶାବତାର ଚିତ୍ରରେ ବୁଦ୍ଧଙ୍କ ସ୍ଥାନରେ ଜଗନ୍ନାଥ ବିଦ୍ୟମାନ । ଏହିସବୁ ବର୍ଣ୍ଣନାରୁ ଓଡ଼ିଶାରେ ବୌଦ୍ଧମାନଙ୍କର ପ୍ରଭାବ ଅଧିକ ଥିବା ଅନୁମାନ କରାଯାଇଥିଲେ ହେଁ, ବୈଷ୍ଣବଧର୍ମର ପ୍ରଚାର ଫଳରେ ଏହା ଷୋଡ଼ଶ ଶତାବ୍ଦୀ ପରେ ଆଉ ସ୍ଥାୟୀ ହୋଇ ରହି ପାରିଲା ନାହିଁ । ଅଚ୍ୟୁତ, ବଳରାମ, ଯଶୋବନ୍ତ, ଜଗନ୍ନାଥ ଓ ଅନନ୍ତଙ୍କ ପରି ସାଧକ ନିର୍ଗୁଣ ବ୍ରହ୍ମଙ୍କ ସାଧନାର ସାରବତ୍ତା ପ୍ରଚାର କରୁଥିଲେ ହେଁ ଏବଂ ଜଗନ୍ନାଥଙ୍କୁ ଯୋଗାରୂଢ଼ ସ୍ୱାମୀ ଓ ବୌଦ୍ଧାବତାର ରୂପେ ପରିକଳ୍ପନା କରୁଥିଲେ ହେଁ, ତାଙ୍କୁ 'କରୁଣା ସିନ୍ଧୁ' ଓ 'ଆରତ ଜନମାନଙ୍କର ବନ୍ଧୁ' ରୂପେ ସ୍ମରଣ କରିଛନ୍ତି । ଅଚ୍ୟୁତ ସେଥିପାଇଁ 'ଗୁରୁଖାଜ୍ଞ' ରେ ଆରମ୍ଭ, ଘଟ, ପରିଚେ ଓ ନିଷ୍ପତି ଯୋଗର ବର୍ଣ୍ଣନାକୁ ମୁଖ୍ୟଭାବେ ବର୍ଣ୍ଣନା କରିଥିଲେହେଁ ଏବଂ ସାଧକ-ମାନଙ୍କୁ ବିଶେଷ କରି ବୋଧଜନ ଓ ବିବେକବନ୍ତ (୪-୧୩୦) ହେବାକୁ ଉପଦେଶ

Digitized by srujanika@gmail.com

ଦେଇଥିଲେହେଁ, ଭକ୍ତମାନଙ୍କୁ ଅସ୍ୱୀକାର କରି ପାରିନାହାନ୍ତି । ଜଗନ୍ନାଥଙ୍କର ବନ୍ଦନା କଲାବେଳେ ଅଚ୍ୟୁତଙ୍କର ଏହି ଭାବନା ସ୍ପଷ୍ଟ ।

"ଉତ୍କଳ ଶ୍ରୀମୁଖ ଗ୍ରୀବ ତୋଳା
ଭବ ଜଳଧି ଅକାରଣେ ଭେଳା ।
ଭଗତ ଜନ ମାନଙ୍କର ପାଇଂ
ରୂପ ହୋଇଅଛୁ ଅରୂପ ହୋଇ ।"

(ତୃତୀୟ ଖାନ-୧୩୧-୧୩୨ ପଦ)

'ଗୁରୁଖାନ'ର ବର୍ଣ୍ଣନାରେ ଅଚ୍ୟୁତ ମୁଖ୍ୟତଃ ଜଣେ ଜ୍ଞାନମାର୍ଗୀ ସାଧକ ଭାବେ ପରିଚିତ । ବୁଦ୍ଧଦେବ, ସରହପା, ଗୋରଖନାଥ ଓ କବୀର ପ୍ରଭୃତି ନିର୍ଗୁଣମାର୍ଗୀ, ସାଧକ-ମାନଙ୍କ ଉପଦେଶ, ପ୍ରଦର୍ଶିତ ସାଧନ ମାର୍ଗ ସହ 'ଗୁରୁଖାନ' ର ସାଦୃଶ୍ୟ ଏହାହିଁ ପ୍ରମାଣିତ କରେ । ସେ ଯେ ବୌଦ୍ଧ, ସିଦ୍ଧ, ଯନ୍ତ୍ର ଓ ନାଥ ମାର୍ଗୀୟ ସାଧକମାନଙ୍କ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ଥିଲେ ଏହା ତାଙ୍କ 'ଗୁରୁଖାନ'ରୁ ସ୍ପଷ୍ଟ ହୁଏ । ତେବେ ବି ସେ ଯୁଗରେ ବୈଷ୍ଣବ ଧର୍ମର କ୍ରମ ବର୍ଦ୍ଧିଷ୍ଣୁ ଲୋକପ୍ରିୟତା ତାଙ୍କୁ ସ୍ପର୍ଶ କରିଥିଲା । 'ଗୁରୁଖାନ'ର ଶେଷ ଅଧ୍ୟାୟରେ କେବଳ ଗୋଟିଏ ପଦରେ ସେ ଏହାର ସୂଚନା ଦେଇ କହିଛନ୍ତି—

'କେବଳ କୃଷ୍ଣଙ୍କ ଭଗତ ତତ୍ତ୍ୱେ
ବିବେକ ଜ୍ଞାନ ବଂଚଲିଇଂ ଗୀତେ ।" (୪-୧୬୮)

ସେ ନିଜେ ଜ୍ଞାନମାର୍ଗୀୟ ସାଧକ ଥିଲେ ହେଁ, ଭକ୍ତିମାର୍ଗର ମହତ୍ତ୍ୱକୁ ଅସ୍ୱୀକାର କରିନାହାନ୍ତି । ସେ ସେଥିପାଇଁ ଅତି ବିନମ୍ର ଭାବରେ କହିଛନ୍ତି ଗୁରୁଭଣ୍ଡାର ଅସୀମ । ଏଥିରେ ଅପାରୁ ଅପାର ବିଧି ଅଛି । ସବୁ ମାର୍ଗରେ ଏମନ୍ତେ ଯିବା ସମ୍ଭବ ନୁହେଁ । ଯିଏ ଯେଉଁଥିପାଇଁ ଭାଜନ, ସେ ସେହିମାର୍ଗକୁ ଅବଲମ୍ବନ କରିବା ଉଚିତ । ଏହି କଥା କହି ସେ ନିଜର ଆଚରିତ ମାର୍ଗରେ ହିଁ ସନ୍ତୋଷ ଲାଭ କରିଛନ୍ତି—

"ଶ୍ରୀ ଗୁରୁ ଭଣ୍ଡାର ଗୁପତ ସାର,
ଏଥିର ବିଧି ଅପାରୁ ଅପାର
ଶୁଣି ମୁକ୍ତଜନେ ଗୁଣିବନ୍ତେ ଦୃଷ୍ଟି
ଯେ ଯେତେ ଭାଜନ ଯେତେ ପ୍ରବୃତ୍ତି ।"

(ଚତୁର୍ଥ ଖାନ-୧୫୯-୧୬୦ ପଦ)

ଅଚ୍ୟୁତାନନ୍ଦ ଅନୁଭବ ଜ୍ଞାନକୁ ଶ୍ରେଷ୍ଠ ଜ୍ଞାନ ରୂପେ ଗ୍ରହଣ କରିଥିଲେ ହେଁ, ଏହା ସବୁବେଳେ କାଳ ବଶ ଥାଏ । କାଳ ବଶ ହେଉ ଜ୍ଞାନ ସାଧକ ହୃଦୟରେ ସହଜରେ ଜାତ ହୁଏ । ଅଚ୍ୟୁତଙ୍କ କାଳକୁ ବିଭିନ୍ନ ଭାବେ ବର୍ଣ୍ଣନା କରିଛନ୍ତି । ଏହାକୁ ସେ ବିଷ୍ଣୁ ର

Digitized by srujanika@gmail.com

ମାୟା (୧-୨୩-୪୫), ସଂସାର ମାୟା (୧-୪୪), ମାୟା, ମୋହ (୧-୫୫) ; ପ୍ରକୃତି କର୍ମଫଳ (୧-୧୧୪), ଅବଗୁଣ (୧-୧୧୩) ; କୁ-ବାସନା (୧-୧୧୪) ; ଜଡ଼ (୧-୧୧୫) ବା ମହାଜଡ଼ (୧-୧୧) ମାୟା, ମୋହ ପରିତାପ (୨-୨) ; ମୋହ ଜାଲ (୨-୧୧), ମୁହାଂସ (୨-୧୮), ମିଛକୁ ମୁହାଂସ (୨-୪୭) ; ବିଷୟ ସଙ୍ଗ (୨-୧୪୨) ; ମଦ, ମତ୍ସର, ଅଭିମାନ (୩-୨୫) ; ଧନ, ସମ୍ପଦ, ବଡ଼ିମା (୩-୨୪), ଆହାର, ନିଦ୍ରା, ମଇଥୁନ (୪-୧୭) ପ୍ରଭୃତି ନାମ ଦେଇ ଏଥିରୁ ମୁକ୍ତିପାଇଁ ଜ୍ଞାନର ଆଶ୍ରୟ ନେବାପାଇଁ ଅନୁରୋଧ କରିଛନ୍ତି । ମନୁଷ୍ୟ ଏହିସବୁ ଦ୍ୱାରା ଆବୃତ ହୋଇ ପ୍ରକୃତ ଜ୍ଞାନକୁ ଚିହ୍ନି ପାରେ ନାହିଁ । ଶରୀରକୁ କଳମୁକ୍ତ କରିବାକୁ ହେଲେ ଜ୍ଞାନ ଖଡ୍ଗର ଆବଶ୍ୟକ ହୁଏ (୩-୪୩) । ଏହି ଜ୍ଞାନ ପ୍ରାପ୍ତିପାଇଁ ସାଧନ ଯୋଗର ସାହାଯ୍ୟ ଆବଶ୍ୟକ (୪-୪୪) । ଅଚ୍ୟୁତଙ୍କ ମତରେ ସାଧନ ଯୋଗ ହେଉଛି ଶରୀର ସାଧନା । ଏହା ହେଉଛି ଷଡ଼ଚକ୍ର ସାଧନା ବା ଘଟଯୋଗ ।

ହଠ ଯୋଗ ବା ଘଟ ଯୋଗ, ସିଦ୍ଧ ଓ ନାଥ ପରଂପରାରେ ବିଶେଷ ଭାବେ ବିକଶିତ ହୁଏ । ରାହୁଲ ସାଂକୃତ୍ୟାୟନ, (ଦୋହା କୋଷ, ଭୂମିକା, ପୃଷ୍ଠା-୩୨) କହିଛନ୍ତି, ଯେ ଚନ୍ଦ୍ର-ସୂର୍ଯ୍ୟ ବା ଇଡ଼ା, ପିଙ୍ଗଳାର ସାଧନା ସରହପାଙ୍କ ପୂର୍ବରୁ ଦେଖିବାକୁ ମିଳେ ନାହିଁ । ଏହା ବୋଧହୁଏ, ତାଙ୍କ ନିଜ ଅଭ୍ୟାସର ପରିଣାମ । ତେବେ ବି ଡ: ବିଦ୍ୟାବତୀ ମାଳବିକା (ବୌଦ୍ଧଧର୍ମ କା ମଧ୍ୟଯୁଗୀନ ସନ୍ତ ସାହିତ୍ୟ ପର ପ୍ରଭାବ ପୃ-୧୪୩) କୁହନ୍ତି ଯେ ଏହି ସାଧନାର ମୂଳବୀଜ ବୌଦ୍ଧଧର୍ମରେ "ଆନାପାନ ସତି' (ପ୍ରାଣାୟାମ) ଭାବନାରେ ମିଳିଥାଏ । ବୁଦ୍ଧଦେବଙ୍କ ମତରେ ଆନାପାନ-ସ୍ମୃତି-ସମାଧି-ଭାବନାଦ୍ୱାରା ସାଧକ ହୃଦୟରେ ଶାନ୍ତି, ଉତ୍ତମ ଓ ଅସେଚନକ ସୁଖ ବିହାର କରି, ଅକୁଶଳ ଧର୍ମ ସବୁର ବିନାଶ କରେ । ବୁଦ୍ଧଦେବଙ୍କ ଏହି ଉପଦେଶ ମାର୍ଗ ପରବର୍ତ୍ତୀ ଯୁଗରେ ସିଦ୍ଧ ଓ ନାଥମାନଙ୍କ ଦ୍ୱାରା ପ୍ରଚାରିତ ହୋଇ ହଠଯୋଗ ନାମରେ ପ୍ରସିଦ୍ଧି ଲାଭ କରେ । ଏହି ସାଧନା ବଳରେ ଅଙ୍ଗ ଓ ଶ୍ୱାସ ଉପରେ ଅଧିକାର ଆସେ ଓ ମନରେ ଏକାଗ୍ରତା ଆସେ । ମନ ସଂଯତ ହେଲେ ସାଧକ ପରମପଦରେ ଲୀନ ହୁଏ । ସରହପା, ଗୋରଖନାଥ ଓ କବୀର ମଧ୍ୟ ଶ୍ୱାସ-ପ୍ରଶ୍ୱାସର ମନନକୁ ଶ୍ରେଷ୍ଠ ସାଧନ ଯୋଗ ରୂପେ ଗ୍ରହଣ କରିଛନ୍ତି । କବୀର ଘଟ-ଘଟରେ ବ୍ୟାପ୍ତ ରାମକୁ ଘଟ ମଧ୍ୟରେ ଖୋଜିବାକୁ ଉପଦେଶ ଦେଇ ଏହି ଶରୀର ମଧ୍ୟରେ ହଠଯୋଗ-ସାଧନା ଦ୍ୱାରା ଆତ୍ମ-ପ୍ରକାଶର ବର୍ଣ୍ଣନା କରିଛନ୍ତି—

"ଉଲଟି ପବନ ଷଟଚକ୍ର ନିବାସୀ,
ତୀରଅଗ୍ନି ଗଂଗତଟ ବାସୀ ।
ଗଗନ ମଣ୍ଡଳ ରବି ସସି ଦୋଇ ତାରା,
ଉଲଟୀ କୁଁଚୀ ଲାଗି କିବାରା ।
କହେ କବୀର ଭଇ ଉଜିୟାରା
ପଂଚ-ମାରି ଏକ ରହୋ ନ ।"

(କବୀର ଗ୍ରଂଥାବଳୀ ପୃ-୧୪୫)

Digitized by srujanika@gmail.com

ଅଚ୍ୟୁତ ଯେତେବେଳେ କହୁଛନ୍ତି—

"ଅନନ୍ତ ସିଦ୍ଧେ ଆଚରିଲେ ଯାହା
ଶାସ୍ତ୍ର ବିଧି ଯେଣୁ କହିଲେ ତାହା ।"

(ଚତୁର୍ଥ ଖଣ୍ଡ-ପଦ-୮)

ବା—"ଅନନ୍ତ ସିଦ୍ଧ ବିବେକ ବିସ୍ତର" (ଦ୍ୱିତୀୟଖଣ୍ଡ-ପଦ-୧୫୩)

ସେତେବେଳେ ସେ ତାଙ୍କ ପୂର୍ବରୁ ପ୍ରସିଦ୍ଧି ଲାଭ କରିଥିବା, ସରହପା, ଗୋରଖନାଥ ଓ ଅନ୍ୟାନ୍ୟ ସିଦ୍ଧଙ୍କୁ ହିଁ ସ୍ମରଣ କରିଛନ୍ତି ଓ ସାଧନ ଯୋଗ ବୋଲି, ସେ ଯେଉଁ ଯୋଗର ବର୍ଣ୍ଣନା ବା ବ୍ୟାଖ୍ୟା କରିଛନ୍ତି, ତାହା ହେଉଛି, ସେହିମାନଙ୍କ ପ୍ରଦର୍ଶିତ ମାର୍ଗ । କବୀର ଘଟ ଘଟରେ ବ୍ୟାପ୍ତ ରାମଙ୍କଠାରେ ଲୀନ ହେବାକୁ କହୁଥିବା ବେଳେ ଅଚ୍ୟୁତ, ଜଗନ୍ନାଥଙ୍କଠାରେ ଲୀନ ହେବାକୁ କହିଛନ୍ତି ।

ସାଧକର ସାଧନାର ଚରମ ଲକ୍ଷ୍ୟ ହେଉଛି, ବୁଦ୍ଧଦେବଙ୍କ ମତରେ ପରମ ପଦ ବା ନିର୍ବାଣ । ସରହପା, ଗୋରଖନାଥ ମଧ୍ୟ ସାଧକର ସେହି ଅବସ୍ଥାକୁ ମହାସୁଖ ପରମ ପଦ, ମହାସୁହ (ସୁଖ), ନିବ୍‌ବାଣ ଓ ମୋକ୍ଷ କହିଛନ୍ତି । ଅଚ୍ୟୁତ ମଧ୍ୟ ଅବ୍ୟଗତ ବ୍ରହ୍ମ (୧-୨୩), ନିର୍ବାଣ, କୈବଲ୍ୟ (୧-୩୨) ବା ନିଶବଦ ଘରେ (୧-୩୪) ନିରଂଜନ (୧-୩୬), ନିର୍ବାଣମୁକ୍ତି (୧-୧୦୨), ମହାସୁଖ (୨-୪), ଅଜାମ୍ବର ପଦ (୨-୫) ପ୍ରାପ୍ତି, ପରମାନନ୍ଦ (୨-୫୬), ଅନାଦି କନ୍ଦ (୨-୬୭), ପରମ ପଦ ମହାସୁଖ (୨-୧୨୧), ଲାଭ ଓ ମୋକ୍ଷଗତି (୨-୧୪୦) ମୁକ୍ତି (୨-୧୫୫), ପ୍ରଭୃତି ଶବ୍ଦ ବ୍ୟବହାରଦ୍ୱାରା ସିଦ୍ଧଗଣ ସେବିତ ଲକ୍ଷ୍ୟ ପ୍ରତି ନିର୍ଦ୍ଦେଶ କରିଛନ୍ତି ।

ଅତଏବ ଅଚ୍ୟୁତାନନ୍ଦଙ୍କର 'ଗୁରୁଭକ୍ତି' ବୌଦ୍ଧ-ନାଥ-ପରଂପରା ମଧ୍ୟ ଦେଇ ସିଦ୍ଧ-ସାଧକ-ସନ୍ଥମାନଙ୍କ ଚିନ୍ତା-ଚେତନା ସହିତ ଯୋଗସୂତ୍ର ସ୍ଥାପନ କରି ଓଡ଼ିଶୀ ସାଧନ ମାର୍ଗରେ ଯେ ଏକ ବଳିଷ୍ଠ ଭୂମିକା ନେଇଛି ଏଥିରେ ସନ୍ଦେହ ନାହିଁ ।

●

Digitized by srujanika@gmail.com

ପ୍ରଥମ ଖାନ

ଓଁ ଶ୍ରୀଗୁରୁଭ୍ୟୋ ନମଃ । ଓଁ ପରମ ଗୁରୁଭ୍ୟୋ ନମଃ ।

ଶ୍ରୀଗୁରୁ ବଚନ ଅଟଇ ଅମୂଲ୍ୟ । ଶ୍ରବଣ ପଥେ ଭଲକରି ତୁଲ ॥୧॥
ସକଳ ବେଦ ପୁରାଣର ସାର । ଉତ୍ତମ ମନ୍ତ୍ର ବିବେକ ବିଗ୍ରହ ॥୨॥
ଯହିଂ ରମିଲେ ନ ରୁଚଇ ଆନ । ଅମୃତ ସଙ୍ଗେ ବିଷ କାହିଂ ପାନ ॥୩॥
ତାହା ଗୁଣ ଜାଣି ଯେ ତହିଂ ରତ । କୋଟି ଇନ୍ଦ୍ରପଦ ଭିକ୍ଷୁକ ମତ ॥୪॥
ଅନଳ ଜଳ ଖଡ଼ଗେ ନିଶଙ୍କ । ବ୍ରହ୍ମାଣ୍ଡେ ଗଲେ ଶ୍ରମ ନୁହେ ତାଙ୍କ ॥୫॥
ନାନା ଦେହ ବନ୍ଧ ଯେ ତହିଂ ମର୍ଜ୍ଜି । ମୃତ୍ୟୁଦେବତା ନପାରଇ ଗର୍ଜ୍ଜି ॥୬॥
*ରମିଲେ (୧) ମୁକତ ମିଶିଲେ ସଙ୍ଗ । ଜାଣି ପାରିଲେ ଅଜାମ୍ବର ଅଙ୍ଗ (୨) ॥୭॥
କୀଟହୁଁ ବ୍ରହ୍ମଯାଏ ଜୀବେ ଅଙ୍ଗବେ । ଅଛନ୍ତି ହୋଇ ଅଛି ସର୍ବ ଗର୍ଭେ ॥୮॥
ଜଗତ ଭିତରେ ଯେତେ ରଚନା । ତହିଂ କ ସବୁ ଉପାଲମ୍ୟ ବିନା (୩) ॥୯॥
ସ୍ଥାବର ଜଙ୍ଗମ କୀଟ ପତଙ୍ଗ । ଗୃହଖାନ ସବୁ ତୋହୋରି ଅଙ୍ଗ ॥୧୦॥
ଉତ୍ପତ୍ତି ସ୍ଥିତି ଯେ ପ୍ରଳୟ ଭିନ୍ନ । ଆବୋରି ଅଛି ଏହି ଦେହ ଯେଣ ॥୧୧॥
ଏହାର ତହିଂ (୪) ଜଗତ ପ୍ରକାଶ । ତହିଂ ଉପୁଜି ତହିଂ ହୋଏ ନାଶ ॥୧୨॥
ସୁଖ ଦୁଃଖ ସଙ୍ଗୀ ନାହିଂ ତାହାର । ବଚନେ ନୁହଇ ମନୁ ବାହାର ॥୧୩॥
ନୁହଂଇ ରୂପ ନାହିଂ ତାର ନାମ । ସେ ଜ୍ୟୋତି ବନ୍ଦସ୍ତେ ଅଟ ଉପାମ ॥୧୪॥
ଦ୍ୱାଦଶ ମାତ୍ରା ପଞ୍ଚାଶ ଅକ୍ଷର । ଜପ ହରି ଗୁଣ ଏଥି ଭିତର ॥୧୫॥
ବ୍ରହ୍ମ ଆଦି କରି କୀଟର ଯାଏ । ଅକ୍ଷର ଭିତରେ ସମସ୍ତେ ହୋଇସ୍ତେ ॥୧୬॥
ଅକ୍ଷର ଭିତରେ ଜଗତ ଲେଖା । ଅକ୍ଷର ବାହାର ସେ ରୂପ ସ୍ୱେକା ॥୧୭॥
ସୂର୍ଯ୍ୟକିରଣ ଯହିଂ ପରକାଶେ । ଲୋଚନ ମନ ଯହିଂ ଯାଇ ପଶେ ॥୧୮॥
ଯେତେକ ବେଦ ପୁରାଣ ବଖାଣି । ତହିଂ ଅଧିକ ତ କେହି ନ ଜାଣି ॥୧୯॥
ଅନେକ ତପୀ ବ୍ରହ୍ମଲୋକେ ଥିଲେ । ଈଶ୍ୱର ଆଦି କେହି ନ ଜାଣିଲେ (୫) ॥୨୦॥

ଖ—(୧) ରମିଲେ, (୨) ଜାଗି ରହିଲେ ଅଜାମର କନ୍ଧ ।
(୩) ତହିଂକ ବୋଲ ଖେଡ଼ଘର ବିନା । (୪) ତହିଂ ଭିତରେ ଜଗତ ପ୍ରକାଶ ।
(୫) ଈଶ୍ୱର ଆଦି ଜାଣି ନ ପାରିଲେ ।

ଅଧିକ * ଗ—କହଇ ଚଇତନ ଶୁଣ ମନୁ ଗ୍ରନ୍ଥେ । ଅପୂର୍ବ ରହସ ଦିବ୍ୟ କଥା ସ୍ତ୍ରେ ॥
ଛିତ, ଜଳ, ହୁତ ପବନ ଶୂନ୍ୟେ । ନିର୍ଗୁଣ କାରଣ ଜୀବ ଯେସନେ ॥
କହିବି ଆତ୍ମା ଯେ ଅମନ ଭେଦେ । ପରମ ଆତ୍ମା ନିରଞ୍ଜନ ବନ୍ଧେ ॥

Digitized by srujanika@gmail.com

କାହ୍ନୁଂ ଜାଣିବେ ସେ ନୁହଁଇ ଜନ୍ତୁ । କେବଳ ତାହା ତହୁଂ ଭବ ଅଛୁ ॥୨୧॥
ତାହାକୁ ଆନ ପଟାନ୍ତର ନାହିଁ । ତାହା ପଟାନ୍ତର ତାହାର ତହିଁ ॥୨୨॥
ଅବ୍ୟଗତ ବ୍ରହ୍ମ ଯେବଣ ଜ୍ଞାନ । ବିଷ୍ଣୁମାୟା ତହୁଂ ନଜାଣନ୍ତି ଆନ(୧) ॥୨୩॥
ବ୍ୟାସ ମହାମୁନି କବି ପ୍ରଚଣ୍ଡ । ପୁରାଣ କଲେ ଅଷ୍ଟାଦଶ ଖଣ୍ଡ ॥୨୪॥
ଷାଠିଏ ଲକ୍ଷ ବଖାଣିଲେ ଗ୍ରନ୍ଥ । ସେହି ନ ଜାଣିଲେ ତଥି ତଦନ୍ତ ॥୨୫॥
ତପବଳେ ଅବା ହୋଇଲେ ତେଡ଼େ । ସେ କାହ୍ନୁଂ ଜାଣିମେ ସମ୍ଭବ ତେଡ଼େ ॥୨୬॥
ବ୍ରହ୍ମା ଯେ ବେଦ ବଖାଣିଲା ମୁଖେ । ବ୍ରହ୍ମାଣ୍ଡମାନ ଛଆଇଲା ସୁଖେ ॥୨୭॥
ସଂସାର ଅବା କଲ୍ପକ ରଚନା । ସେ ପୁଣି ପ୍ରଭୁଙ୍କ ସେବକ ସିନା ॥୨୮॥
ନାଭିକମଳରୁ ଉତ୍ପଳ ଗୋଟି । ଥୋକାଏ ଦିନର ଏକଥା ସେଟି ॥୨୯॥
ପଦ ପରତେ ଆଚରିଲେ ଯହୁଂ । ବେଦେ ଅଧିକାରୀ ହୋଇଲେ ତହୁଂ ॥୩୦॥
ପରମଧାମ ସେ ଜାଣିମ କାହୁଂ । ସେକଥା ବ୍ରହ୍ମାକୁ ଗୋଚର ନାହିଁ ॥୩୧॥
ବେଦ ଭିତରେଣ ସୃଷ୍ଟିପାତନା । ଜବାଟ ଜ୍ୟେ ତ ବେଦ ଯହୁଂ ବଣା ॥୩୨॥
ବ୍ରହ୍ମା ସେ ସର୍ଜିଲା ସକଳ ଜୀବ । ପାଳଇ ବିଷ୍ଣୁ ସଂହାରଇ ଶିବ ॥୩୩॥
ନିଶବଦଘରେ ଶବଦ ଭେଦ । ଶବଦ ଘରୁ ସଞ୍ଚରିଲା ବେଦ (୨) ॥୩୪॥
ବେଦ ହୋଇଲା ସେ ମୋ ତହୁଂ ଆଗ । ବେଦାନ୍ତ କହେ ଉପଦେଶ ଭାଗ ॥୩୫॥
ଏମାନେ ଯହୁଂ ଜାଣି ନପାରିଲେ । ନିରଞ୍ଜନ ବୋଲି ନାମ ଧରିଲେ ॥୩୬॥
ବେଦ ଆଦି ହୋଇ ତହୁଁଙ୍କ ନାହିଁ । ତହୁଁଙ୍କ ଆନ ପଟାନ୍ତର କାହିଁ ॥୩୭॥
ଆବର ଯେତେକ ଗ୍ରନ୍ଥ ପଢ଼ିବା । କବିକୃତ୍ୟ ବୋଲି ତାହା ଛାଡ଼ିବା(୩) ॥୩୮॥
ବିଦ୍ୟା ପଢ଼ିବା ଧନ ଲୋଭେ ସେଟି । ବିଦ୍ୟାହୁଂ ଭିନେ ଜ୍ଞାନ ବୋଲି ଯେଟି ॥୩୯॥
ଘଟ କୂଟ ବୀଜ ସ୍ତମ୍ଭ ପ୍ରସିଦ୍ଧି (୪) । ପ୍ରପଞ୍ଚ ରୂପ ଯେବେ ଜଗଦାଧି ॥୪୦॥
ଭୂତପ୍ରାଣ ଧନ ବୃଦ୍ଧି ଜୀବନ (୫) । ସବୁନ୍ତି ସବୁ କରିଅଛୁ ମନ ॥୪୧॥
ଅଶେଷ କୋଟି ଚରାଚର ଜିଣି । ବିଶ୍ୱ ମହାଭାବ ମନ କାରେଣୀ(୬) ॥୪୨॥
ଏକାମନ ଯେବେ ସୃଷ୍ଟି ପାତନା । ମନକୁ ମନ ମୂଢ଼ପଣେ ବଣା (୭) ॥୪୩॥
ସଂସାର ମାୟା ଅନ୍ତ ବଡ଼ ଧନ୍ଦ । ଦେଖନ୍ତାକୁ ରୂହୁଂ ଦେଖନ୍ତା ଅନ୍ଧ (୮) ॥୪୪॥
ମଣିତ ନଯାଇ ବିଷ୍ଣୁର ମାୟା । କେତେ ପୃଥିବୀ କେତେ କାହୁଂ କାୟା(୯)୪୫॥

ଖ—(୧) ବିଷ୍ଣୁମାନଙ୍କେ ତାହାହୁଂ ନଜାଣନ୍ତି ଆନ । (୨)ଶବଦଘରୁ ଜାତ ହୋଇଛି ବେଦ ।
(୩) କବି କଲ୍ପ ସିନା ତାହା ଛାଡ଼ିବା । (୪) ଘଟକୂଟ ଭୂତଳ ଜୀବୀ ପରାର୍ଦ୍ଧ ।
(୫) ଭୂତ ପ୍ରାଣଧର ଧୃତ ଯୋବନ । (୬) ବିଶ୍ୱ ଖରଖର ମନହାରେଣୀ ।
(୭) କରିଅଛୁ ବଣା ।
(୮) ଦେଖିଲା ଲୋକ ଦେଖୁ ଦେଖୁ ଅନ୍ଧ । (୯)କେତେ ବ୍ରହ୍ମାଣ୍ଡ କାହୁଂ କେତେ ମାୟା

Digitized by srujanika@gmail.com

କାହୁଁ ସଞ୍ଚରଇ ଲୁଚଇ କାହିଁ । ଅନ୍ତକର ତାହା ଜାଣନ୍ତି ନାହିଁ ॥୪୬॥
ଜଗତ ଭିତରେ ଜନ୍ତୁ ଅପାର । ମାନବ ଜନ୍ମ ସବୁ ତହୁଁ ସାର ॥୪୭॥
ଗଜ ଆଦିକରି କୀଟ ସହିତେ । କେତେ ଜନ୍ତୁ ନାହିଁ ହଙ୍କ ଜଗତେ ॥୪୮॥
ଅନ୍ୟ ଜନ୍ତୁମାନେ ଅଛନ୍ତି ଯେହ୍ନୁ । ସୃଷ୍ଟି ପାତନା ନଜାଣନ୍ତି ସେହ୍ନୁ ॥୪୯॥
ମିଷ୍ଟ ଅମିଷ୍ଟ ଦୁଃଖ ସୁଖ ନାନା । ସବୁ ରଚନା ମାନବର ଜିନା ॥୫୦॥
ଭୂତ ଭବିଷ୍ୟ ବର୍ତ୍ତମାନ ବିଧି । ଏହି ମାନେବ କରଅଛୁ ସିଦ୍ଧି ॥୫୧॥
ଯାବତ ପ୍ରକାରେ ଯେତେ ମେଦିନୀ । ସବୁ ବିଦ୍ୟାମାନେ ମାନେବ ଜେନି ॥୫୨॥
ସୁଜନମାନେ (୧) ସାବଧାନେ ଶୁଣ । ଶୁଦ୍ଧ ଚଇତନ ବିବେକ ଗୁଣ ॥୫୩॥
କେତେକେ ଗଢ଼ିଲା ମାନବ ଦେହ । ଆପଣା କାର୍ଯ୍ୟେ ନପଶିଲେ କେହି ॥୫୪॥
ଏ ଜନ୍ମ ବନ୍ଧ ଅକାରଣ ନୁହ । ଜ୍ଞାନଖଡ୍ଗରେ ଛେଦ ମାୟାମୋହ ॥୫୫॥
ଅଚ୍ୟୁତ ଦାସ ବିଚାରଇ ସ୍ୱେତେ । ଏ ଦେହ (୨) ଲଭିଲି କାରଣ ମୋତେ ॥୫୬॥
ଅନେକ ପୁଣ୍ୟ କରଥିଲି ଯହୁଁ । ମାନବ ଶରୀର ଲଭିଲି ତହୁଁ ॥୫୭॥
ଏହାହୁଁ ଯେବେ ଆନଜନ୍ମ ହୋନ୍ତି । ଏତେମାନ ହେତୁ କାହୁଁ ଜାଣନ୍ତି ॥୫୮॥
ନାନା କଉତୁକ ବିଷୟ ଭବ । ଏତେବେଳକୁ ସ୍ୱେହି ମୋତେ ଲଭ ॥୫୯॥
ମୁହିଁଯେ ଜଣେ ହୋଇଅଛି ଲେଖା । ଭିନେ ଅ.ସ୍ୱତନ ମୋହର ସେକା ॥୬୦॥
କୁମାର ଯୁବା ଯେ ଜ୍ୱର ଅବସ୍ଥା । ଏହି ଦେହ ମୋର ତିନି ଅବସ୍ଥା ॥୬୧॥
ଶିଶୁ ହୋଇଥିଲି ବାଳୁତ ଭାବେ । ସେକଥା ମାନ ପାଶେ ଶଲି ସ୍ୱେବେ ॥୬୨॥
ସମସ୍ତେ ଶିଶୁ ପୁଅଙ୍କର ସଙ୍ଗେ । ଦିନ ବଞ୍ଚିଲି କଥାଖେଳ ରଙ୍ଗେ ॥୬୩॥
ତଦନ୍ତରେ ମୁଂ ପଢ଼ିଲି ପାଠ । ଥୋକାୟେ ଜାଣିଲି ବିଦ୍ୟାର ବାଟ ॥୬୪॥
ବିଦ୍ୟାର ବିବେକେ ବୁଦ୍ଧି ବଢ଼ିଲି (୩) । ଅବିବେକ ପଣ କିଛି ଛୁଡ଼ିଲି ॥୬୫॥
କେବଳ ବିବେକ ଯହୁଁ ଜାଣିଲି । ମୋହ କଥାକୁ ମୁଂ ପରମ ଣିଲି ॥୬୬॥
ଏମନ୍ତ ବିଚାର କଲି ମନକୁ । ସଂସାର ଭୁଲିଛୁ (୪) ଧନ ଜନକୁ ॥୬୭॥
ମୁହିଁ ସଂସାର ସଙ୍ଗେ ଅଛି ପଡ଼ି । ମୋତେ ଅବା ନନ୍ଦ ପାରଇ ଲେଡ଼ି(୫) ॥୬୮॥
ମୁଇଂ ଅବା ନନ୍ଦ ଛେଡ଼ଇ ଛାଡ଼ି । ସେ ମୋହର ସଙ୍ଗେ ହୋଇଛି ଜଡ଼ି ॥୬୯॥
ଜନ୍ମ ମରଣ ସ୍ୱେହା ଯେନ ଲେଖା । ସ୍ୱେହାର ନଥିଲେ ମୁ କାହିଁ ଲେଖା ॥୭୦॥
ମୃଗତୃଷ୍ଣା ଜଳେ ମୀନ ଲେଉଡ଼ିଲି । ସ୍ୱପନ ଧନକୁ କୁଣ୍ଢି ଆଇଲି ॥୭୧॥
ହସ୍ତ ପାଇଲେ କି ଚନ୍ଦ୍ରମା ପାଇ । ଜଣୁଣି ବାନ୍ଧି କି ସ୍ୱର୍ଗକୁ ଯାଇ ॥୭୨॥

ଖ—(୧) ଅଜ୍ଞାନୀମାନେ । (୨) ଏ ଜନ୍ମ···
(୩) ବୁଦ୍ଧି ଫୁଟିଲା··· । (୪) ଜଗତ ଭୁଲିଛୁ ।
(୫) ମୁହିଁ ସଂସାର ସଙ୍ଗେ ଅଛି ପଶି । ମତେ ହେଁ ବଳେ ଆବୋରିଲା ଆସି ।

Digitized by srujanika@gmail.com

ମୋତେ ଅଗୋଚର ମୋହଣ ଦେହ । ଉପେକ୍ଷି ଯିବା ଏଡ଼େ ମାୟାମୋହ ॥୭୩॥
ଏଦେହ ଛାଡ଼ିଲେ ଯନ୍ତୁଂକ ଗଲ । ଏବେ ଯନ୍ତୁଂ ଅଛୁ ଯନ୍ତୁଂ ଅଇଲ ॥୭୪॥
ଯଦ୍ଧ ପାଇବ ସଦଗୁରୁ ଦୀକ୍ଷା । ସ୍ୱେତେକ ମାତ୍ର ଜାଣିବାକୁ ଇଚ୍ଛା ॥୭୫॥
ଚିନ୍ତା ପାଉଅଛୁ ଶରୀର ଦେଖି । ନପୁଣ ଦେହ ନପାରଇ ରଖି ॥୭୬॥
ସୁଗତ କୁଗତ ମୋହର ମୂଳ । ମୋହୋ କଲକର୍ମ ମୋତେ ହେଂ ଶୂଳ(୧) ॥
ମୁଁହି ଆବୋରିଲି ବୟସ୍ତ୍ର ଦ୍ୱନ୍ଦ୍ୱ । ମୋହର ମୋତେ ହୋଇଲାକ ମନ୍ଦ ॥୭୮॥
ଆବର ପ୍ରତ୍ୟକ୍ଷେ ଦେଖିଲି ଯାହା । ଚିତ୍ତ ଚମକଇ କହିଲେ ତାହା ॥୭୯॥
ମୋହର ଦେଖ ଦେଖ ଯେତେ ଗଲେ । ଜଣେହେଂ କେହ୍ଣ ବାହୁଡ଼ି ନଇଲେ ॥୮୦॥
ସ୍ୱେତେ ମାୟାମୋହ କ୍ଷଣକେ ଛାଡ଼ି । ଯେତେକ ମଲେ ନଇଲେ ବାହୁଡ଼ି ॥୮୧॥
ଯେତେ ହୋଇବ ତେତେ ହୋଉ ଜନା । ସବୁ ଜାଣିଲି ଏହୁ ମତ ଯିନା ॥୮୨॥
ଏହୁ କଥାମାନ ମନରେ ଗୁଣି । ଶରୀରବ୍ୟଥା ପାଉଅଛୁ ପୁଣି (୨) ॥୮୩॥
ସ୍ୱେତେ ମାନ ଦେହ ପାଇ କେତେକେ । ଏଥକୁ ଶଙ୍କା ନକରିବା କେ କେ ॥୮୪॥
ବିଦ୍ୟା ସମ୍ପତ୍ତି ଯଉବନ ଧନ (୩) । ଦେହଥିଲେ ଯିନା ଥିବ ଏମାନ ॥୮୫॥
ସବୁ ହଜିଲେ ଦେହ ଥିଲେ ପାଇ । ଦେହ ହଜିଲେଟି ସଂସାରୁ ଯାଇ ॥୮୬॥
ବ୍ରତ ଉପାସନା ତୀର୍ଥ ଗମନ । ଶରୀର କଦର୍ଥି ନାନା ବିଧି ମାନ ॥୮୭॥
ବେଦପୁରାଣ ଏହା ଘେନି ମଣ୍ଡି । ପୁଣ୍ୟ ପର ଯେବେ ମୃତ୍ୟୁ ନ ଖଣ୍ଡି (୪) ॥୮୮॥
ଜନ୍ମ ଜନ୍ମାନ୍ତର ବାସନା ଥାଇ । କଳପଣା ସୁଖେ ପୁଣ୍ୟ ଦେହ ପାଇ ॥୮୯॥
ଜନ୍ମ ମରଣ ଏ ଦେହର ବିଧି । ଆତ୍ମା ଅବିନାଶ (୫) ସର୍ବଦା ସିଦ୍ଧି ॥୯୦॥
ଆତ୍ମାକୁ ପରଚେ ଯେବଣ ବୁଧ । ଚନ୍ଦ୍ର କାଳ ମାୟା ଦେଖ ବୁଧ ॥୯୧॥
ସାଜପତଳେ ମନଭେଦ ଯନ୍ତୁଂ । ବେତାଳ ରୂପେ ପ୍ରକାଶିଲ ତନ୍ତୁଂ (୬)॥୯୨॥
ଦେହ ଅନ୍ତେ ଜୀବ ଯନ୍ତୁଂକ ଗଲ । ସେକଥା ଜାଣିଲେ ନବୋଲି ମଲ ॥୯୩॥
ଏତେ ମାତ୍ରକ ବିଚାରଇ ଆଉ । ଏ ଦେହ ଯେମନ୍ତେ ନାଶ ନଯାଉ(୭) ॥୯୪॥
ଚଣ୍ଡମହାଖଲା (୮) ଗାରେଡ଼ି ମନ୍ତ୍ର । ଔଷଧ ମୂଳିକା କୁହୁଣୀ ଯନ୍ତ୍ର ॥୯୫॥
ନବ ନାଟକ (୯) ଜନ୍ମତତ୍ତ୍ୱ ଆଦି । ଓଦର ସୋଷଣେ ଏମାନ ସାଧି ॥୯୬॥

ଖ—(୧) ମୋହେ କଥାମାନ ମୋତେହେଂ ମୂଳ । (୨) ଅନେକ ଦୟା କରୁଥାଇ ପୁଣି ।
(୩) ବିଦ୍ୟା ସମ୍ପତ୍ତି ବୃଦ୍ଧି ଧନ ଯୌବନ । (୪) ମହାପୁଣ୍ୟ ଲୋକ ମୃତ୍ୟୁକୁ ଖଣ୍ଡି
(୫) ଆତ୍ମା ଅକ୍ଷୟେ···
(୬) ଏକା ଜୀବନ ଜୀବ ଭେଦ ଯନ୍ତୁଂ । ଅନେକ ରୂପ ହୋଇଅଛୁ ତନ୍ତୁଂ ॥
(୭) ଏ ଦେହ ଯେତେକେ କ୍ଷୟେ ନଯାଉ । (୮) ମହାକଲା···
(୯) ନବନାଟିକା···

Digitized by srujanika@gmail.com

ପାଉଁଶ ବିଲେପନ ଦର୍ଶନଧାରୀ । ଗୃହ ଉପେକ୍ଷି-ହୋନ୍ତି ବନଚାରୀ ॥୯୭॥
ଥୋକାଏ ଦମ୍ଭେ ଦେଶାନ୍ତର ଯାନ୍ତି । ସାଖି ଶବଦରେ ଥୋକାଏ ଥାନ୍ତି ॥୯୮॥
କଷ କଉପୁନୀ (୧) ଶଙ୍ଖ ଚକ୍ର କାଟି । କେହୁ ବାଘାମ୍ବର ପିନ୍ଧେ କର୍ପଟି ॥୯୯॥
କେବା ସହସ୍ରେ ନାମ ଉଚ୍ଚାରନ୍ତି । ଅନ୍ନ ଛାଡ଼ି କେବା ଦୁଧ ପିଅନ୍ତି (୨) ॥୧୦୦॥
ଅନେକ ମତେ ଜକର୍ଷନ୍ତି କାୟେ । ମୃତ୍ୟୁ ବଞ୍ଚିବାକୁ ନାହିଁ ଉପାୟେ ॥୧୦୧॥
ଏକାମ ନ ଅଛି ପରମାନନ୍ଦ । ଜ୍ଞାନ ଜାଣିଲେ ଅଜାମ୍ବର କନ୍ଦ ॥୧୦୨॥
ଆବର ସବୁ ଉପାଲମ୍ଭ ଚିନା । ନିର୍ବାଣ ମୁକ୍ତି ଜ୍ଞାନର ସ୍ତବନା ॥୧୦୩॥
ତେଣୁ ମୋ ମନ ନରୁଚଇ କାହିଁ । ସୁଖ ଦିବସେ ଲୋଡ଼ି ଥାଇ ତାହିଁ ॥୧୦୪॥
ସିଦ୍ଧିର ସାଧନେ ଗୁଣ ପ୍ରସାଦେ । ସଞ୍ଚପି ଜାଣିଲି ଆତ୍ମାର ଭେଦେ ॥୧୦୫॥
ସୁଜନମାନଙ୍କ ସଙ୍ଗ ପ୍ରସାଦେ । ସନ୍ଦେହ ଛେଦିଲି ବୁଦ୍ଧି ବିବାଦେ ॥୧୦୬॥
ଅନେକ ଦୁଃଖେ ଲୋଡ଼ି ଥିଲି ଯାହା । ଅତି ନିକଟରେ ପାଇଲି ତାହା ॥୧୦୭॥
ଆପଣା ବିବେକ ହୃଦରେ ଆଣି । ବିଚାରିଲି ମନେମନେ ପାଞ୍ଚି ॥୧୦୮॥
ଆବର ବିଶେଷେ ଗୁରୁ କହିଲେ । ଏହି ଦେହ ଘେନିଥିବୁ ବୋଇଲେ(୩)॥୧୦୯॥
ସନ୍ଦେହ ଫିଟିଲା ହୋଇଲି ଶାନ୍ତ । ଯେଣେ ସେ ଗଣ୍ଠି ମାରୁଥିଲି ଭ୍ରାନ୍ତ ॥୧୧୦॥
ଏତେ ପରତେ ଉପୁଜିଲା ମନେ । ମରଣ ଜିଣିଲି (୪) ଏହି ବଚନେ ॥୧୧୧॥
✳ପରମପଦ ଗହନ ଗୁପତ । ମୋହ ବିଘ୍ନରେ ମୁଁ ପାଇଲି ତତ୍ତ୍ୱ ॥୧୧୨॥
ଅପାର କାରଣ ହୋଇଲା ନିନା । ଏକା ଅବିଗୁଣେ କହଇ କିନା ॥୧୧୩॥
ପ୍ରକୃତି ଲମ୍ପଟେ ଶରୀର ଜଡ଼ । କୁବାସନା ଘେନି ଗୃହରେ ପଡ଼ି ॥୧୧୪॥
ଯେଉଁ ଜଡ଼ ଯହୁଁ ଆବୋରିଲି ଆସି । ତେଣୁ ତହୁଁକି ନପାରିଲି ପଶି ॥୧୧୫॥
ଯେଉଁ ମହାଜଡ଼ ଛେଦିବାର ପାଇଁ । ମୋହୋ ମନକୁ ଉଥାରଇ ମୁହିଁ ॥୧୧୬॥
ସୁଜନମାନେ ସାବଧାନେ ଶୁଣ । ଶୁଦ୍ଧ ଚଇତନ୍ୟ (୫) ବିବେକ ଗୁଣ ॥୧୧୭॥
ଶବଦବ୍ରହ୍ମ ସଂହିତା ବଚନ । ମନର ଆଗେ କହଇ ଚଇତନ ॥୧୧୮॥
ସୂର୍ଯ୍ୟବଂଶେଣ ମହାପତ୍ର ସାର । କପିଳ ଇନ୍ଦ୍ର ନୃପତି କୁମାର (୬) ॥୧୧୯॥
ଶ୍ରୀ ପୁରୁଷୋତ୍ତମ ନୃପ ତନୁଜା । ପ୍ରତାପରୁଦ୍ର ଦେବ ମହାରାଜା ॥୧୨୦॥
ରବିତଳେ ଆନ ନାହିଁ ଉପମା । ସପତଦ୍ୱୀପ ପୃଥ୍ୱୀ ଯାର ସୀମା ॥୧୨୧॥

ଖ—(୧) କଷା ବସନ ।
(୨) କେ ଲକ୍ଷେ ନାମ ଉଚ୍ଚାରନ୍ତି ମୁଖେ । ଅନ୍ନ ଛାଡ଼ି ଦୁଧ ପିଅନ୍ତି ମୁଖେ ॥
(୩) ଜ୍ଞାନ ସାଧ ଦେହ ଥିବ ବୋଇଲେ । (୪) ମରଣ ବଞ୍ଚିଲି···
ଅଧିକ ✳ ପରମପଦ ଗହନ ଗୁପତ । ମୋହ ବିଘ୍ନରେ ମୁଁ ପାଇଲି ତତ୍ତ୍ୱ ॥
(୫) ଶୁଦ୍ଧଚିତ୍ତ ମନେ ବିବେକ ଗୁଣ
(୬) ସୂର୍ଯ୍ୟବଂଶେ ମହାପାତ୍ର ସାର । କପିଳଇନ୍ଦ୍ର ବଂଶେ ଅବତାର ॥

Digitized by srujanika@gmail.com

କେବଣ ଗୁଣ କହିବା ତାହାର । ଜପ ତପ ଜ୍ଞାନ ସନ୍ଧି ବାହାର (୧) ॥୧୨୨॥
ବଳେ ଅକଳିତ କୁଳେ ପବନ । ଅଗଣ କୃତାନ୍ତ କରେ ଆଶ୍ରିତ (୨) ॥୧୨୩॥
*ସେ ମହାରାଜାଙ୍କ ପଦଗଣ ଅଙ୍ଗେ । ଶବଦ ବ୍ରହ୍ମ ମୁଁ କଲି ନଣଙ୍କେ ॥୧୨୪॥
ସିଦ୍ଧି ଶତେକ ପଟାନ୍ତର ନାହିଁ । ଜନ୍ମ ମରଣ ବିବର୍ଜିତ ସନ୍ଧି (୩) ॥୧୨୫॥
ମନ ଚଇତନ୍ୟ ଯାହା ସପାଦ । ଅଷ୍ଟାଙ୍ଗ ଯୋଗ ସାଧନାର ଆଦ ॥୧୨୬॥
ଗୁରୁବଚନ ଅଷ୍ଟରତ୍ନ ଧୂପ (୪) । ଭ୍ରାନ୍ତ ଅନ୍ଧକାରେ ବୋଧ ପ୍ରଦୀପ ॥୧୨୭॥
ଯେବଣ ଜନେ ଅନୁଭବେ ରତ । ସେହି ସେ ଜାଣଇ ତଥ୍ ତଦନ୍ତ (୫)॥୧୨୮॥
କମଳାପତ୍ର ନୀଳଗିରି ବାସ । ପରମଜ୍ୟୋତି ସହଜେ ପ୍ରକାଶ (୬) ॥୧୨୯॥
**ସେ ସନ୍ତଂ କଣ୍ଠେ କଲେ କରୁଣା । ତେଣୁ କଲ ମୋତେ ପଦସ୍ଫୁରଣା ॥୧୩୦॥
***ଶବଦବ୍ରହ୍ମ ସଂହିତାର ବାଣୀ । ଆରମ୍ଭ ଯୋଗେ ଭେଟାଇଲେ ଆଣି ॥୧୩୧॥
ଇତିଶ୍ରୀ ମନ ଚୈତନ୍ୟ ସମ୍ବାଦେ । ଶବଦବ୍ରହ୍ମ ସଂହିତା ପ୍ରବୋଧେ ॥୧୩୨॥
ତତ୍ତ୍ୱବ୍ରହ୍ମ ସ୍ୱେଥେଂ ମନଚେତନା । ଅଚ୍ୟୁତ ଦାସେ କଲେ ରଚନା ॥୧୩୩॥

ଇତିଶ୍ରୀ ମନଚୈତନ୍ୟ ସମ୍ବାଦେ ଶବଦବ୍ରହ୍ମ ସଂହିତାୟାଂ ନାମ ପ୍ରଥମ ଖଣ୍ଡ ।

—*—

(୧) କେବଳ ଗୁଣ କହିବ ତାହାର । ଯଜ୍ଞ ଯୋଗ ସନ୍ଧି ତାହାର ॥
(୨) ବଳେ ଅକଳିତ ଗୁଣେ ପଣ୍ଡିତ । କୋଟି କୃତାନ୍ତ କରେ ଅସିପତ୍ର ॥
ଅଧିକ * ପ୍ରତକ୍ଷେ ଈଶ୍ୱର ମାନବଦେହ । ଜଗତ ମୁକତ ଦାତାଟି ସେହି ॥
ରଣେ ବଣିଜାର ବି ମଯୋଧି । ସଂଗ୍ରାମ କଲ ନବଖଣ୍ଡ ସାଧି ॥
(୩) ସୂର୍ଯ୍ୟ ସାଧନା ପଟାନ୍ତର ନାହିଁ । ଯୋନି ଜନ୍ମ ବିବର୍ଜିତ ସନ୍ଧି ॥
(୪) ଗୁରୁଭଣ୍ଡାର ଅଷ୍ଟ ହେମ ଧାପ । ଭ୍ରାନ୍ତ ଅନ୍ଧକାରେ ବୋଧ ପ୍ରତାପ ॥
(୫) ସେହି ସେ ଜାଣଇ ତାହାଂର ତତ୍ତ୍ୱ ।
(୬) ପରମଯୋଗୀ ସହଜେ ଉଦାସ ।
ଅଧିକ ** ଅନାଦି ଅଚଳବପୁ ଯାହାର । ଠୂଳ ନିର୍ଣ୍ଣଣ·····ବାର ॥
ଅଧିକ***ଅଚ୍ୟୁତ ଦାସ ବିସ୍ତରଇ ତତ୍ତ୍ୱେ । କହିଲି ସଂହିତା ପୂଜନ ହିତେ ॥

Digitized by srujanika@gmail.com

ଦ୍ୱିତୀୟ ଗୀତ

ଚୈତନ୍ୟ କହଇ ମନ ଆଗର । ଆହେ ମନ ତୁ ଯେ କେଡ଼େ ନାଗର ॥୧॥
ଆପଣା ଭଲ ନବୁଝିଲୁ ଆପେ । ଭୁଲିଲୁ ମାୟାମୋହ ପରତାପେ ॥୨॥
ଯେଉଁ ଦେହ ଯେନ ସଂସାରେ ଅଛୁ । ଜାଣୁ ଜାଣୁ କମ୍ପା ଦେହକୁ ଲେଛୁ ॥୩॥
ଯେହାକୁ ଲେଛୁ କାହିଁ କସ ପାଉ । ଏତେ ମହାସୁଖ ଉପେକ୍ଷି ଯାଉ ॥୪॥
ତୋମନେ ତୋତେ ନଚିନ୍ତୁ କାହିଁକି । ଅଜାମ୍ବର ପଦ ଲେଛୁ କାହିଁକି ॥୫॥
କାହା ହୋଇନାହିଁ ଦେହ ନିମନ୍ତେ । ଏତେମାନ ଦେହ ଲେଛୁ କେମନ୍ତେ ॥୬॥
ଦେହ ନାଶକେ ତୁ ରହିବୁ କାହିଁ । ସବୁ ହୋଇଅଛୁ ଦେହରେ ଥାଇ ॥୭॥
ସ୍ୱେ ଦେହ ଗଲେ ତୁ କାହିଁକି ଲେଖା । ଦେହ ଜୀବନ ଏ ତୋହର ସାଖା ॥୮॥
ତୁ ମନ ତିନି ଜଗତକୁ ରାଜା । ତୋହେ ନ ଥାପିଲେ ଦେବ ଅପୂଜା ॥୯॥
ତୁ ଯହିଁ ତୋତେ ପରତେ ନଯାଉ । ଜନ୍ମ ମରଣ ତେଶୁକରି ପାଉ ॥୧୦॥
ପରକୁ ଥାପି ପରସିଦ୍ଧ କରୁ । ମୋହଜଳେ ବୁଡ଼ି ଆପଣେ ମରୁ ॥୧୧॥
ତୁହ ଆତଯାତ କରୁ ସଂସାର । ତୋ ବିନା ଆନ ନାହିଁ ତିନିପୁର ॥୧୨॥
ଅଟିଛ ରୂପ ସିଦ୍ଧ କରି ପାରୁ । ସିଦ୍ଧକୁ କଂପା ସଦାସ୍ୱେ ମାରୁ ॥୧୩॥
ଯାବତ ଚନ୍ଦ୍ର ଦିବାକର ଥିବ । ତୋହେ ରଖିଲେ ଦେହ କଂପା ଯିବ ॥୧୪॥
କହିଲି ପରତେ ନକରୁ ଅବା । ଏଥକୁ ତୋତେ ଦୃଷ୍ଟାନ୍ତର ଦେବା ॥୧୫॥
କଞ୍ଚା ମାଟି ଘଟ କୁମ୍ଭାର ଗଢ଼େ । ଅନଳ ଜାଳି ଦୃଢ଼କରି ପୋଡ଼େ ॥୧୬॥
ଏ ଦେହ ସିଦ୍ଧ କି ପରକୁ କରଇ । ସେ ହାଣ୍ଡିଆଉ ଆପଣେ ମରଇ ॥୧୭॥
ତୁମନ ଯହିଁ ଆବୋରିଲୁ ମୋହେ । ମୁହାଂସ ବଣେ ନାଶ କଲୁ ଦେହ ॥୧୮॥
ଦେହ ଆବୋରି ଦେହ ସଙ୍ଗେ ଥିଲୁ । ଦେହ ନାଶ ଗଲେ ତୁହିତ ମଲୁ ॥୧୯॥
ଦେହ ଆଦିକରି ସକଳ ମର୍ମ । ଦେହ ଯେଣିକରି ସକଳ ଧର୍ମ ॥୨୦॥
ଦେହ ଥିବାଯାଏ ସବୁ ଆବୋରଇ । ଦେହ ଗଲେ ସବୁ ସେଠାରୁ ସରଇ ॥୨୧॥

ଖ—(୩) ଯାହା ଜାଣୁ କମ୍ପା ଏ ଦେହ କରୁ । ଏତେ ଦେହ ଯେନ ସଂସାରେ ଅଛୁ ॥
(୫) ପଦ ଏଡ଼ୁ କାହିଁକି ।
(୬) କେତେ ହୋଇନାହିଁ ଦେହ ସମେତେ । ଏତେ ବଡ଼ ଦେହ ନେଖୁ କେମନ୍ତେ ॥
(୭) ଏ ଦେହ ନଥିଲେ ତୁ କାହିଁ ଥିବୁ ରହି ।
(୮) ପାଦ ଲୋମ ବଲୋମ ହୋଇଛି ।
(୧୬) ମାଟିହାଣ୍ଡି (୧୭) ସ୍ୱେ ହାଣ୍ଡି ପର ଉପକାରକୁ ହୋଇ ।
(୧୮) ନାଶ କଲୁ ଦେହ । (୧୯) ଦେହ ସଙ୍ଗତେ ଜୀବରୂପେ ଥିଲୁ ।
(୨୧) ଦେହ ଆଦି ଏବେହି··ଯେତେକ କରୁ, ଜୀବଗଲେ ସବୁ ସେଠାରୁ ସରୁ ॥

Digitized by srujanika@gmail.com

କାହାର ଆସ୍ଥିତ ନୁହଇ ଦେହ । ମିଛକୁ ସ୍ନେହେ ଆରୋପନ୍ତି ମୋହ ||୨୨||
ବଜ୍ରର ଲୋଡ଼ିଲେ ଦେହ ପାତିବା । ବ୍ରହ୍ମାଣ୍ଡଳ ଲୋକ ହୋଇଲେ ବଶା ||୨୩||
ଦେହ ଭିତରେ ଯେ ଜୀବନ ଅଛି । ସେ ପୁଣି ଦେହର ନୁହଇ କାଛୁ ||୨୪||
ହେନ ବିପରୀତ ଗତି ତାହାର । ଅରୂପ ନୁହଇ ରୂପୁ ବାହାର ||୨୫||
ଦୁଃଖିର ତହିଁ ଦୁଃଖ ସହିଥାଉ । ସୁଖ ଉପେକ୍ଷି ସୁଖ ତହିଁ ପାଉ ||୨୬||
ଉପାୟେ କରି ବୁହାଇଁ ଲୋଡ଼ିବା । ଲକ୍ଷେ ପୁର କରି ବାଡ଼ ଯେ ଦେବା ||୨୭||
ସବୁରି ସଙ୍ଗେ ସଙ୍ଗ ହୋଇ ଥାଇ । ଜାଣି ନପାରି କେଉଁ କଥି ଯାଇ ||୨୮||
ଯଦି ଏ ଶରୀରୁ ଜୀବନ ଛାଡ଼େ । ପୁଣି ନପଶଇ କାରଣ ଏଡ଼େ ||୨୯||
ଅନେକ ପ୍ରକାରେ କରିବା ସେବା । ମେରୁ ସମ କରି ସୁବର୍ଣ୍ଣ ଦେବା ||୩୦||
ହରଷେ ଯାଉକ ବରଷେ ଯାଉ । ସ୍ଥାନ ଛାଡ଼ିଲେ ନ ଆସଇ ଆଉ ||୩୧||
ଅଥବା ବିଷ୍ଣୁ ବେଦବର ଶିବ । ତେତେମାନ ଦେହ ଛାଡ଼ଇ ଜୀବ ||୩୨||
ଆସିବା ନଦେଖି ଯିବା ନଜାଣି । ଗଲେ ସେ ଅସାଧ୍ୟ ନୁହଇ ଆଣି ||୩୩||
ଶୁଣସି ହୋ ମନ ସ୍ନେହ ସିଦ୍ଧାନ୍ତ । ଘଟଯୋଗ ଖଣ୍ଡ ଦେହ ବୃତ୍ତାନ୍ତ ||୩୪||
ଆଦ୍ୟେ ଦେହ ଯହୁଁ ହୋଇଅଛି । ବଜ୍ରର ଲୋଡ଼ିଲେ ନୁହଇ କାଛୁ ||୩୫||
ଖଙ୍କାର ସିଂଘାଣି ଛେପ ଯେମନ୍ତ । ପ୍ରଥମ ବମରି ଗଢ଼େ ତେମନ୍ତ ||୩୬||
ପ୍ରଥମେ ରେଣୁ ପ୍ରମାଣ ରହିଲା । ଜଠରେ ଯେମନ୍ତ ରୂପ ଧଇଲା ||୩୭||
ଅଲେଖ ପ୍ରତିମା ଲଗି ଅଲଗ । ହେ ଯାହା କଥା ତାହାକୁ ବଲଗ ||୩୮||
କାହିଁ ଥାଇ କାହିଁ ଆସି ହୋଇଲା । କି କି ହୋଇ କେଉଁଣେ କାହିଁକି ଗଲା ||୩୯||
ମର୍ତ୍ତ୍ୟରେ ରୂପେ ପ୍ରକାଶିଲା ଆସି । ଚଞ୍ଚଳ ପ୍ରାୟେ କେଉଁଣେ ଗଲା ଖସି ||୪୦||
ଯେତେ ଗର୍ଜ୍ଜିହୋଇ ମଲା ମିଛକୁ । ଆଉ କଥାମାନ ଥାଉ ପଛକୁ ||୪୧||
ଯେତେ ଲୋକଯଙ୍ଗେ ଗୋଷ୍ଠୀ କରିଛି । ସେମାନେ ଏହାର ନୁହଇ କାଛୁ ||୪୨||
ଜନ୍ମ ହିଁ ଏକା ମରଣ ହିଁ ଏକା । ବନ୍ଧୁ ବାନ୍ଧବ ସ୍ନେ କାହା ସାଖା ||୪୩||
ଅର୍ଥ ଲୁବୁଧେ କଥାଖବେ ସଙ୍ଗ । ଯେ ଯାହା କରମ ତାହାର ଅଙ୍ଗ ||୪୪||

ପା—(୨୨) କେତେ କରୁଅଛୁ ମୋହ । (୨୭) ବାଡ଼ ବେଢ଼ିବା ।
(୨୯) ଯେବେ ଏ ଜୀବନ ଶରୀରୁ ଛାଡ଼େ ।
(୩୦) ମେରୁସମ କରି କଣଯ୍ୟ ଦେବା (ପ୍ରଥମପାଦ)
(୩୪) ......ଦେହ ସିଦ୍ଧାନ୍ତ । ଘଟ କୂଟ ବୀଜ ଦେହ ବୃତ୍ତାନ୍ତ ॥
(୩୫) ବଜ୍ରର କଲେ ସେ ନୋହଇ କାଛୁ (୩୬) ପ୍ରଥମ ବୀଜ ପତନ ତେମନ୍ତ ।
(୩୭) କେବଳ ରେଣୁ ପ୍ରମାଣ ରହିଲା । କଣ୍ଠେ ତା ଏମନ୍ତ ରୂପ ବହିଲା ।
(୩୮) ଅଲେଖ ପ୍ରତିମା ଗତି ବଲଗ......ହିତଗ ।
(୪୦) ବଜ୍ରୁଳରୂପେ ପଳାଇଲା ଖସି । (୪୧) କଲା କଥାମାନ ଥିବ ପଛକୁ ॥

Digitized by srujanika@gmail.com

ଅନେକ ଦୁଃଖେ ଅରଜଇ ଧନ । ତାହୁତ ପଥେ ଭୋଗ କରେ ଆନ ॥୪୫॥
ଏହାର ସହୁଂ ମିଛକୁ ମୁହାଂସ । ମୂହାଂସ ବଶେ ଦେହଯାଇ ନାଶ ॥୪୬॥
ବୁଝସି ହୋ ମନ ଏଥର ସାର । ଅଛି ଅସାଧନ ଦେହ ପ୍ରକୃତ ॥୪୭॥
ତୁ ଅବା ବୋଲ୍ ଦେହମୋର ମାୟା । ଉପାଧି ଭେଦେ ବନ୍ଧ ଅଛୁ କାୟା ॥୪୮॥
ଯେଥକୁ ମନ ଦୃଷ୍ଟାନ୍ତର ଶୁଣ । ତୋତେ ବୁଝାଇବା ତୋହର ଗୁଣ ॥୪୯॥
ଏ ଆଦି ଦେହ ଉପୁଜିଲ ଯହୁଂ । ବିଷମ ସନ୍ଦେହ ସେ କଥା କହୁଂ ॥୫୦॥
ହେଉଂ କମିଲ ସେ ଶସ୍ତ୍ର କାଢ଼ିଲ । ଏତେ ତୁଲେ କମ କାହୁଂ ଗଢ଼ିଲ ॥୫୧॥
କେତେମତେ ତାହା କାହୁଂ ଆଣିଲ । ଦୁର୍ଲଭକର୍ମ କେମନ୍ତେ ଜାଣିଲ ॥୫୨॥
ଏକୁଂ ପ୍ରକାଶଇ ଅନେକ ଚିହ୍ନ । ଗୋଟି ଗୋଟିକେ ବହୁରୂପ ଭିନ୍ନ ॥୫୩॥
କେତେ ବିଜ୍ଞାଣିଯେ ଫସାରେ ନାହୁଂ । ଯେମନ୍ତ ପ୍ରତିମା ଗଢ଼ିବେ କାହୁଂ ॥୫୪॥
ବାହାର ପ୍ରକାରେ ଦେଖି ଗଢ଼ିବେ । ଭିତର କାହୁଂ ଜବାଡ଼ି ପାରିବେ ॥୫୫॥
ଭିତର କମହୁଂ ସନ୍ଧ ଜାଣିବେ । ବିଷୟ ଅଗୋଚର କାହୁଂ ଆସିବେ ॥୫୬॥
ଭଲବିଜ୍ଞାଣି ଯେ ପରମାନନ୍ଦ । ଦଶନ୍ତା କମ ଦେଖନ୍ତାକୁ ଅନ୍ଧ ॥୫୭॥
ହେନ ଜାଲନ୍ଧର ମାୟା ରଞ୍ଜିଲ । ପାଣିଫୋଟକା ଯେତେ ମାନକଲ ॥୫୮॥
ଅଛି ଅଗୋଚର ହେତୁ ତାହାର । କାହୁଂ କେତେ ରୂପ କଲ ବାହାର ॥୫୯॥
ଆବର ବିଶେଷ ନାହୁଂ ବାହାରେ । କେମନ୍ତେ ଗଢ଼ିଲ ଗର୍ଭ ଭିତରେ ॥୬୦॥
ହାଡ଼ ଗୋଡ଼ମୁଣ୍ଡ କାହୁଂ ଯାଇଲ । କେତେଗୁଣ ଆଣି କାହୁଂ ଲଇଲ ॥୬୧॥
ଅଛିଗୁପତ କୁମ୍ଭିପାକ ସ୍ଥାନେ । ତହୁଂ ଲୁଚିଥିଲେ ଇନ୍ଦ୍ରଦ୍ୱମାନେ ॥୬୨॥
ଅନେକ ବିଦ୍ୟା ଯେହୁଥିବ ପଢ଼ି । ଯେମନ୍ତରୂପ ନପାରିବ ଗଢ଼ି ॥୬୩॥
ପାତାଳେ ବାସୁକୀ ସ୍ୱର୍ଗେ ବିଡ଼ୋଜା । ମର୍ତ୍ତ୍ୟଭୁବନେ ଯେତେ ମହାରାଜା ॥୬୪॥
ଅସୁର ଆଦି ଦେବତା କୋଟିଏ । ଗଢ଼ିପାରିବେ କି ଯେଥୁ ଗୋଟିଏ ॥୬୫॥
ଅନାଦିକନ୍ଦ ଯେମନ୍ତ ବିଜ୍ଞାଣି । କାହୁଂ କେତେକ ସଂପାଦିଲ ଆଣି ॥୬୬॥
ଏକା ନିଶ୍ୱାସେ କୋଟିଏ ମରଇ । କୋଟିଏ କୋଟି ଭିନ୍ନ ରୂପ ଧରଇ ॥୬୭॥
ଏକାଜଣକ ସଂପାଦୁଛୁ କେତେ । ଗୋଟିକେ ବେଗ ନଦେଖିବା ଯେତେ ॥୬୮॥

ଖ—(୪୫) କାଲେଣ ତାହା ବିଳସଇ ଆନ ।
(୫୦) ପ୍ରଥମେ ଦେହ । ଶୁଣ ସନ୍ଦେହ ।
(୫୫) ବାହାର ପ୍ରକାଶ । ଭିତରକମ କାହୁଂ ଜବାଡ଼ିବ ।
(୫୬) ବିଷୟାମାନନ୍ତ କାହୁଂ ଜାଣିଲ ।
(୬୩) ଯେମନ୍ତ କମ (୬୫) ଅସୁରସୁର ଦେବତା କୋଟିଏ ।
(୬୭) ଏକାନିମିଷକେ କୋଟିଇ ମରଇ । ଗୋଟି ଗୋଟିକେ ଭିନ୍ନରୂପ ହୋଇ ॥
(୬୮) କାହୁଂ ଆଣଇ ଯାଇ କେତେ କେତେ ।

Digitized by srujanika@gmail.com

ଯେତେକ କହୁଛୁ ଯେହ୍ନ ମନକୁ । ଦୁର୍ଲଭ କଥା ତ୍ରିଭୁବନକୁ ॥୬୯॥
ବୁଝସି ହୋ ମନ ଯେଥର ମାୟା । ସହଜେ କର୍ମ ଅବିବେକ କାୟା ॥୭୦॥
ଯେତେବେଳେ ମାତା ପିତାହ୍ନଂ ନାହିଂ । ତେତେବେଳେ ପୁଣ ଥିଲଟି କହିଂ ॥୭୧॥
ନଥିଲ ଯେବେ ସେ କାହୁଂ ଅଇଲ । ଥିଲ ଯେବେ କଂଧା ଆଗୁ ନୋହିଲ ॥୭୨॥
ଥିଲ ନୁହଇ ନଥିଲ ନ ଜାଣି । ବିବେକ ଜନେ ବୁଝି ପରମାଣି ॥୭୩॥
ପୁଛଗକତ ମୁତ୍ରପୁଡ଼ା ନାଡ଼ି । ଏହି ଶରୀର ହୋଇଥିଲ ଜଡ଼ି ॥୭୪॥
କୃମି ତ ଭୂମି ଜନନୀ ଜଠରେ । ଦଶମାସ ଥିଲ ଯୋନି କୂପରେ ॥୭୫॥
ଯଦ୍ୟପି କରିବ ମନ ବିକାର । ତେବେ ବେଳ କଥା ସ୍ୱେବେ ଧିକାର ॥୭୬॥
ଜନନୀ ଜଠର କୃମି ଆମଳ । ତା ତୁଲେ ଲୁଠ୍ ଥିଲ ଭୂମିସ୍ଥଳ ॥୭୭॥
ବାଳୁତ କାଳର ଯିସ ଖିବନା । ସେମାନେ ଏବେ ଉପାଲମ୍ଭ୍ୟ ସିନା ॥୭୮॥
ହେନ ବିଡ଼ମ୍ବଣ ଯେବଣ ଦେହି । ସମସ୍ତେ ଭୋଗ୍ୟ ନକରିବେ କେହି ॥୭୯॥
ଦିନ ଗଣୁ ଗଣୁ ଶରୀର ବଢ଼େ । ବୟସ କହନ୍ତେ ଆୟୁଷ ଛୁଡ଼େ ॥୮୦॥
ଦିବସ ମାସ ବରଷକେ ଲେଖି । ଦେହି ପତନ ହୋଇସ୍ତେ ଦେଖୁଂ ଦେଖୁଂ ॥୮୧॥
ଶତେ ବରଷ ଆୟୁଷ ଲେଖିଲେ । ଏତେକହିଂ ଭୋଗ ନୁହଇ ଭଲେ ॥୮୨॥
କୋଟିସ୍ତେ ଅରିଷ୍ଟି ଯେହ୍ନଦେହକୁ । ଶରୀର ବହି ଶଙ୍କା ଜୀବନକୁ ॥୮୩॥
ବସନ ଭୋଗ ପଦଧର ଆସେ । ଦୁଃଖେ ଧରଥାଇ ରାଜ ଦିବସେ ॥୮୪॥
ଜଳବିମ୍ବହିନ ଜୀବନ କେତେ । ଏହାକୁ ଆଟୋର ଅବୋଧ ଏତେ ॥୮୫॥
ସବୁ ମୁହାଂସ ଏହି ଦେହକୁ । ଏହାରେ କାହା ନକରେ କାହାକୁ ॥୮୬॥
କଲ୍ପକରମ ଚିରକାଳ ଥାଇ । କାରେଣୀ ଲୋକ କହୁଂ କହୁଂ ଯାଇ ॥୮୭॥
ସକଳ ଦେହେଂ ସମତୁଳ ବଥା । ଏକ ନଜାଣଇ ଆତିରେକ କଥା ॥୮୮॥
ଆବର ମନ ବଚନେକ କହୁ । ଏ ଦେହ ଆଦି ଉପୁଜିଲ ସହୁଂ ॥୮୯॥

ଖ—(୬୯) କେତେକ ଚିତୋଇ ଅଛୁ ମନକୁ । ଦୁଲଭ କମ ।
(୭୦) ଏମନ୍ତ କାୟା । ଅବିବେକ ମାୟା ॥
(୭୧) ତେତେବେଳେ ଦେହି । (୭୩) ଶୁଣ ପରମାଣି ॥
(୭୪) ପୁଯଗକତ ମୁତପୁଡ଼ା ନାଡ଼ି । (୭୫) ଦଶମାସଥିଲ ଗର୍ଭଭିତରେ ।
(୭୬) ଯଦ୍ୟପି କହିବା ଜନ୍ମ ବିସ୍ତର । ······ସ୍ୱେ ବିଧିକାର ॥
(୭୭) ଜନନୀ ଯୋନି ମୃଦୁ ପଙ୍କେ ନାଳେ । ତାଳିଙ୍ଗ ଲୋଟୁଥିଲ ଭୂମିତଳେ ॥
(୭୮) ବାଳୁତ ଭବରେ । ସେମାନ ସ୍ୱେସବୁ, (୭୯) ଭୋଗ ନକରଇ ସେହି ।
(୮୨) ଏତେକର ଭୋଗ ନୁହଇ ଭଲେ ।
(୮୪) ବୟସ ଭୋଗ ଧନ ଜୀବନ ଆଶେ । ଦୁଃଖେ ମରୁଥାଇ ରାଜ ଦିବସେ ॥

Digitized by srujanika@gmail.com

ଲିଙ୍ଗ କମଳ ଷଡ଼ଦଳ ଶେଷ | ଅରୁଣ କୋଟି ଉର୍ଦ୍ଧ୍ୱମୁଖେ ପ୍ରଶ୍ୱ ||୯୦||
ଶିବ ଶକତି ସମଯୋଗ ହେନ | ତଥି ପତନ ରଜବୀର୍ଯ୍ୟ ବେନ ||୯୧||
କର୍ମ କମଳ ବୁଦ୍‌ବୁଦା ଫେଣ | ତହିଁକି ଲାଗିଲା ପ୍ରାଣ ପବନ ||୯୨||
ପ୍ରାଣ ପବନ ଜୀବ ବେନି ଆଦି | ଜୀବ ହେନି ମନ ବୁଦ୍ଧି ଆଗ୍ରହି ||୯୩||
ଜୀବ ମନବୁଦ୍ଧି ଏକତ୍ର ସନ୍ଧି | ଦେହାଦି ବିଶ୍ରାମ କରଇ ତହିଁ ||୯୪||
ଶୁକ୍ଳଶୋଣିତମୂଳେ ଯେତେ ରଂଚନା | ଧାତୁ ମାତୃ ସ୍ୱେତେ ରଙ୍ଗ ରଂଚନା ||୯୫||
ଭୂତ ପ୍ରକୃତି ଚେତନା ସହିତେ | ସ୍ଥାନ ଆରୋଣରେ ଯେ ଯାହା ମତେ ||୯୬||
ସ୍ଥାନ ହେନି ବୀଜ ଶରୀରେ ଅଛି | ସ୍ଥାନ ଅଭ୍ୟନ୍ତରେ ଲୁହଇ କିଛି ||୯୭||
ସ୍ଥାନ ଜାଣି ବୀଜ କଲେ ସଂଯୋଗ | ଅବଶ୍ୟ କିଛି ହୋଇବ ଫଳ ଭୋଗ ||୯୮||
ଯେସନ୍ତେ କୃଷିକାରୀ ମଞ୍ଜି ବୁଣିଲେ | ବାହୁଡ଼ି ସେହି ମଞ୍ଜି ତହିଁ ଫଳେ ||୯୯||
କେବଳ ଭୂମି କରଷଇ କୃଷୀ | ଇଚ୍ଛା ସୁଖେ ଫଳ ଫଳଇ ଆସି ||୧୦୦||
ସହଜେ ଯେ ଯାହା ଗୁଣ ଆକାରେ | ବୀଜ ଭିତରୁ ନିଜ ରୂପ ଧରେ ||୧୦୧||
ସେହି ବୀଜ ଅନ୍ୟ ଠାବେ ଥୋଇବା | ଅନେକ ପ୍ରକାରେ ଧ୍ୱଂସୀ ହୋଇବା ||୧୦୨||
ଆଗମ ମତ ସଉପଧି ଶିକ୍ଷି | ଏମନ୍ତ ରୂପ ବ୍ରହ୍ମଂ ଜନା ଦେଖି ||୧୦୩||
ହେନ ବିଶ୍ୱନ୍ତେ ପରମ ତତ୍ତ୍ୱ | ସ୍ଥିର ମାତା କୃଷିକାରୀ ମତ ||୧୦୪||
ରଜବୀର୍ଯ୍ୟ ଥିଲା ତାହାଙ୍କ ତହିଁ | ଏମନ୍ତ ରୂପେ ସେ ବଢ଼ିବେ କାହିଁ ||୧୦୫||
ଅସ୍ଥି ରକତ ମଳମୂତ୍ର ଦେହ | ଏଥି ଭିତରେ ଏତେମାନ ମୋହ ||୧୦୬||
ପ୍ରକୃତି ପୁରୁଷ କାଳେ ବ୍ୟକତ | ଏହାଙ୍କ ମୂଳେ ଚଉବିଂଶ ତତ୍ତ୍ୱ ||୧୦୭||
ହସ୍ତ ମସ୍ତକ ଚକ୍ଷୁ ନାସା କର୍ଣ୍ଣ | ପାଦ ଜଠର ନାନା ବସ୍ତୁ ବର୍ଣ୍ଣ ||୧୦୮||
ଆୟୁଷେ ଲୁହଇଂ କେହି କାହାର | ଭ୍ରମନ୍ତି ଇଚ୍ଛା ସୁଖେ ଯେ ଯାହାର ||୧୦୯||
ବିବିଧ ପ୍ରକାରେ ଯେତେକ ରଂଚନା | ମନ ଆଦି କରି ଇନ୍ଦ୍ରିୟ ନାନା ||୧୧୦||
ପୃଥ୍ୱୀ ଆପ ତେଜ ବାୟୁ ଆକାଶ | ଏ ପଞ୍ଚଭୂତେ ତତ୍ତ୍ୱ ପରକାଶ ||୧୧୧||
ପଞ୍ଚମହାଭୂତ ପଞ୍ଚ ଭୂଷଣ | ଏହାନ୍ତ ଆରୋହ ଗୁଣ କାରଣ ||୧୧୨||
ସ୍ୱରଶାସ୍ତ୍ର ସ୍ୱର ବାଣୀ ଜଗତ | ରଜବୀର୍ଯ୍ୟ ଗୁଣେ ଯେ ଯାହା ମତ ||୧୧୩||
ଏକଇ ଆତ୍ମା ଅନେକ ପ୍ରକାରେ | ସବୁ ହୋଇ ଅଛି ମନ ବିକାରେ ||୧୧୪||

ଶ - (୯୨) ଫେନ | ତହିଁ ବଳାସଇ, (୯୪) ଦେହାଦି ଇନ୍ଦ୍ରି ବିଶ୍ରାମଇ ତହିଁ |
(୯୫) ଯେତେ ବାସନା | ରାଗରସ ରଚନା, (୯୭) ସ୍ଥାନହେନି ଜୀବ ଶରୀରେ ଅଛି |
(୧୦୩) ଉପସୁଧୀ ଶିକ୍ଷି, (୧୦୬) ଏସନେକ ଦେହ |
(୧୦୮) ମୁଖ କର୍ଣ୍ଣ | ଜଠର ବପୁ ନାନା ବର୍ଣ୍ଣ ||
(୧୦୯) ଚଉଦ ଭୁବନେ ସତନେ ଫେର, (୧୧୦) ଦେହ ରଚନା |
(୧୧୧) ଏ ପଞ୍ଚତତ୍ତ୍ୱେ ତତ୍ତ୍ୱ ପ୍ରକାଶ | (୧୧୨) ପଞ୍ଚ ପଗୁଣ | (୧୧୪)ଦେହ ବିକାରେ |

Digitized by srujanika@gmail.com

ନହୁଂ ନ ଜାଣଇ ଜ୍ଞାନ ବିବେକ । ତେଣୁକରି ହୋଇଛେ ଏକୁ ଅନେକ ॥୧୧୫॥
ଏକୁଂ ଅନେକ ପ୍ରକାଶଇ ଗୁଣ । ଫେଡ଼ି କହିବା ଦୃଷ୍ଟାନ୍ତର ଶୁଣ ॥୧୧୬॥
ଯେହ୍ନେ ଝକମକ ପଥର ଥୋଇ । ରୁଖ ଠାଇଁ ତଳେ ତୁଳା ଦେଇ ॥୧୧୭॥
ତହୁଂ ଉପୁଜେ ଯେବଣ ବହ୍ନି । ସଂସାର ବହ୍ନିପାରେ ତାହା ଯେନି ॥୧୧୮॥
ଧୂପ ବହୁଡ଼ି ଲଗାଇବା ଯେତେ । ଅଧିକୁ ଅଧିକ ହୋଇବ ତେତେ ॥୧୧୯॥
ତେସନେ ଆତ୍ମା ସର୍ବଗର୍ଭେ ନିତ । ପ୍ରକୃତି ମତି ଭେଦ ରୂପେ ଭିତ୍ତି ॥୧୨୦॥
ଭୂତ ପ୍ରକୃତି ଯହୁଂ ଯମ ନୋହେ । ବାସନାରୂପେ ଭିନ୍ନ ଭିନ୍ନ ବହେ ॥୧୨୧॥
ସର୍ବଶରୀରେ ନିରଞ୍ଜନ ଏକ । ଶଶୀ ଜଳଘଟେ ପ୍ରକାଶ ଦେଖ ॥୧୨୨॥
ଉପାଙ୍ଗ ବଇଂଶୀ ଭେରି ଦୋସରି । ଯନ୍ତ୍ର ଅଲାବେଣୀ ଶଙ୍ଖ ମହୁରୀ ॥୧୨୩॥
ସେହି ପବନ ମୁଖଠାରେ ସାଜେ । ମୂର୍ତ୍ତି ବିକାରେ ଭିନ୍ନ ଭିନ୍ନ ବାଜେ ॥୧୨୪॥
ତୁହି ମନ ଏହା ଆପଣେ ଜାଣୁ । ଆବର ବେଦ ପୁରାଣ ହିଂ ଶୁଣୁ ॥୧୨୫॥
କହୁଂ କହୁଂ ହୁଡ଼ି ଏଡ଼େ ନାଗର । ସବୁ ହାନି ଲଭ ତୋହୋ ଆଗର ॥୧୨୬॥
ସ୍ୱରୂପ ଦେଖି ଶାନ୍ତ ନ ବିଗୁରୁ । କ୍ଷଣକ ସୁଖେ ଯାହା ପାରୁ କରୁ ॥୧୨୭॥
ଅଇରି ଛଡ଼ି ଯେ ତୋ ତୁଳେ ଥାନ୍ତ । ଅମୀତ କରାଇ କାଳେ ସେ ଯାନ୍ତ ॥୧୨୮॥
ପରମ ପଦ ମହାସୁଖ ଛାଡ଼ି । ଅକାରଣେ ମର ଅମଡ଼ା ମାଡ଼ି ॥୧୨୯॥
ସେହି ନକ୍ଷତ୍ର ସେହି ବାର ତିଥି । ସେହି ଦିବସ ସେହି ସନ୍ଧ୍ୟା ରାତି ॥୧୩୦॥
ସଂସାରଯାକ ସେହି ମତେ ଥାଇ । ସବୁ ଛାଡ଼ି ଏଥୁଂ ଜୀବନ ଯାଇ ॥୧୩୧॥
ଯେବଣ ଦେହକୁ ଦଗଧ ଏତେ । ଅନ୍ତ୍ୟେ ଅପରାଧ ତାହାକୁ କେତେ ॥୧୩୨॥
ଏବେ ହେ ମନ ତୁହି ତୋତେ ଚିହ୍ନ । ସଂସାର ଦେହୁଂ ତୁ ନୋହୁ ଭିନ୍ନ ॥୩୩॥
ତୋହୋ ନ ଥିଲେ ତ ସଂସାର ନାହିଂ । ସଂସାର ନଥିଲେ ତୁ ଥିବୁ କାହିଂ ॥୧୩୪॥
ଏଣୁକରି ଦେହ ମନର ସାଖୀ । ସଂସାର ମନ ଦେହ ଯେନ ଲେଖା ॥୧୩୫॥
ତୁ ଅଛୁ ବୋଲି ଏ ସଂସାର ଥାଇ । ଦେଖ ଉପେକ୍ଷି ମନ କଂପା ଯାଇ ॥୧୩୬॥
ମନର ଦେହକୁ ଆଶା ନାହିଂକ । ଏଡ଼େ ମମତା ଛାଡ଼ିଲ କାହିଂକ ॥୧୩୭॥
ହେନ ବିଗ୍ରହ ନକରସି ଭ୍ରାନ୍ତ । ବିବେକ ବୁଦ୍ଧି ଗୁଣି ହୁଅ ଶାନ୍ତ ॥୧୩୮॥
ବେଖରେ ମନ ଦୃଷ୍ଟିଭେଦ ସିନା । ସୁଗତି କୁଗତି ବେନି ବାସନା ॥୧୩୯॥
ଯଦି ଏ ମନ ସୁଗତିକି ଯାଇ । ନିଛି ବିନାଶି ମୋକ୍ଷଗତି ପାଇ ॥୧୪୦॥

---

(୧୨୦) ସର୍ବଘଟେ ଜୀବ । କରମ ରୂପେ ଭେଦେ ଭେଦେ ଭିନ୍ନ ॥
(୧୨୧) ଭିନ ନୋହେ । ବାସନା ବସେ ଭିନ୍ନ ଭିନ୍ନ କହେ ॥
(୧୨୪) ବସ୍ତୁ ବିକାରେ । (୧୨୫) ପୁରାଣ ବଖାଣୁ ।
(୧୨୮) ଅମୀତ କର ଅନ୍ତକାଳେ ଯାନ୍ତ । (୧୨୯) ମହାଦ୍ୱନ୍ଦରେ ପଡ଼ି ।
(୧୩୧) ଓ (୧୩୨) 'ଖ'ରେ ନାହିଂ । (୧୩୫, ମନର ଶିଖା ।

Digitized by srujanika@gmail.com

ଅଥବା ଯେବେ କୁଗତି ଆଚର । ଜନ୍ମ ମରଣ ଦୁଃଖେ ଅଧିକାରି ॥୧୪୧॥
ଯାବତ ବିଷୟ ସଙ୍ଗ ନ ତୁଟି । ଦେହ ଗମନ ସମତୁଲ ସେଟି ॥୧୪୨॥
ଜୀଇଂଲ ଲୋକତ ମରଇ ନାହିଂ । ମଲ ଲୋକ ଆଉ ଜୀଇଂବ କାହିଂ ॥୧୪୩॥
ବୁଝସି ହୋ ମନ ଜ୍ଞାନ ପ୍ରସିଦ୍ଧି । ଦ୍ୱିତୀୟଖଣ୍ଡ ଘଟ ଯୋଗ ବିଧି ॥୧୪୪॥
ଗୁରୁ ଗୁପତ ସେ ଯେବଣ ବାଣୀ । ମୁଂ ତାହା ଫେଡ଼ି ଦେଖାଇଲି ଆଣି ॥୧୪୫॥
ଶ୍ରୀଜଗନ୍ନାଥଙ୍କ ସୁଦୟା ସହୁଂ । ହିତ ବଚନ ବଖାଣିଲୁ ସହୁଂ ॥୧୪୬॥
କଳାଧିପତି ଯୋଗାରୂଢ଼ ସ୍ୱାମୀ । ସହୁଂ ଜଗତ ଭୂତେ ଅନ୍ତର୍ଯ୍ୟାମୀ ॥୧୪୭॥
ପରମ ଜ୍ୟୋତି ପୁରୁଷ ଉଦାସ । ନୀଳ ମହୀଧର ଶିଖରେ ବାସ ॥୧୪୮॥
କପଟବ୍ରହ୍ମ ଦାରୁମୟେ ଅଙ୍ଗ । ଲୋଚନ ମନ ବଚନର ଆଗ ॥୧୪୯॥
ଯାହା ଦର୍ଶନେ ମହାଦୁଃଖ ଖଣ୍ଡି । ଯମ ଦେବତା ନ ପାରଇ ଦଣ୍ଡି ॥୧୫୦॥
ସେ ଦେବ ଅଭୟ ପାଦକମଳେ । ରୁଦ୍ର ଗଜପତି ଭଜେ ଭୂତଳେ ॥୧୫୧॥
ଶ୍ରୁତି ସୁଖକର ଗହନ ବାଣୀ । ସୁଜନ ହିତେ ବଖାଣିଲି ଆଣି ॥୧୫୨॥
ଅନନ୍ତ ସିଦ୍ଧ ବିବେକ ବିସ୍ତର । ପ୍ରତକ୍ଷେ ବିଦ୍ୟା ଉଚିତ ଆସ୍ତର ॥୧୫୩॥
ସେ ପୁଣି ଜାଣଇ ସ୍ୱେଥର ଭାବ । ଅମରଲୋକେ ସେହି ଦେହେ ଠାବ ॥୧୫୪॥
ସୁଜନ ଜନଙ୍କ ଚରଣେ ସେବା । ଅଚ୍ୟୁତ ଦାସକୁ ମୁକତି ଦେବା ॥୧୫୫॥

ଇତିଶ୍ରୀ ମନ ଚୈତନ୍ୟ ସଂବାଦେ ଶବଦବ୍ରହ୍ମ ସଂହିତାୟାଂ ନାମ ଦ୍ୱିତୀୟଖଣ୍ଡ ।

---

(୧୪୨) ଦେହ ଗଗନ ଶୀଳମତ ସେଟି । (୧୪୫) ଫେଡ଼ି ତା ମୁହିଁ ବଖାଣିଲି ।
(୧୪୬) ଗୀତ ବଖାଣିଣ କହିଲା ତହୁଂ ।
(୧୪୯) କପଟ ରୂପେ ଦାରୁବ୍ରହ୍ମ ଅଙ୍ଗ । ଲୋଚନ ମନସେ ବଚନ ସଙ୍ଗ ॥
(୧୫୦) ରୁଦ୍ର ଗଜପତି ମତ ଭ୍ରସଲେ ।
(୧୫୫) କହିଲି ସଂହିତା ସୁଜନ ହିତେ । ଅଚ୍ୟୁତ ଦାସ ବିସ୍ତରଇ ଏତେ ॥

Digitized by srujanika@gmail.com

ତୃତୀୟ ଖାନ ✓

ଆବର ମନ କହିବା ସ୍ୱରୂପ । ତୋହର କଥା ତୋତେ ବହୁରୂପ ॥୧॥
ଅଶେଷ ବ୍ରହ୍ମାଣ୍ଡେ ଯେତେକ ଯହିଁ । ତୋହୋ ନଥାପିଲେ ଥିବ ସେ କାହିଁ ॥୨॥
କାଷ୍ଠ ପାଷାଣ ଅଷ୍ଟଲୋହ ମାଟି । ପିତୁଳ ଲେଖନ ଚଣ୍ଡ ପ୍ରକଟି ॥୩॥
ଏହି ମନ ରୂପ କରି ଆପଇ । ଏ ପୁଣି ତା ନାମ ଧରି କହଇ ॥୪॥
ପୁଷ୍ପ ନୈବେଦ୍ୟ ଗନ୍ଧ ଚନ୍ଦନ । ଉପଜ ବିଧି ଉପହାର ମନ ॥୫॥
କେବଳ ଶ୍ରୀମୁରେ ବାଢ଼ଇ ନେଇ । ଆପଣେ ଭୁଞ୍ଜଇ ପାଣି ଛଡ଼ାଇ ॥୬॥
ଏତେ ମର୍ଯ୍ୟାଦ ସେହିଙ୍କି କରଇ । ତାହା ବରଦେଲେ ପୁଣ ତରଇ ॥୭॥
ସଜୀବ ଦେବତା ଆପେ ନବୁଝଇ । ଅଜାଣ ପଣେ ଅଜୀବ ପୂଜଇ ॥୮॥
ଏ ଯେବେ ଯପ୍ରତେ ଯିବ ସେହାକୁ । ଆପଣେ କେମ୍ନେ ପୂଜିବ କାହାକୁ ॥୯॥
* ନବଡ଼ ଜଡ଼େ ଯହୁଁ ନାହିଁ ଫନ୍ଦ । ଅନ୍ଧ ସଙ୍ଗେ ଚକ୍ଷୁ ଥିଲାର ଅନ୍ଧ ॥୧୦॥
ଯେବଣ କାରଣ ନଜାଣଇ ଭଲେ । ଆପଣେ କାନ୍ଦଇ ପରର ମଲେ ॥୧୧
** ଏହି ଦେହକୁ ମହାଦୁଃଖ ଦେଇ । କାହାକୋଇ ନାହୁଁ ଦେହର ଯାଇଁ ॥୨୨॥
ରାଜ ନଯୋଗ ମରଣର ଡରେ । ବିକଳେ ଲୁଚନ୍ତି ଗିରି କନ୍ଦରେ ॥୧୩॥
ଦେହ ନିମନ୍ତେ ବଳ ଗୋପ୍ୟ ଧରଇ । ଦେହ ନିମନ୍ତେ ବ୍ରହ୍ମ ବଧ କରଇ ॥୧୪॥
ଏତେ ସେନେହ କରିଛୁ ଯାହାକୁ । କହୁଁ କହୁଁ ଛାଡ଼ିଯିବ ତାହାକୁ ॥୧୫॥
ଯେତେବେଳେ ଦେହ ଯିବ ବିନାଶ । ତହିଁ ଉତ୍ତରେ କେ କାହାର କସ ॥୧୬॥
ଅମର ମଣି ଇନ୍ଦ୍ରଲୋକେ ପୂଜା । ସପତ ଦ୍ୱୀପେ ଯଦ ମହାରାଜା ॥୧୭॥
ବିଷ୍ଣୁ ବେଦବର ଶଙ୍କର ଯେଟି । ସବୁ ମରଣ ସମତୁଲ ସେଟି ॥୧୮॥
ଜୀବ ଥିବା ଯାକ ଦେହ ବରଣି । ଜୀବ ନଥିଲେ ଦେହ କାହିଁ ଗଣି ॥୧୯॥
ଛୁଗଲ ଛେଦ ଭୋଜନକୁ ନିତ୍ୟ । ବ୍ରାହ୍ମଣ ମଡ଼ା ଛୁଇଁଲେ ପତିତ ॥୨୦॥

ଖ—(୨) ତୋହ ନଥିଲେ ସେଥିବେ କାହିଁ, (୩) ପୁତଳ ଲେଖନ ଏ ଚଣ୍ଡ ପଟି ।

(୭) ଏତେ ପରତେ ତାହାଙ୍କୁ କରଇ । ତାହା ବର ଦେଲେ ପୁଣି ତରଇ ॥

(୯) ଏ ଯେବେ ପରତେ ଯିବ ତାହାକୁ, (୧୦) ଛଣହେ ନାହିଁ ଛାଡ଼ିବାକୁ ଦ୍ୱନ୍ଦ୍ୱ ।

*ଧନୁ ବହିବୃପେ ଅନ୍ତର ଯାଞ୍ଚ, ଝନ୍ଦକୁ ଅନ୍ଧ କଢ଼ାଇବ ବାଟ । (ଅଧିକଅଛି)

** ଆପଣେ ଦେହ ଆପଣାକୁ ପର, କାହାର କୁଟୁମ୍ବ କାହାର ଘର । (ଅଧିକ)

(୧୭) ଅମର ଜଣି ।

Digitized by srujanika@gmail.com

ବେଦମନ୍ତ୍ର ପଢ଼ି ଏ ମଡ଼ା ସ୍ନେହେ । ଦୁବ ତୃଣ ଭକ୍ଷି ସେ ମଡ଼ା ତେଜେ ॥୨୧॥
ଏହିମନ ସ୍ନେହା ଜାଣଇ ଦୃଢ଼ । ପରକୁ ଢଆଣ ଆପଣେ ମୂଢ଼ ॥୨୨॥
ବଚନମୁଖେ କହୁଂ ଥାଇ ଯାହା । କୃତ ମନଭେଦ ନପାରେ ତାହା ॥୨୩॥
ଧନ ସପଦେ କହୁ ବନ୍ଦ୍ୟା ଜାଣି । ବଡ଼ିମା ରୂପେ କହୁଥାଇ ଟାଣି ॥୨୪॥
ମଦ ମଛର ଅଭିମାନ ଯେନ । ଦୁର୍ଗନ୍ଧ ପଙ୍କେ ହେଉଥାଇ ଛନ୍ନି ॥୨୫॥
ଏମନ ଯେବେ ଦେହକୁ ରଖିବ । ଏହାକୁ କଂପା ଦେଇ ଉପେଖିବ ॥୨୬॥
ବିଶ୍ୱସ୍ୱରୂପର ଏହାର ଗଢ । କେହୁଣି ମତେ ବୁଝିଇ ନବୃନ୍ତି ॥୨୭॥
ଅନଳ ଭିତରେ ଧୂମ ଯେମନ୍ତ । ଆତ୍ମାର ଭିତରେ ମନତେମନ୍ତ ॥୨୮॥
ବାଞ୍ଛଣି ଭିତରେ ପବନ ଯେହ୍ନେ । ଶରୀର ଭିତରେ ଜୀବନ ତେହ୍ନେ ॥୨୯॥
ଆଦିତ୍ୟ ଆସ୍ରେତ ଯେସନେ ଗ୍ରୁସ୍ଥା । କର୍ମର ଆସ୍ରେତ ତେସନ ମାୟା ॥୩୦॥
ଯାବତ ଜୀବନ ମନ ଜାଣିଲ୍ଲ । ପବନ ବୋଲିବ ଜ୍ଞାନ ମଣିଲ୍ଲ ॥୩୧॥
ଶୁଣସି ହେ। ମନ ଏଥିର ବାଣୀ । କର୍ମ ଆତ୍ମା ସେ ବ୍ରହ୍ମଜ୍ଞାନ ଜାଣି ॥୩୨॥
ଫୁଲକୁ ଲାଗି ଫଳ ଯେହ୍ନେ ବଢ଼େ । ଫଳ ବଢ଼ିଲେ ଫୁଲ ଝଡ଼ି ପଡ଼େ ॥୩୩॥
ତେସନ କର୍ମରୁ ଜ୍ଞାନ ପ୍ରକାଶ । ଜ୍ଞାନ ପ୍ରକାଶି କର୍ମ ଯାଇ ନାଶ ॥୩୪॥
ଗୁରୁ ଉପଦେଶ ଏ ପଦ ବନ୍ଧ । କର୍ମ ଅଭ୍ୟାସେ ନତୁଟଇ ବନ୍ଧ ॥୩୫॥
କର୍ମ ଅଭ୍ୟାସର ବିଧି ସ୍ନେମନ୍ତ । ଦୀପ ଦହୁଡ଼ି ଜାଳିବା ଯେମନ୍ତ ॥୩୬॥
ସବଂସଯୋଂତେଣ ଦୀପ ଜାଳିବା । ନିର୍ବାତ ମନ୍ଦିରେ ପ୍ରତିପାଳିବା ॥୩୭॥
ତଇଳବଳିତା ଅବଶେଷ ବୁଝି । ପୁଣ ପୁରାଇ ପୁଣି ଦେବା ତେଜି ॥୩୮॥
ଯତନ କଲେ ଅବସ୍ରେଧେ ଥାଇ । ତାବତ ସେ ଦୀପ ନାଶ ନଯାଇ ॥୩୯॥
*ତୁଅବା ବୋଲୁ ଜ୍ଞାନୀ ନିକଳଙ୍କା । ଆବର କାହୁଂ ମରଣକୁ ଶଙ୍କା ॥୪୦॥

ଖ—(୨୧) ବେଦଶାସ୍ତ୍ର ପଢ଼ି ଏ ଦେହ ବଢ଼େ । ବିଷ୍ଟାପାନ କରି ତା ଗୁଣ ତେଡ଼େ ॥
(୨୩, କର୍ତ୍ତିବେ କରି ନପାରଇ ତାହା, (୨୪) ବଢ଼ିମା ପଣେ ।
(୨୫) ମନ୍ଦଛନ୍ଦର । ଦୁଗନ୍ଧ ପଙ୍କେ ମରୁଅଛୁ ଅଗ୍ୟାନ ।
(୨୬) ଏଜୀବ ଯେବେ ଜୀବନ୍କୁ ରଖନ୍ତା । ଦେହ ଉପେଖନ୍ତା ।
(୩୦) ତେସନ କାୟା ।
(୩୧) ଯେବେ ଜୀବନକୁ କୁମ୍ଭେ ଦେଖିଲ୍ଲ । ତେବେ ଯେ ଜାଣି ବୋଲବୁ ଜ୍ଞାନ ଜାଣିଲ୍ଲ ॥
(୩୫) ଗୁରୁ ଉପଦେଶ କର୍ମର ଦ୍ୱନ୍ଦେ ।
(୩୯) ଯୁଗବନ୍ଧ ଥାଇ । ଅଯତନ ଦୀପ କ୍ଷଣକେ ଯାଇ ॥

* ଏମନ୍ତ ଭାଳି ଯେବେ କରମ ଆଚରି । ତାହାକୁ ସେ ବୋଲି ଜ୍ଞାନ ଆଚରି ॥
ଯାବନ୍ତ ଚନ୍ଦ୍ର ଦିବାକର ଥିବ । ତାନତ ଦେହ ନାଶ ନଯିବ ॥ ('ଖ'ରେ ଅଧିକ)

Digitized by srujanika@gmail.com

ଏମନ ସ୍ଥଳ ଭ୍ରାନ୍ତ କରୁ ଅବା । ଏଥକୁ ଶୁଣ ଦୃଷ୍ଟାନ୍ତର ଦେବା ॥୪୧॥
ଜ୍ଞାନର ସଙ୍ଗେ କାଳସହୁଁ ଅଛୁ । ଜନ୍ମ ମରଣ ତେଣୁକର ଟଛୁ ॥୪୨॥
ବବେକବଳେ କାଳ ଯେବେ ଖଣ୍ଡି । ନହୁ ଶରୀର ଜ୍ଞାନଘେନ ମଣ୍ଡି ॥୪୩॥
ଧନଲୁବୁଧେ ବଣିକାର କଷ୍ଟି । ଜଣିଲ ଦ୍ରବ୍ୟ ବକଇ ପାଲଟି ॥୪୪॥
ତଥାପି ତାର ମୂଳ ପଣେ ଥାଇ । ପସରା ସୁଖେ ଲଭ ତହୁଂପାଇ ॥୪୫॥
ଆନବଣିଜ ଧନଘେନ ଲଭ । ଜ୍ଞାନବଣିଜ ନଜ ଦେହେଂ ଭାବ ॥୪୬॥
ତୁମନ ସହୁଁ ଦେହକୁ ନଗ୍ରହୁଂ । ଦେହର ସଙ୍ଗେ ତୁହ ନାଂଯାଉ ॥୪୭॥
ଯେସନ ବହ୍ନନ କମାର ଶାଳେ । ମାଡ଼ ଖାଉଥାଇ ତତତ ଫାଳେ ॥୪୮॥
ତେସନ ମନଦେହ ସଙ୍ଗେ ଥାଇ । ସବୁ ମୁହଁଅଛୁ ନାମେକ ବନ୍ଧ ॥୪୯॥
ସୁଖ ଦୁଃଖେ ସଙ୍ଗନାହିଂ ଯାହାର । ଏହା ତୁଲେ କାହିଂ ଗୋଷ୍ଠୀ ତାହାର ॥୫୦॥
ପବନ ଯେହ୍ନେ ଅନ୍ତରୀକ୍ଷେ ଭ୍ରମେ । ତେଣୁ ତରଣ ଘେନ ଉତକର୍ମେ ॥୫୧॥
ଆକୃତବନ୍ତେ ନରାକୁଳେ ଉଡ଼େ । ଥୋକାସ୍ତେ ଦୂର ଯେ ଯାହାର ପଡ଼େ ॥୫୨॥
ଯେସନେ ପୁରୁଷ ସଙ୍ଗେ ପ୍ରକୃତ । ଜୀବବିକାରେ ହୋଇଅଛୁ ପ୍ରୀତ ॥୫୩॥
ପୁଷ୍ପର ଭିତରେ ବାସ ଯେମନ୍ତ । ଶରୀର ଭିତରେ ମନ ତେମନ୍ତ ॥୫୪॥
ଇକ୍ଷୁ ଭିତରେ ଗୁଡ଼ ଯେହ୍ନେ ଅଛୁ । ଦୁଗ୍ଧ ମଧ୍ୟରେ ଘୃତ ଯେହ୍ନେ ଲେଛୁ ॥୫୫॥
ସମୁଦ୍ର ମଧ୍ୟେ ଲବଣ ଯେମନ୍ତ । ମନର ଭିତରେ ଜ୍ଞାନ ତେମନ୍ତ ॥୫୬॥
ସଯୋଗେ ଜଗତେ ଯେ ଯେଣେ ବଧି । ବିନା ଅନୁଭବେ ନୁହଇ ସାଧି ॥୫୭॥
ଅନୁଭବ ଗୁଣ ଜାଣି ସ୍ଥେତେକ । ଯେହ୍ନେ ଝିଂଟିକା ଜଳାନ୍ଧର ପୋକ ॥୫୮॥
ଆଣେଷି ଧର ମୃତ୍ୟୁ ଶବ କରେ । ଦ୍ୱାର ନରୋଧି ନଜଘରେ ଭରେ ॥୫୯॥
ଗୃହ ଭିତରେ କଚ୍ଛୁଦନ ଥାଇ । ତଳସ୍ତେ ବଳେ ଭିନ୍ନ ଦେହ ପାଇ ॥୬୦॥
ଗୁରୁ ଉପଦେଶ ପଥ ବାହାର । କୁମ୍ଭାରସ୍ଥା ପୋକ ନାମ ତ ହାର ॥୬୧॥
ଶୁଣସି ହୋ ମନ ସ୍ଥିର କାହାଣୀ । ପ୍ରବୋଧ ଜ୍ଞାନ ଉପଦେଶ ଜାଣି ॥୬୨॥
ଏବେ ହୋ ମନ ତୁ ନବୁଝି ଅବା । ଆବର ବଚନ ଫେଡ଼ି କହିବା ॥୬୩॥
ତୁଯେ ବଗ୍ରଶଲୁ ଦେହ ତୋହର । ଏଥେ ଥାଇବୋଲୁ ସବୁ ମୋହର ॥୬୪॥

ଖ—(୪୧) ପଟାନ୍ତର ଦେବା । (୪୮) ଦଣ୍ଡ ପାଉଥାଇ ।
(୫୨) ଆକୃତ ବଳେ, (୫୩) ହୋଇ ଅଛୁ ବୃତ୍ତି, (୫୪) ଜୀବ ତେମନ୍ତ ।
(୫୫) ଆଖୁ ଭିତରେ । ଘୃତ ଯେହ୍ନେ ବାଛୁ ।
(୫୬) ଜଳ ମଧ୍ୟରେ ଲବଣ ଯେସନ । ଜ୍ଞାନ ତେସନ ।
(୫୭) ସଯୋଗ ଯୁଗତେ ଯେସନେ ବଧି । ନୋହଇ ସିଦ୍ଧି ।
(୬୧) ପଥୁଁ ବାହାର । ନାମ ଯାହାର, (୬୨) ପ୍ରବୋଧ କାଳ ଉପଦେଶ ବାଣୀ ।
(୬୩) ଏତେ ମତେହେ ନବୁଝଉ ଅବା,

Digitized by srujanika@gmail.com

ଆବର ସନ୍ଦେଶ କହୁଇ କନା । ତୋହ୍ୱୋ ଦେହକୁ ଶୁଦ୍ଧ ଦେଖି ଅନା ॥୬୫॥
ଏ ଦେହ ଅନ୍ତେ ଶୁ ହେଉ ଯେମନ୍ତ । ପରତେ ଅଙ୍କନ ମଣିଲେ ତେମନ୍ତ ॥୬୬॥
ଜୀବ ମନ ବୁଦ୍ଧି କଲେ ଭାବନା । ଆତ୍ମାର ଦେହ ବସ୍ତୁଭେଦ ସିନା ॥୬୭॥
ଯେବେ ନମସ୍ତ ଏଡ଼େ ଦେହ ଯାଏ । ଏହାହୁଂ ଅପୂର୍ବ ଶୁଣ କଥାଏ ॥୬୮॥
ଏ ତୋର ଶରୀରେ ଯେତେ ପାତନା । ତୋହ ଭିତରେ ଶୁଦ୍ଧ ତେତେ ବଣା ॥୬୯॥
ଥିଲାର ତୋତେ ଅଗୋଚର ଯହୁଂ । ନଥିଲା ଗୋଚର କରନ୍ତୁ କାହୁଂ ॥୭୦॥
ତୋହର ଶିର ତୋର ତହୁଂ ଶୋଭା । ସେ କଥା ତୋତେ ନଦଶଇ ଅନା ॥୭୧॥
ପିଠି ଆଦକର ଏ କଟୀବନ୍ଧ । ସ୍ଥାନ ନ ଦଶଇ ବିଷମ ଧନ୍ଦ ॥୭୨॥
ଏହୁଠାରେ ଥାଇ ଏତେକ ବଣା । ଆଖି ଥାଉଂ ଥାଉଂ ହୋଇଚୁ କଣା ॥୭୩॥
ଜୀବପରମ ଏସନେକ ଗୁଣ । ଆବର ଏହାହୁଂ ଅପୂର୍ବ ଶୁଣ ॥୭୪॥
ଯେଉଁ ଆଖି ଯେନ ଜଗତ ଦେଖେ । ଆଖିର ରୂପ ଆଖିକ ନଦଶେ ॥୭୫॥
ଅଧର ନାସିକା ତାଳୁ କପାଳ । ତୋଳାରେ ଲଗିଚୁ ପିଛଡ଼ା ବାଲ ॥୭୬॥
ନୁହଇ ଦୂର ଦେଲ ନାହିଁ ବାଡ଼ । ଏତେ ନିକଟକୁ ଏତେ କହାଡ଼ ॥୭୭॥
ଯେବଣ ଚକ୍ଷୁ ମହା ଜ୍ୟୋତମୟେ । ଦୂରକୁ ଦଶେ ତାରାଗଣ ପ୍ରାୟେ ॥୭୮॥
ସସାର ପାତନା ଯେତକ ଯହୁଂ । ସକଳ ଦେଖେ ଅବହେଳେ ଶୁଦ୍ଧୁଂ ॥୭୯॥
ପରସୁନ୍ଦରକୁ ପରମାର୍ଶଇ । ଆପ ସୁନ୍ଦର ଆପେ ନଜାଣଇ ॥୮୦॥
ଗୁରୁବଚନ ସ୍ନେହସନେକ ସୁଖ । ପଦାର୍ଥ ବସ୍ତୁରେ ପ୍ରକାଶେ ମୁଖ ॥୮୧॥
ଦର୍ପଣ ଭିତରେ ଜ୍ୟୋତ ପ୍ରକାଶଇ । ଶରୀର ଯାକ ସମତୁଲ ଦଶଇ ॥୮୨॥
ଦଶିଲା ଅବା ସେ ନୁହଇ ସତ । ବସ୍ତୁର ସ୍ୱଭାବ ଯହୁଂ ଯେମନ୍ତ ॥୮୩॥
ଅଥବା ରୂପ ଜ୍ୟୋତ ଅବଧାର । ସେ ବେଶ ସୁବେଶ କର ନପାର ॥୮୪॥
ତାମ୍ବୁଳ ଚନ୍ଦନ ବସନ ଗନ୍ଧ । ଯେ ରୂପମଣ୍ଡିଲେ ସେ ରୂପଶୋଭା ॥୮୫॥
ସେ ବେଶ ସୁବେଶ ନୁହଇ ଯେହ୍ନେ । ଶରୀର ମଧ୍ୟରେ ଆତ୍ମାହୁଂ ତେହ୍ନେ ॥୮୬॥
ଯାବତ ଜୀବ ମନବୁଦ୍ଧି ଗମେ । ଉପାଧି ଭେଦେ ଆତ୍ମା ତହୁଂ ରମେ ॥୮୭॥
ସୁକ୍ଷ୍ମ ପ୍ରମାଣେ ଶୁଦ୍ଧମଣି ଥୋଇ । ପାରୁଶେ ଭେଟ କରାଇବା ନେଇ ॥୮୮॥
ଶତେ ଯୋଜନ ପର୍ବତହୁଂ ଦଶେ । ଉପଜିଲା ଜ୍ୟୋତ ହୋଇବକ ସେ ॥୮୯॥
ଆତ୍ମା ଅନ୍ତରୀକ୍ଷ ଯେତେ ବିକାଶ । କାହୁଂ କେତେ ଅଛୁ ଜାଣି ନପାର ॥୯୦॥

ଖ—(୬୬) ଜାଣିଲେ ତେମନ୍ତ ।
(୬୭) ଆତ୍ମାକୁ ଦେହ ବସ୍ତୁଭାବ ସିନା । (୬୮) ଏତେ ଦୂରଯାଏ ।
(୭୦) ତୋହର ତୋତେ । ଆନକୁ ଗୋଚର କରନ୍ତୁ କାହୁଂ ॥
(୭୨) ପିଠ୍ୱ ଆଦକର କଟି ବନ୍ଧନ । ଥାଇ ନ ଦଶଇ ବିଷମ ଅନ୍ଧ ।
(୮୭) ସେ ରୂପ ସୁବେଶ ନୋହଇ କେହ୍ନେ । (୮୮) ପରଶ ଭେଟ କରାଇବା ନେଇ ।

Digitized by srujanika@gmail.com

ଶୁଣସି ହୋ ମନ ହେବନ ବସ୍ତୁର । ଶାନ୍ତ ଗୁଣ ଯେଣ ତତ୍ତ୍ୱ ବସ୍ତୁର ॥୯୧॥
ନିଷ୍ଟେସ୍ତେ ପଶି ପାଶରେ ତହିଂକ । ଜନ୍ମ ମରଣକୁ ଭୟେ କାହିଂକ ॥୯୨॥
ଲିଙ୍ଗ ଯ ତନା ଭୁଲ ଦେହ ଯେନ । ପରିଲବ୍ଧ ବୀଜକୂଟ ଯେ ବେନ ॥୯୩॥
ଅନନ୍ତ ଦେହକୁ ତିନ ଅବସ୍ଥା । ନିଷ୍ୟନ୍ତ ଜାଗ୍ରତ ନିଦ୍ରା ବେବସ୍ଥା ॥୯୪॥
ଯେବଣ ଦେହେ ଯେତ୍ତିଂ ଭୋଗପାଇ । ଏକର ବଳେ ଆରେକ ନଥାଇ ॥୯୫॥
ଜାଗ୍ରତ ଭାବେ ଯହିଂ ଯାହା କର । ସ୍ୱପନଭାବେ ତା ତହିଂ ପାଶୋର ॥୯୬॥
ନିଚେଷ୍ଟା ନିଦ୍ରା ଯେତେବେଳେ ଯାଇ । କଲ୍ପଣା ସୁଖେ ଭିନ୍ନ ଦେହ ପାଇ ॥୯୭॥
ସ୍ୱପନଭାବେ ଯହିଂ ଯାହା ଅଛୁ । ନିଦ୍ରା ଭାଜିଲେ ସେ ନୁହଇ କିଛୁ ॥୯୮॥
ଅଚେତନକୁ ସତ ହୋଇଥାଇ । ଚେତନା ହେଇଲେ କେହିଂ କଥ ଯାଇ ॥୯୯॥
ଏହି ମନକୁ ଏହିକ୍ଷଣି ବଶା । ଏକ ନିମିଷକେ ତିନପାତନା ॥୧୦୦॥
ଜାଗ୍ରତ ଭାବସ୍ତେ ବ୍ରହ୍ମାର ସୃଷ୍ଟି । ବିଷ୍ଣୁର ସହାର ସ୍ୱପନ ଯେତି ॥୧୦୧॥
ବେନି ଅଭ୍ୟନ୍ତରେ ଯେବଣ ଦେଖ । ଈଶ୍ୱର ସୃଷ୍ଟି ଜ୍ଞାନଗୁଣ ସେହି ॥୧୦୨॥
ଏ ତିନ ଦେହ ଯଦଥିବ ଜାଣି । ସେହି ସେ ଜାଣେଇ ଶ୍ରୀଗୁରୁବାଣୀ ॥୧୦୩॥
ମନପବନ ବିବର୍ଜିତ ଯହିଂ । ଗୁରୁ ବଚନ ତହିଂ ଯାଏ କହିଂ ॥୧୦୪॥
କେବଳ କର୍ମ ଗୁରୁ ମୁଖେ ଜାଣି । ବିବେକ ଜ୍ଞାନ ଆପେ ପରମାଣି ॥୧୦୫॥
ଯଦ୍ୟପି ବୀଜକୂଟ ବେନି ଅଛୁ । ପ୍ରାଲବ୍ଧ ବନ୍ଧନେ ନୁହଇଂ କିଛୁ ॥୧୦୬॥
ଶୁଣସି ହୋ ମନ ବଚନ ସାର । ଜ୍ଞାନର ମତ ଅପାରୁଂ ଅପାର ॥୧୦୭॥
ବିନା ଅନୁଭବେ ନଜାଣି ତତ୍ତ୍ୱ । ଗୁରୁ ପଟନ୍ତର ପଥୁକ୍ୟା ମତ ॥୧୦୮॥
ପଥିକା ପଥ ଦେଖାଇଣ ଦେଇ । କହିଲ ଲୋକଙ୍କ ସଙ୍ଗତେ ଯାଇ ॥୧୦୯॥
ବାଟ ଦେଖାଇ ସେ ରହିବ ଯେହ୍ନେ । ଗୁରୁ ବଚନ ଶିଷ୍ୟ କରି ତେହ୍ନେ ॥୧୧୦॥
ଶାନ୍ତ ଖଡ଼ଗେ ଭ୍ରାନ୍ତିକ ହାଣିବ । ଆତ୍ମା ନାରାୟଣ ବୋଲି ଜାଣିବ ॥୧୧୧॥
ସ୍ଥାନୁ ଅପ୍ରମସ୍ତ ସୁଖାନ ରହି । ଓଁମଠ ଅକ୍ଷରେ ପ୍ରକାଶ ଦେହ ॥୧୧୨॥
ପଦପରତେ ଯେ ମୋକ୍ଷ ମାଗିବ । ଝୁଙ୍କିଲ ପତ୍ର ପାଳଟି ଲାଗିବ ॥୧୧୩॥

ଖ—(୯୧) ଜ୍ଞାନ ଖଡ଼୍ଗ ଯେଣ । (୯୩) ପ୍ରାଲବ୍ଧ ଜୀବ ଏକୂଟ ତିନ ॥
(୯୬) ଜାଗ୍ରତ ବେଳେ ଯହିଁ ଯିସ କର ।
(୯୯) ଅଜାଗ୍ରତେ ତାକୁ ସତ୍ୟ ହୋଇଥାଇ । ଚେତ ଗ୍ରହିଂଲେ କେଉଂ ଆଡ଼େ ଯାଇ ॥
(୧୦୦) ଏହି ଜାଣି ବଶା । (୧୦୨) ବ୍ରହ୍ମଜ୍ଞାନ ସେହି ।
(୧୦୩) ଯେହୁଥାଇ ଜାଣି । ସେହି ସେ ପରମ ପୁରୁଷ ବାଣୀ ॥
(୧୦୪) ମନପବନ । (୧୧୦) ଗୁରୁ ବଚନହିଂ ଶିଷ୍ୟଙ୍କୁ ତେହ୍ନେ ।
(୧୧୨) ଅଣୁ ଅପ୍ରମସ୍ତ ସୁକ୍ଷାନ ରହି । ଅନାମ ଅକ୍ଷର ପରମ ସମୂହ ॥

Digitized by srujanika@gmail.com

ଅସିଦ୍ଧ ତନୁସିଦ୍ଧ କରି ନପାରଇ । ସ୍ୱେଚ୍ଛ କର୍ମବୋଧ ଆବୋରି ମରଇ ॥୧୧୪॥
କର୍ମ ବନ୍ଧିର ସେ ବନ୍ଧି ସ୍ୱେସନ । କୁମ୍ଭାଶୟା ପୋକ ଗୃହସେସନ ॥୧୧୫॥
ଯେଉଁ ବନ୍ଧନ ଯେଉଁ କାଠଂ କାଟି । ସେହି ନାଆଂ ଘେନ ସେ କାଠପୋଡ଼ି ॥୧୧୬॥
ଯଦ୍ୟପି ସେ କାଠ ଅନଳେ ଦହିବା । ପାଉଁଶ ହେଲେକ ତାହା ପଡ଼ିବା ॥୧୧୭॥
ଜ୍ଞାନ ଅନଳେ କର୍ମଯେବେ ଦହି । ମୃତ୍ୟୁ ବନ ଣି ସ୍ୱେଚ୍ଛ ଦେହ ରହି ॥୧୧୮॥
ଯାବତ ଦହନ ନୁହଇ କର୍ମ । ଦେହଜୀବ ଘେନି ଦେହ ଜନମ ॥୧୧୯॥
ଜଳେବୁଡ଼ି ଯେସନ୍ତେ ନେଉଟି ଉଠି । ଜନ୍ମ ମରଣ ସେହିମତ ସେଠି ॥୧୨୦॥
ନିଦ୍ରାଗଲେ ଯେସନ୍ତେ ସବୁ ପାଶୋରି । ପୁଣି ଚେଆଂଇଲେ ହବୁ ଆବୋରି ॥୧୨୧॥
ଗୃହଛାଡ଼ି ଯେସନ୍ତେ ପ୍ରବାସ ଯାଇ । ଆନ ଗ୍ରାମରେ ଆନ ଗୃହ ପାଇ ॥୧୨୨॥
ବୁଝସି ହେ। ମନ ପଦ ଅମୂଲ୍ୟ । ଆତ୍ମାଧରୁ ହୋ ଦେହ ଧରତୁଲ ॥୧୨୩॥
ମନ ମୁଖ୍ୟ କରି ଇନ୍ଦ୍ରିୟ ନାନା । ଆତ୍ମାର ସବୁ ପରିବାର୍ଯ୍ୟ ସିନା ॥୧୨୪॥
ଏଥୁ ଅନନ୍ତରେ ନୋହଇ କିଛି । ଆତ୍ମାଥିଲେ ଦେହ ସ୍ୱଭାବେ ଅଛି ॥୧୨୫॥
ଆତ୍ମାପରତେ ନୋହିଲେ ସାଧକ । ଜ୍ଞାନ ଜାଣିଲି ବୋଲି ତାକୁ ଲେଖି ॥୧୨୬॥
ଶ୍ରୀଗୁଣ ଧରଣ ଯେବଣ ବୁଧ । ଘେନ ପଦବୋଧ ଛେଦ ଦୁର୍ବୁଧ ॥୧୨୭॥
ଲବଣ ଜଳଧି ଉତ୍ତର ତଟେ । ଅକ୍ଷୟେ କଳପବଟ ନିକଟେ ॥୧୨୮॥
ସ୍ୱଦେହେଂ ବିଜେ ପ୍ରଭୁ ଭଗବାନ । ନୟନ ଗୋଚରେ ନଷ୍ଟହେଂ ଜ୍ଞାନ ॥୧୨୯॥
ବିବେକ ଦମ୍ଭ ଅବିବେକ ପକ୍ଷ । ସ୍ଥୂଳ ବଚନ ବିସ୍ତରନ୍ତେ ସୂକ୍ଷ୍ମ ॥୧୩୦॥
ଉତ୍କଳ ଶ୍ରୀମୁଖ ରାଜୀବ ଡୋଳା । ଭବ ଜଳଧି ଅକାରଣେ ଭେଳା ॥୧୩୧॥
ଭଗତ ଜନମାନଙ୍କର ପାଇଁ । ରୂପ ହୋଇଅଛି ଅରୂପ ହୋଇ ॥୧୩୨॥
ସେ ଦେବ ଚରଣ କମଳେ ନତି । ଭଜେ ପ୍ରତାପରୁଦ୍ର ଗଜପତି ॥୧୩୩॥
ପଦ ଦୁର୍ଲ୍ଲଭ ସଂହିତା ସୁସାର । ତୃତୀୟ ବୋଧ ପରତେ ବିସ୍ତର ॥୧୩୪॥
ପରତେ ଯୋଗ ଲକ୍ଷଣ କଥନେ । ଅଚ୍ୟୁତ ଦାସ ସିଦ୍ଧିହେତେ ଭଣେ ॥୧୩୫॥

ଇତିଶ୍ରୀ ମନଚୈତନ୍ୟ ସଂବାଦେ ଶବ୍ଦବ୍ରହ୍ମ ସଂହିତାୟାଂ ନାମ ତୃତୀୟ ଖଣ୍ଡ ।

ଖ—(୧୧୪) ଅସିଦ୍ଧ ତନୁ ସିଦ୍ଧ କରି ରହି । ଏକା ଅବୋଧ ଆବୋରି ମରଇ ॥
(୧୨୧) ନିଦ୍ରାଗତେ ଯେସନ୍ତେ ଦେହ ପାଶୋରି ।
(୧୨୩) ଶୁଣସି ହେ। ମନ ପଦ ସମୂହ । ଆତ୍ମାର ଅକ୍ଷୟ ଦେହ ରୂ ହ ॥
(୧୨୫) ବେଷ୍ଟରେ ଅଛି ।
(୧୨୭) ଶ୍ରୀଗୁଣ ଧାରଣ ଯେବଣ ବୋଧି । ଘେନଛେଦ ପଦ ଭେଦ ଦୁର୍ବୁଧି ॥
(୧୩୦) ଠୂଳ ବଚନେ ବିସ୍ତରନ୍ତେ ସୂକ୍ଷ୍ମ । (୧୩୧) ଉତ୍ପଳ ଶ୍ରୀମୁଖ ।
(୧୩୨) ରୂପ ଧରିଛନ୍ତି । (୧୩୩) କମଳ ନତି । (ଗ) ପୋଥିରେ—ଭଜେ = ଭଣେ

Digitized by srujanika@gmail.com

ଚତୁର୍ଥ ଖାନ

ବୋଲେ ଚଇତନ ଶୁଣ ସୁମନ । ନିସ୍ପତ୍ତି ଯୋଗର ବିଦିତ ଗୁଣ ॥୧॥
ବୀଜ ପଥର ପ୍ରତିପକ୍ଷ ଅଙ୍ଗ । ଜୀବ ସାଧନେ ମନ ବୃଦ୍ଧି ଅଙ୍ଗ ॥୨॥
ତୁ ଅବା ବୋଲୁଅଛୁ ମନ ପବନ । ଦେହ ଭିତରେ ନିହନ୍ତି ସାଧନ ॥୩॥
ଏହୁ ରଖିବକୁ ଉପାୟେ ନାହିଁ । ଆବର ଜ୍ଞାନ ଆଚ୍ଛାଦିବ କାହିଁ ॥୪॥
ଆତ୍ମା ସର୍ଗି ନିଜେ ଦୂରସ୍ଥ ..ର । ଶୁଣ କହିବା ଭ୍ରାନ୍ତି ଦୂରକର ॥୫॥
ମନପବନ ବେଶ୍ମରେ ଠୂଳ । ଦୃଷ୍ଟି ଶବଦ ଏହାଙ୍କର ମୂଳ ॥୬॥
ଦେଖନ୍ତି ଯେତେକ ଶୁଣନ୍ତି ଯାହା । ଜୀବ ବକାଳେ ଆବୋରନ୍ତି ଯାହା ॥୭॥
ଦଗିବା ସୁଙ୍ଘିବା ଯହିଁଙ୍କ ନାହିଁ । ମନପବନ ତହିଁଆନ୍ତି କାହିଁ ॥୮॥
ଏଣୁ ସେ ଏହାନ୍ତି ଠୂଳ ବୋଲିବା । ଏଥକୁ ଶୁଣ ଦୃଷ୍ଟାନ୍ତର ଦେବା ॥୯॥
ପବନ ଠୂଳ ନିରାକାର ବହେ । ଫର୍ଙ୍କି ରଖିଲେ ଚର୍ମପୁଟେ ରହେ ॥୧୦॥
ମନଠୂଳ ବୋଲି ଏତେକେ ଲେଖି । ଅଗମ୍ୟ ଭୂମିକି ନପାରେ ଦେଖି ॥୧୧॥
ଅଦୃଷ୍ଟି କଥାନ୍ତି ଶୁଣଇ ସିନା । ପ୍ରକାଶ ଭେଦ ନଜାଣଇ ମନା ॥୧୨॥
ତଥିକଇ ଠୂଳ ମନପବନ । ଏଥୁ ନିରନ୍ତରେ ଅନ୍ତରେ ଜ୍ଞାନ ॥୧୩॥
ଆବର ମନ ଶୁଣ ପ୍ରତିବୋଧ । ସାଧନା ଯୋଗ ଅଜାମ୍ବର କନ୍ଧ ॥୧୪॥
ଶରୀର ପକ୍ୱ ଗଳିତ ଅଥଚା । ବୃଦ୍ଧା ପାଲଟି ଯେସଣେ ହୋଏ ଯୁବା ॥୧୫॥
ତହିଁଙ୍କ ହେତୁ କରିବଇଁ ସଛା । ନିସ୍ପତ୍ତିଯୋଗ ସିଦ୍ଧାମ୍ବର ବାଞ୍ଛା ॥୧୬॥
ଆହାର ନିଦ୍ରାମଇଥୁନ ଆଦି । କାଳ ଖଡ଼ଗ ଏ ଜ୍ଞାନର ବାଧି ॥୧୭॥
ପ୍ରଥମ ଯୋଗ ଯହିଁ ପରକାଶ । ବାହୁଡ଼ି ଏହି ଯୋଗେ ଯାଇ ନାଶ ॥୧୮॥
ଯେବଣ ଯୋଗୀ ଜାଣିବସ୍ଥେ ତନ । ସଂସାର ସଙ୍ଗେ ଥିବ ଦେହଯେନ ॥୧୯॥
ଏଥୁ ସଂଯୋଗ କାଳବେଳ ସତ । ଏଥି ଭିତରେ ଉତପତ୍ତି ଅନ୍ତ ॥୨୦॥
ବେଳ ଜାଣି ଯେବେ ଦେବ ଆହାର । କାଳକୁ ଜଗିଣ ନିଦ୍ରା ଅଧାର ॥୨୧॥
ସଂଯୋଗେ ଯେବେ ମଇଥୁନ ଜାଗି । ତାବତ ମୃତ୍ୟୁ ନପାରଇ ଲଙ୍ଘି ॥୨୨॥
ସାଧନା ଯୋଗର ଏସନ ବିଧି । ଶରୀର ଭେଦ କହୁଅଛୁ ସନ୍ଧି ॥୨୩॥
ରେଚକ କୁମ୍ଭକ ପୂରକ ଅଟେ । ପବନ ବଳେ ଏହି ଚଉବାଟେ ॥୨୪॥
ଏଥୁଂ ବାସ୍ତସ୍ତ ସହସ୍ର ନାଡ଼ି । ଶରୀରଯାକ ହୋଇଅଛି ଜଡ଼ି ॥୨୫॥

'ଖ'—(୧୮) ପ୍ରଥମ ଦେହ ଏଥୁ ପରକାଶ । (୨୦) ଏସେ କାଳବେଳ ସଂଯୋଗ ମତ ।
(୨୪) ସୁଖଖାନ ଯେହୁ ସୁନବାଟ ।

Digitized by srujanika@gmail.com

ସାତଶ ବାଅଠି ହାଡ଼ ଗଣ୍ଠି ତା । ଏହା ବାନ୍ଧିବାକୁ ସ୍ନେହ ଦେ ସୂତା ॥୨୬॥
ଏ ଗଣ୍ଠି ଭିତ୍ତି ଅନନ୍ତ ବନ୍ଧାଣି । ଅନେକ ଖଣ୍ଡି ଯୋଡ଼ିଅଛୁ ଆଣି ॥୨୭॥
ରଘୁ ପଟାନ୍ତର ହେନ ସାକାର । ଭଗନ କଦଳୀ ମଞ୍ଜା ଆକାର ॥୨୮॥
ଗଣ୍ଠି ଫିଟିଲେ ଖଣ୍ଡ ଖଣ୍ଡ ବାଟ । ଗଣ୍ଠି ଦୃଢ଼ପଣେ ଶରୀର ଆଣ୍ଠ ॥୨୯॥
ବାତପିତ୍ତ କଫ ଦ୍ୱନ୍ଦ୍ୱ ବିଯୋଗେ । ଯେ ଗଣ୍ଠି ଛେଦନ ବ୍ୟାଧି ସଂଯୋଗେ ॥୩୦॥
ବୁଝସି ହୋ ମନ ଶରୀର ଗୁଣ । ଯେମନ୍ତ ଗଣ୍ଠି ନଫିଟଇ ପୁଣ ॥୩୧॥
ଇଅଂଳା ପିଅଂଳା ଶିଶୁମୁନାକୁ । ତ୍ରିବେଣି ସଙ୍ଗମ ଘଟେ ଯାହାକୁ ॥୩୨॥
*ପ୍ରାଣ ପବନ ଯହୁଂ ପରକାଶି । ଗୃହ ଧାରଣା ବୋଲି ତାହା ଋଷି ॥୩୩॥
ନଶ୍ୱିଦବସେ ବେନଗଣ୍ଠି ଛୁଡ଼େ । ଗଣ୍ଠି ଫିଟିଲେ ଗୃହଟ୍ଟ ପଡ଼େ ॥୩୪॥
ପୁରୁଣାଘର ପରିଭବେ ନାଶେ । ଗୃହସ୍ଥ ଯାଇ ଆନଘରେ ପଶେ ॥୩୫॥
ଅଯତନ ଘର ନକଟେ ଯାଇ । ଯତନ କଲେ ସମସ୍ୟେକ ଥାଇ ॥୩୬॥
ଶୁଣସି ହୋ ମନ ସାଧନାଙ୍ଗନ । ଏହା ଊଂ ନକ୍ଷଟ କହିବା ଆନ ॥୩୭॥
ପଦପରତେ ମୂର୍ଚ୍ଛା ଏକ କର । ଜାଥନ୍ତା ରୂମ୍ଭେ ରହ ନିଜଘର ॥୩୮॥
ଗୃହସ୍ଥ ଥିଲେ ଗୃହ ଥାଇ ଜନା । ଛନ୍ଦ ଅଛନ୍ଦ ସାନ ବଡ଼ ସିନା ॥୩୯॥
ଏହା ଯେ ନରଖି ଯେବଣ ଯୋଗୀ । ତାହା ଜାଣିବା ସେ କାଳର ଭୋଗୀ ॥୪୦॥
ଏହା ରଖିବାରେ ଯେଉଂ କାରଣ । ସେ କଥାମାନ ସାବଧାନେ ଶୁଣ ॥୪୧॥
ମନ୍ତ୍ର ମହୌଷଧି ସାଧନା ଧର୍ମ । ସ୍ୱରପ୍ରକାରେ ସିଦ୍ଧକର କର୍ମ ॥୪୨॥
** ଏଥୁଂ ବାହାରେ ଆନନାହିଂ କିଛୁ । ଏ ତତ୍ତ୍ୱମନେ ସକଳହିଂ ଅଛୁ ॥୪୩॥
ସାଧନ ଯୋଗରେ ପ୍ରକାଶ ଯେତେ । ତାହିହୋ ମନ ବୁଝାଇବା ତୋତେ ॥୪୪॥
ମୂଳକମଳ ଚତୁର୍ଦ୍ଦଳ ରୂପୀ । ମନ ମରୁତ ଅନ୍ତର୍ଗତେ କ୍ଷେପୀ ॥୪୫॥
ରସନା ରୁନ୍ଧିବ କଣ୍ଠ କପାଟେ । ଉଜାଣି ଦେବ ଅଷ୍ଟଗିର ବାଟେ ॥୪୬॥

---

(୨୬) ହାଡ଼ ଗଣିତା । (୭) ଏ ଗୁଣ ଭିତ୍ତି ।

(୨୯) ଖଣ୍ଡି ଖଣ୍ଡି କାଟି, ଶରୀର ଆଣ୍ଠି । (୩୦) ବ୍ୟାଧି ଖଡ଼ଗେ ।

*ତନ ଦହୁଡ଼ି ତନଗଣ୍ଠି ମୂଳ । ସକଳ ଗଣ୍ଠି ଯାଇ ତହିଁ ଠୂଳ ।

ଗଣ୍ଠି ଠୂଳକୁ ଦୃଷ୍ଟାନ୍ତର ଜାଣ । ସତରେ ସୁଗନ୍ଧ ଯାର ଗଢ଼ଣ । (‘ଖ’ ରେ ଅଧିକ)
(୩୩) ଗୃହ ଧାରଣା ବୋଲେ ପରବାସୀ । (୩୯) ଦକ୍ଷଅଦକ୍ଷ ସାନ ବଡ଼ ସିନା ।

ଖ--(୪୧) ରଖିବାକୁ । (୪୨) ମନ ମହୌଷଧି ସାଧନା କର୍ମ ।.

** ଯେହୁ ସେ କାରଣ ସ···କୁ । ଋତ ପ୍ରମତ କର ଏହାକୁ ॥
ହେନ ଆଚରଣେ ସୁର ଅସୁର । ସିଦ୍ଧପଦ ବୋଲି କେତେ ମାତର ॥(ଖ’ରେ ଅଧିକ)
(୪୩) ଏହୁ ଭିତରେ ଆନ ନାହିଂ କିଛୁ । ଧର୍ମ ସାଧିଲେ ଧର୍ମଯୋଗ ଅଛୁ ।

Digitized by srujanika@gmail.com

ଷୋଳ ଡମ୍ବରୁ ମେରୁ ଦଣ୍ଡେଭଡ଼ । ଲମ୍ବି ତା ତଳେ ବଜ୍ରଓଡ଼ ମାଢ଼ ॥୪୭॥
ଷଟ କମଳ ପଞ୍ଚାଶ ପାଖୁଡ଼ା । ବଙ୍କନାଳ ଜାଣି ଉର୍ଦ୍ଧ୍ୱ ତୁଣ୍ଡା ॥୪୮॥
ପ୍ରାଣ ପଞ୍ଜରର ବଇଶ ହାଡ଼ । ହଂସ ପଞ୍ଜରକୁ ଏଗୁଡ଼ା ବାଡ଼ ॥୪୯॥
ଏଥିର ଉପରେ ଚର୍ମ ଘୋଡ଼ାଇ । ଭିନ୍ନ ଭିନ୍ନ କରି ଅଛି ଛଡ଼ାଇ ॥୫୦॥
ତଳେ ତଳପା ଉପରେଣ କେଶ । ଏତେକ ଯେଣ ହୋଇଅଛି ବେଶ ॥୫୧॥
ଅଣ୍ଟୁଗଣ୍ଠି କଟି ନାଭି ମୂଳକୁ । ଏତେ ଶରୀର ପାତାଳ ତଳକୁ ॥୫୨॥
ଜଠର ଠାରୁ କଟୀତଟ ଯାଏ । ମଞ୍ଚଭୁବନ ସେହୁ ମଧ୍ୟମ କାୟେ ॥୫୩॥
କବନ୍ଧଠାରୁ ବ୍ରହ୍ମରନ୍ଧ୍ର ଯାଏ । ଏହି ଶରୀରେ ବଇକୁଣ୍ଠ ହୋୟେ ॥୫୪॥
ଏଥୁଂବାହାରେ ଯେ ପରମ ଶୂନ୍ୟ । ସେ ପୁଣି ସେହୁଥେ ହୋଇଅଛି ଲୀନ ॥୫୫॥
ମହାଶୂନ୍ୟ ଭେଦ ପବନ ବହେ । ପବନ ଆଶ୍ରିତେ ବହ୍ନି ହୋୟେ ॥୫୬॥
ବହ୍ନି ବହ୍ନେ ଜଳ ପ୍ରକାଶ । ଜଳ ଉପରେ ବ୍ରହ୍ମାଣ୍ଡ ଆକାଶ ॥୫୭॥
ବ୍ରହ୍ମାଣ୍ଡ ଉପରେ ସର୍ବରଚନା । ଅଶେଷ ଜନ୍ତୁ ଚରାଚର ନାନା ॥୫୮॥
ପଞ୍ଚମହାଭୂତେ ଶରୀର ଗୋଟି । ଜଣକେ ପାଞ୍ଚ ଯେ ପଚିଶ ଗୋଟି ॥୫୯॥
ଉର୍ମ୍ମି ଧୂର୍ମ୍ମ ଆଦି ସେହୁ ଜ୍ୟୋତିକଳା । ବିନ୍ଦୁ ଆଦିକରି ସେହୁ ପଞ୍ଚକଳା ॥୬୦॥
ପାଞ୍ଚକଳାକୁ ଯେ ଦଶ ଦୁଆର । ସବୁବାଟେ ମନହୁଏ ବାହାର ॥୬୧॥
ଯେବଣ ବାଟେ ଯେଉଂ ଯୋଚପିଛି । ସେହୁକ ନଜାଣଇ ଆରେକ ଧନ୍ଧ ॥୬୨॥
ଯେତେ ଭୋଗ ସବୁ ସେହୁ ଦେହକୁ । ବିଚାର କରି ଅଛି ଯେ ତାହାକୁ ॥୬୩॥
ଏହି ପବନ ବହୁଅଛି ମୁଖେ । ଗନ୍ଧ ଆମୋଦ ନଜାଣଇ ନାକେ ॥୬୪॥
ନାସିକା ବାଟେ ପିବନ୍ତେଣ ପାଣି । ତୃଷା ନଛଣ୍ଡଇ ସ୍ୱାଦ ନଜାଣଇ ॥୬୫॥
ଦେହରେ ଗୁଡ଼ ଯେ ଲେପି ହୋଇବ । ଜିଭେ ନଦେଲେ କିସ୍ୱାଦ ପାଇବ ॥୬୬॥
ଏହି ଦେହକୁ ସର୍ବହୋଇ ଅଛି । ବିଷୟ ସୁଖେ ନଜାଣଇ କିଛି ॥୬୭॥
ହେନ ବିଗ୍ରହ ବୋଧଜନେ ଦେହ । ଗତି ଗମ୍ୟପଥ ନଜାଣେ କେହ ॥୬୮॥
ସମାଗମ ପଥ ଛାଡ଼ି ଯେ ଯାଇ । ବଣାହୋଇଲେ ଗରୁବ୍ୟଥା ପାଇ ॥୬୯॥
ଶବଦବ୍ରହ୍ମ ସହିତାର ବାଣୀ । ସ୍ୱରୂପ କରି ଭେଟାଇଲି ଆଣି ॥୭୦॥
ବିବେକଗୁଣେ ଜ୍ୟୋତି ରୂପେ ଭେଟି । ଜ୍ୟୋତିରୁଁ ଭିନ୍ନେ ଜ୍ଞାନବୋଲି ଯେଟି ॥୭୧॥

ଖ—(୪୭) ଲମ୍ବା ଜଳେ ବଜ୍ରଓଡ଼ ମାଢ଼ । (୪୯) 'ଖ'ରେ ନାହିଁ ।
୫୫, ୫୬, ୫୭ ପଦ 'ଖ'ରେ ନାହିଁ । (୫୮) ବ୍ରହ୍ମାଣ୍ଡ ଭିତରେ ସବୁରଚନା ।
(୬୦) ସେହୁ ଜ୍ୟୋତି ଜାଳା ।
(୬୯) ନଦାନ ପଥ ଛାଡ଼ିଯେବେ ଯାଇ । ବଣ ହୋଇଲେ ପରିଶ୍ରମ ପାଇ ॥
(୭୧) ଜ୍ଞାନ···ଅନ୍ଧକାର ଯେଟି । (ପାଦ ଓଲଟିଛି)

Digitized by srujanika@gmail.com

ଯଦିପ୍ରଭବ ନିର୍ବିବେକ ବଳେ । କର୍ମ ତତ୍ତ୍ୱ ଯେ ରହିଗଲା ବିଫଳେ ॥୭୨॥
ସମଦମ ଯେଣୁ ରମିବ ରସେ । ରମି ରହିବ ହିମକର ପାଶେ ॥୭୩॥
ସ୍ୱହଂଲେ ବୁଝିଲେ ଯାହା ନଦେଖି । ଅଛି ନାହିଂ ବୋଲି ତାହା ନଦେଖି ॥୭୪॥
* ମଚ ମହାଭୂତ ତତ୍ତ୍ୱଂସେ ଘରେ । ସେ ପଞ୍ଚଭୂତ ପଞ୍ଚ ପରକାରେ ॥୭୫॥
ସେଘର ଯେବେ ଆଚରି ବୁଝାଇ । ପୂର୍ବର ନଦୀ ପଶ୍ଚିମେ ବୁହାଇ ॥୭୬॥
ଘର ଚହ୍ନନ୍ତେ ଉଛୁଳଇ ଜଳ । ଜଳେ ଲହରୀ ଅନ୍ତରୀକ୍ଷେ ମାଳ ॥୭୭॥
ଯଦି ସରୋବର ପୂରିବ କର୍ମେ । ପରମ ହଂସ ମହାସୁଖେ ଭ୍ରମେ ॥୭୮॥
ଜ୍ଞାନ ଅମୃତ ଭୋଜନ ତାହାକୁ । ଯୋଗୀ ଜନମାନେ ଚିନ୍ତି ଯାହାକୁ ॥୭୯॥
ସହସ୍ର ଦଳ କମଳ ଉପରେ । ଭ୍ରମିଲ ଜଡ଼ ଚୂମ୍ବେ ମଣ୍ଡଳରେ ॥୮୦॥
ତହିଂ ଉପରେ ନିରାକୁଳ ଭୂମି । ଅଲେଖ ବିଜେ ନିରଞ୍ଜନ ସ୍ୱାମୀ ॥୮୧॥
ଯେବଣ ନୈଃଶବ୍ଦ ଅନ୍ତରୀକ୍ଷ ମଧ୍ୟେ । ଶିଶୁବେଦ ପୂର୍ଣ୍ଣ ଜ୍ଞାନ ଉଦୟେ ॥୮୨॥
ମନପବନ ନ ହିଁ ଯେଉଁ ସ୍ଥାନେ । ଅଲେଖ ଭୂମି ଅନ୍ତ ଅନ୍ତ ଜ୍ଞାନେ ॥୮୩॥
** ଏହି ସଂହିତା ବ୍ରହ୍ମମଧ୍ୟେ ବାସ୍ତୁ । ଏସେ ଅନୁଭବ ବିବେକ ସତ୍ତ୍ୱ ॥୮୪॥
ଅମର ବିଦ୍ୟା ଉପଦେଶ ବର୍ଗ । ଜୀବନ ମୁକତ ସଙ୍ଗ ଅସଙ୍ଗ ॥୮୫॥
*** ଅନନ୍ତ ସିଦ୍ଧ ଆଚରିଲେ ଯାହା । ଶାସ୍ତ୍ରବିଧି ଯେଣୁ କହିଲୁ ତାହା ॥୮୬॥
ଶାସ୍ତ୍ର ବିବର୍ଜିତ ଯେବଣ ପ୍ରାଣୀ । ପାମର ପଶୁତୁଲେ ତାହା ଗଣି ॥୮୭॥
କେବଳ ମନୁଷ୍ୟ ହୋଇଲି ଅବା । ନୋହିଲେ ଇତର ଜନବୋଲିବା ॥୮୮॥
ସଙ୍ଗ ବିବଜିତ ସେ ମହାପାପୀ । ଜୀବନ୍ତେ ନରକ ଗତି ଅଦ୍ୟାପି ॥୮୯॥

ଖ— (୭୨) ପ୍ରତିଜ୍ଞାଥିବ ବିବେକ ବଳେ । ମନ୍ତ୍ରିର ତତ୍ତ୍ୱ ଯାଇ ତହିଁ ଫଳେ ॥
(୭୩) ଶଙ୍ଖର ରସେ । ରବି ରହିବେ କି କମଳପାଶେ ॥
* ଶାନ୍ତ ଅନଳେ ଭ୍ରାନ୍ତ ଯେବେ ଦହେ । ତେବେ ସେ ପବନ ପଛଳି ବହେ ॥
ସଙ୍ଖନି ନାଳ ଭେଦି ଛିଡ଼ ଚଢ଼ । ଅର୍ଦ୍ଧଚନ୍ଦ୍ର ଧ୍ୱନି ନାଡ଼ ବଢ଼ ॥
କାଉଁରୀ ମଣ୍ଡଳ ଶ୍ରୀହଟ ଅଙ୍ଗେ । ଅମର ସରୋବରେ ତଥି ଲାଗେ ॥
ତ୍ରିବେଣୀ ସଙ୍ଗମ ହୋଇଛି ଯହିଂ । ତହୁଂଆସଇ ମହାରସ ବହି ॥('ଖ'ରେ ଅଧିକ
(୭୫) ତତ୍ତ୍ୱସେ ଘରେ ତତ୍ତ୍ୱଂ ଆସି ପୁରେ । ପଞ୍ଚ ମହାଭୂତ ତହି ନିକରେ ॥
(୭୬) ଆବୋରି ବୁହଇ । (୭୭) ଘର ପୁରନ୍ତେ । ଲହେ ଲହରୀ ······॥
(୮୩) ମନପବନ ବିବର୍ଜିତ ସ୍ଥାନେ ।
** ଶିବଯମାଦି ସମର ସକାଳ । ସହଜେ ଭ୍ରମଇ ତତବିଗୋଳ ॥ ('ଖ'ରେ ଅଧିକ)
(୮୪) ଏଇତ ଶବଦ ବ୍ରହ୍ମମଧ୍ୟେ ବାସ୍ତୁ । ଏ ସେ ବ୍ରହ୍ମଜ୍ଞାନ ବିବେକ ସତ୍ତ୍ୱ ॥
***ପରମ ହିତ ଉପଦେଶ ବାଟ । ଭ୍ରମର ଗୁମ୍ଫା ଫେଡ଼ ନର୍କବାଟ । ('ଖ'ରେଅଧିକ)
(୮୮) ଦ୍ୱିତୀ ଜନମ ବୋଲିବା ।

Digitized by srujanika@gmail.com

ପଟା ଆଗମ୍ଭେ ଦମ୍ଭପଣେ ଶ୍ରେଷ୍ଠ । ବାହାରେ କାଛେଣି ଭିତରେ ଖେଟ ॥୯୦॥
ମୂଢ଼ ପଣେ ଯେତେ କରେ ସିଦ୍ଧାନ୍ତ । ଉଦର ପୋଷନ୍ତେ ନଷ୍ଟବୃତ୍ତାନ୍ତ ॥୯୧॥
ସୁଜନମାନେ ସମ୍ପାଦିଲେ ଯାହା । ଗମି ନପାର ନଛାପିଲେ ତାହା ॥୯୨॥
ଆପଣେ ନଜାଣି ପରେ ନପୁଛେ । ମିଥ୍ୟା ଆଗମ୍ଭେ ପରଧନ ଗଛେ ॥୯୩॥
ସିଦ୍ଧ ତପ ମିଛ କଥାସ୍ତେ ଜାଣି । ବଡ଼ିମା ପଣେ ହେଉ ଥାଇ ଟାଣି ॥୯୪॥
ଦେବତୀର୍ଥ ଗୁରୁ କାହୁଁ ନଗଣେ । ଆପଣା ଗୁଣ ଆପଣେ ବଖାଣେ ॥୯୫॥
ଜନ ସମ୍ମୁଖେ ଝିଙ୍ଗାସି ଯାହାକୁ । ଦୂଷିତ ଲୋକେ ଲେଖିବା ତାହାକୁ ॥୯୬॥
ବନ୍ଧ୍ୟବିଧବ ଅକାରଣେ ଯେହ୍ନେ । ଇହ ପରଲୋକେ ସେ ଲୋକ ତେହ୍ନେ ॥୯୭॥
ବୋଲେ ଚଇତନ ସୁମନ ଶୁଣ । ଅଦୃଷ୍ଟି ଅଗ୍ରାହ୍ୟ ଜ୍ଞାନ ଗହନ ॥୯୮॥
ଯେତେ କହିବା ସେ ଶବଦ ସିନା । ନିଶବଦ ଭେଦେ ଜ୍ଞାନ ଭାବନା ॥୯୯॥
କେ ତାହା କହିବ ଶୁଣିବ କେସେ । "ଦୃଷ୍ଟାନ୍ତ ନାହିଁ ସ୍ଥୂଳ ସବୁ ସେସେ ॥୧୦୦॥
କେବଳ ଶିବେ ଜୀବ ଭେଦ ଯହିଁ । ବିଶ୍ୱ ବ୍ରହ୍ମାଣ୍ଡର ପ୍ରକାଶ ତହିଁ ॥୧୦୧॥
ବ୍ରହ୍ମ ଅବା ବୋଲି ଜ୍ଞାନ ପ୍ରକାଶ । ଅଗମ୍ୟ ଜ୍ୟୋତି ଅନ୍ତରେ ଉଦାସ ॥୧୦୨॥
ଆଦିଅନ୍ତ ମଧ୍ୟ ନାହିଁ ଯହିଁକ । ସେ ଅବା ସସାରେ ହେବ କାହିଁକ ॥୧୦୩॥
ଅରୂପ ହୋଇ ରୂପ କର୍ମା ଧରଇ । ରୂପ ଧଇଲେ ଅବଶ୍ୟ ମରଇ ॥୧୦୪॥
ଏତେ ପ୍ରମାଣ ତ ମିଛକୁ ଗଲ । ଯେସେ ଅଜ୍ଞାମ୍ବର କେମନ୍ତେ ମଲ ॥୧୦୫॥
ଏଥକୁ ଭ୍ରାନ୍ତ ନକରସି କିଛୁ । ଶୁଣ ସନ୍ଦେଶ ଯେଣେ ଛୁଡ଼ିଅଛୁ ॥୧୦୬॥
ଯହିଁ ହୁଅଇ ସବୁଙ୍କର ଅଙ୍ଗ । ସେ ପୁଣି ସବୁହିଁ ଥାଇ ନିସଙ୍ଗ ॥୧୦୭॥
ଗଗନ ଯେହ୍ନେ ଜଳଘଟ ମତ । ତେସନ ମତ ସେହୁ ସଙ୍ଗବନ୍ତ ॥୧୦୮॥
ଯହିଁ ସେ ପାଣିରେ ସବୁ ବିକାଶେ । ଚନ୍ଦ୍ରମା ଜଣି ତାରାଗଣ ଦିଶେ ॥୧୦୯॥
ସେ ପାଣି ଭିତରେ ଯେତକ ଥାଇ । ପାଣି ଉଠିଲେ କାହିଁକି ଯାଇ ॥୧୧୦॥
ଉଦକେ ଉଦକେ ଯେସନେ ପାଣି । ଜ୍ଞାନ ସଂସାର ସେହିମତ ଜାଣି ॥୧୧୧॥
ଏଥକୁ ସ୍ନେହେ ଦୃଷ୍ଟାନ୍ତର ଦେବା । କ୍ଷେତ୍ର ବାହୁନେ କି କ୍ଷେତ୍ରକ ଶୋଭା ॥୧୧୨॥
ଯଦ୍ୟପି ଜ୍ଞାନସ୍ତେ ଦୃଷ୍ଟାନ୍ତ ସ୍ନେହା । ସଂସାର ନାହିଁବେ ସେ କାହିଁ ଲେଖା ॥୧୧୩॥
ତପନ ତେଜ ନୋହିଲେ ପ୍ରକାଶ । ନୟନ ଥାଇ ସେ କରିବ କାସ ॥୧୧୪॥

---

(୯୦) ଫଟାଟମକ ଦମ୍ଭପଣେ ଆଣ୍ଠ ।
(୯୩) ମିଥ୍ୟା ଦମ୍ଭରେ ପରଧନ ଇଚ୍ଛେ । (୯୫) ବେଦ ବିପ୍ରଗୁରୁ । (୯୬) ଦୁର୍ଜନ ଲୋକ ।
(୯୭) ବନ୍ଧ୍ୟା ବିଧବା ଅକାରଣେ ଯେହ୍ନେ । (୧୦୨) ଆଗମ ଜ୍ୟୋତି ଅନ୍ତରେ ପ୍ରକାଶ ।
(୧୦୬) ଶୁଣ ସନ୍ଦେହ ଯେଣେ ଫିଟିଅଛୁ । (୧୦୮) ଗଗନ ଯେହ୍ନେ ଘଟଜଳେ ଅନ୍ତ ।
(୧୦୯) ଚନ୍ଦ୍ରମା ଯେହ୍ନେ ତାରାଗଣେ ଦିଶେ ।
(୧୧୧) ଉଦଧି ଉଦକସ୍ତେ ଯେହ୍ନେ ପ୍ରମାଣ । ଜ୍ଞାନ ସଂସାରେ ସେହିମତ ଜାଣ ॥

Digitized by srujanika@gmail.com

ବିନା ସଂଯୋଗେ କି ଚନ୍ଦ୍ରେ ବନ୍ଧନ । ଜ୍ଞାନବିଦ୍ୟାମାନ ସଂସାରେ ଘେନ ॥୧୧୫॥
ଅକ୍ଷର ବିହୁନେ ପୁସ୍ତକ ଯେହ୍ନେ । ସଂସାର ବିହୁନେ ଜ୍ଞାନହିଁ ତେହ୍ନେ ॥୧୧୬॥
ଅନେକ ମତେ ଅନେକ ପ୍ରକାଶ । ସେ ପୁଣି ସବୁହିଁ ଥାଇ ଉଦାସ ॥୧୧୭॥
ତାହାଙ୍କୁ ସେହି ଚରଚିବା ପାଇଁ । ସବୁ ହୋଇଅଛି ସବୁର ତହିଁ ॥୧୧୮॥
କେବଳ ସନ୍ତଂ ଆଣିବା ଏ ଅଛି । ତେଣୁ କରି ସେହି ସଂସାରେ ଗଛି ॥୧୧୯॥
ସେ ଯେହ୍ନେ ଆପଣେ ବସ୍ତୁ ନେଇହିବ । କେ ତାହା ପ୍ରକାଶ କାହୁଁ ଜାଣିବ ॥୧୨୦॥
ଯେବଣ ପ୍ରାଣୀର ଲୋଚନ ନାହିଁ । ସେ କିସ କରିବ ଦର୍ପଣେ ଗ୍ରହିଂ ॥୧୨୧॥
ଶୁଣସି ହୋ ମନ ପଦ ଉଚିତ । ଶବଦ ଦୂର ପଗରେ ସେ ଚଉ ॥୧୨୨॥
ଅନ୍ତର ଘଟ ପଗରେ ନସ୍ଥିତ । ଆତ୍ମା ଉପଦେଶେ ସ୍ୱେ ସ୍ୱରପ୍ରତ ॥୧୨୩॥
*ବିସ୍ତର ହେଲା ନଜଣିବ ପୁଣ । ସାଧନାବଧି ଗୁରୁମୁଖେ ଶୁଣ ॥୧୨୪॥
ବିନା ସାଧନେ ସିଦ୍ଧପଣ ନାହିଁ । ବିନା ଉଦଯୋଗେ କର୍ମହିଁ କାହିଁ ॥୧୨୫॥
ଏସନପଥେ ଅନୁଭବ କଲେ । ଦେହ ପୋନଥିବୁ ସଂସାର ତୁଲେ ॥୧୨୬॥
ସନ୍ତଂ ଏ ମନର ଅନନ୍ତ ମାୟା । ତେଣୁ ସେ ନାଶ କରୁଅଛି କାୟା ॥୧୨୭॥
**ମାନବ ଜନ୍ମେ କହିଲଇଂ ତାହା । ବିବେକ ଜନମାନେ ବୁଝ ସ୍ୱେହା ॥୧୨୮॥
ଏତେମାନ ହେତୁ ମୋହର କାହିଁ । ଯେତେ କହିଲି ପୂର୍ବପକ୍ଷ ସହିଁ ॥୧୨୯॥
ସେ ଯେ ବୋଧଜନ ବିବେକବନ୍ତ । ସେହି ସେ ଜାଣଇ ତଥି ତଦନ୍ତ ॥୧୩୦॥
ପରବ୍ରହ୍ମ ଉପଦେଶ ବାଟ । ପରମ ଗୁଂଫା ଫିଟିବ କବାଟ ॥୧୩୧॥
ସୁଜନମାନେ କରହୋ ସେନେହା । ପଦେ ପଦେ କରି ବିସ୍ତର ସ୍ୱେହା ॥୧୩୨॥
ଲେଖନର ପାଠ ଶୁଣ ଶ୍ରବଣେ । ଅପାର କାରଣ ପାଇବ ସ୍ୱେଣେ ॥୧୩୩॥
ଯେବଣ ଜ୍ଞାନ ନିରଞ୍ଜନ ମଧ୍ୟେ । ଅଛନ୍ତି ହୋଇ ଅଛି ସର୍ବଠାୟେ ॥୧୩୪॥
ଯଦ୍ୟପି ଜାଣିବ ତହିଁର ବିଧି । ତାହାର ମତେ ତାହା ତହିଁ ସିଧି ॥୧୩୫॥
ମନ ମହାପ୍ରଭୁ ଯେସନେ ଭାବେ । ତେସନଗତି ସେହି ଦେହେ ପାବେ ॥୧୩୬॥

ଖ—(୧୨୨) ଶବଦ ମଧ୍ୟର ସ୍ୱରଷ ସେହିତ ॥
*ଏଥୁଂ ବିକାଶଇ ଅଷ୍ଟାଙ୍ଗ ଯୋଗ । ଚୌରାଶୀ ଖଣ୍ଡ ଜ୍ଞାନ ଏଥୁଭୋଗ ॥
ସର୍ବଜନ୍ତୁ ମିଳି ଜନ୍ତୁ ସେ ଏକ । ପ୍ରକୃତି ପୁରୁଷ ଏକୁ ଅନେକ ॥
ପୁରାଣ ପକ୍ଷ ଘେନ ତାହା ଲେଖି । ସମସ୍ତ ଶାସ୍ତ୍ରରେ ହୋଇଛି ଦେଖି ॥
ଅଶେଷ ରୂପ ହୋଇଛି ସହିଁ । ଯେମନ୍ତ ଭାବିବ ତେମନ୍ତ ଧେହ୍ନ ॥
ଲେଖି ଲୋଡ଼ିଲେ ନାହିଁ ତାର ଲେଖ । ଦେଖି ଲୋଡ଼ିଲେ ଦେଖ ତାକୁ ଏକ ॥
ହେନ ବଚନ ହେରୁକରି ଶୁଣ । ସାଧନା ବିଧି ଗୁରୁମୁଖୁ ଶୁଣ ॥ ('ଗ'ରେ ଅଧିକ
**କାୟାନାଶ ଗଲେ ମନ ମରଇ । କେଉଁ ଜନମେ କେଉଁ ରୂପ ହୋଇ ॥
ଇତି ତଇତନ ମନ ବୋଧନେ । ଶବଦ ବ୍ରହ୍ମ ସଂହିତା ବଚନେ ॥

Digitized by srujanika@gmail.com

ଜନ୍ମାନ୍ତରେ ହେତୁ ବାସନାବଳ । କର୍ମ ବୀଜ ଉଦ୍ଧ ଯୋଗର ଫଳ ॥୧୩୭॥
ଅବଧି ବଚନ କହିଲ ସିଦ୍ଧ । ଏତ ବର୍ତ୍ତମାନ ଭୂତ ଭବିଷ୍ୟ ॥୧୩୮॥
ଯହୁଁ ସଦଗୁରୁ କଲେ କରୁଣା । ତେଣୁ କର ମୋତେ ପଦ ଫୁରୁଣା ॥୧୩୯॥
ବଚନ ଜ୍ଞାନ ଅନୁଭବେ ଜାଣି । ଲୋଚନେ ଜ୍ଞାନ ଦେଖାଇଲେ ଆଣି ॥୧୪୦॥
ନିର୍ମଳରୂପ ନୀଳଗିରି ବାସ । ଯେବଣ ଜ୍ଞାନ ଗୁଣ ପରକାଶ ॥୧୪୧॥
ଲବଣ ଜଳଧି ଉତ୍ତର ତଟେ । ରତ୍ନସିଂହାସନ ବଟ ନିକଟେ ॥୧୪୨॥
ଚସିଜକଳେବର ଚତୁର୍ଦ୍ଧା ଅଙ୍ଗ । ମନବୁଦ୍ଧି ଅହଂକାରେ ନିସଙ୍ଗ ॥୧୪୩॥
ଅନାଦି ଅଚଳ ଜ୍ୟୋତି ଯାହାର । ସ୍ଥୂଳହିଂ ନୁହଇ ଶୂନ୍ୟ ବାହାର ॥୧୪୪॥
ଦେବାଧିଦେବ ଦେବଙ୍କର ରାଜା । ପାଦେ ବେଦବର ଶଙ୍କର ପୂଜା ॥୧୪୫॥
ବିକାର ନାହିଂ ଅବିକାର ବ୍ରହ୍ମ । ଯହିଂ ଉତପତି ସକଳ କର୍ମ ॥୧୪୬॥
ଚତୁର୍ଦ୍ଧାମୂରତି ତହିଂ ବିଜେହା । ଶ୍ରୁତି ସ୍ମୃତି ବିକଳ୍ପନ୍ତ ଯାହା ॥୧୪୭॥
ଅଶେଷ ମହିମା କରୁଣାସିନ୍ଧୁ । ଆରତ ଜନମାନଙ୍କର ବନ୍ଧୁ ॥୧୪୮॥
ଆଦର ଜ୍ଞାନ ଅନୁଭବେ ଲେଖି । ଜଗନ୍ନାଥ ଜ୍ଞାନ ନୟନେ ଦେଖି ॥୧୪୯॥
ଏତେ ନିକଟେ ମହାସୁଖ ଛାଡ଼ି । କିଂପା ମୂଢ଼େ ମର ଅମଡ଼ାମାଡ଼ି ॥୧୫୦॥
ସୃଷ୍ଟି ସିଷ୍ଟି ବୃଷ୍ଟି ଯାହାର ଦତ୍ତ । ଏ ସେ ଜଗବଂଧୁ ପରମ ତତ୍ତ୍ୱ ॥୧୫୧॥
ଏହା ମହିମା କେ କହି ପାରଇ । ଦୁବେ ବାହିଲେ କି ସମୁଦ୍ର ସରଇ ॥୧୫୨॥
ଦଗୁଣ ସମୁଦ୍ର ଚତୁର ଯୁଗ । ବ୍ରହ୍ମାଙ୍କ ଏକା ଦିବାରାତ୍ରେ ଭୋଗ ॥୧୫୩॥
ବ୍ରହ୍ମ ଦିବସେ କେ ମନୁ ମରଇ । ବ୍ରହ୍ମାଣ୍ଡ ଯାକ ମହାଜଳ ପୂରଇ ॥୧୫୪॥

ଖ—ଉତ୍ତମ ବିଦ୍ୟା ଉପଦେଶ ବାଣୀ । ସନ୍ଧି କରି ଭେଟାଇଲି ଆଣି ॥
ବେଦବିଦ୍ୟା ସିଦ୍ଧାନ୍ତରେଣ ସାର । ବିଷମ ସନ୍ଧି ଏ ପଦବିସ୍ତର ॥
ଅମରଗଣ ନଜାଣନ୍ତି ଯାହା । ମାନବ ଦେହେନେ ଜାଣିମ ତାହା ॥
ଏତେମାନ ହେତୁ ତୋହର କାହିଂ । ଦେଖେ କହିଲି ପୂର୍ବ ପକ୍ଷ ଗୃହିଂ ॥
ସେ ଯେ ବୃଦ୍ଧଜନ ବିବେକବନ୍ତ । ସେହି ସେ ଜାଣଇ ଏଥିର ଅନ୍ତ ॥
ପରମହିତ ଉପଦେଶ ବାଟ । ଅମର ଗୁଂଫା ଫେଡ଼ିଣ କବାଟ ॥
ମୁକ୍ତିଜନମାନେ କର ସେନେହ । ପଦପଦକର ବିସ୍ତର ଏହ ॥
ଲେଖନ ପଠନ ଶୁଣି ଶ୍ରବଣେ । ଜୀବନ ମୁକତି ଲଭିବ ସେଣେ ॥ ('ଖ'ରେ ଅଧିକ)

(୧୩୮) ଏଥିର ବଚନ କହିଲ ସତ । ଏ ସେ ବର୍ତ୍ତମାନ ଭବିଷ ଭୂତ ॥
(୧୪୩) ତୀର୍ଥ କଳେବର— । (୧୪୪) ଠୂଳହିଂ ନୋହଇ ଶୂନ୍ୟ ବାହାର ॥
(୧୪୬) ଯହିଂ ଉତପନ ସକଳ ଧର୍ମ ॥
(୧୪୯) ଆଦର ଜ୍ୟୋତି ଅନୁମାନେ ଲେଖି । ଜଗନ୍ନାଥ ଯୋଗୀ ନୟନେ ଦେଖି ॥

Digitized by srujanika@gmail.com

ସଚରାଚର ସବୁ ଯାଇ ନାଶ । କେବଳ ଜ୍ଞାନ ଜ୍ୟୋତି ପରକାଶ ॥୧୫୫॥
ଚତୁର୍ଦ୍ଦଶ ଲୋକେ ହୋନ୍ତି ନିପାତ । ଏହି ଜଗନ୍ନାଥ ସେହି ସନାତ ॥୧୫୬॥
କେହୁଣି ମତେ ଅନ୍ତ ସହୁଂ ନୋହେ । ଅନନ୍ତ ନାମ ତେଣୁ କରି ବହେ ॥୧୫୭॥
କେବଳ କଥିତ ଭଗତ ଚରେ । ବିବେକ ଜ୍ଞାନ ଙ୍କ ଚଲଇଂ ଗୀତେ ॥୧୫୮॥
ଶ୍ରୀଗୁରୁ ଭଣ୍ଡାର ଗୁପତ ସାର । ଏଥିର ବଧି ଅପାରୁ ଅପାର ॥୧୫୯॥
ଶୁଣି ପୁଣ୍ୟଜନେ ଗୁଣବନ୍ତେ ହୃଷ୍ଟି । ଯେ ଯେତେ ସଜନ ଯେତେ ପ୍ରତପ୍ତ ॥୧୬୦॥
ମଣିବା ଦୁର୍ଲ୍ଲଭ ଶୁଣିବା ସୁଖ । ଦୁଃଖୀ ସେ ଜାଣଇ ଦୁଃଖୀର ଦୁଃଖ ॥୧୬୧॥
ଅଚ୍ୟୁତଦାସ ସିଙ୍ଘ ଜନେ ସଙ୍ଗ । ଅଖିଳ ଜଗତ ଅଖିଳ ଅଙ୍ଗ ॥୧୬୨॥
ଏଥୁଂ ତରିବାକୁ ଯାହାର ଇଚ୍ଛା । ଶାନ୍ତଗୁଣ ଘେନ ଶ୍ରୀଗୁରୁ ବାଞ୍ଛା ॥୧୬୩॥

ଇତି ଶ୍ରୀମନ୍ତ ଚୈତନ୍ୟ ସଂବାଦେ ଶବ୍ଦବ୍ରହ୍ମ ସଂହିତାୟାଂ ନାମ ଚତୁର୍ଥଖଣ୍ଡ ।

ଖ—(୧୫୮) ବିବେକଜ୍ଞାନ ବସ୍ତୁରଲ୍ ହୃତେ ॥
(୧୬୩) ଜ୍ଞାନଗୁଣ ଘେନ ଶ୍ରୀଗୁରୁ ବାଞ୍ଛା ॥

Digitized by srujanika@gmail.com